

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

# ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper

NS-EN ISO 9001:2008

ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹ 2.00

• ବର୍ଷ–୩୧ • ସଂଖ୍ୟା–୬୯ • ୬ ଅପ୍ରେଲ ୨୦୨୪, ଶନିବାର • ଭୁବନେଶ୍ୱର • Vol -31 • Issue-69 • 6th April 2024, Saturday • Bhubaneswar

Licensed to post without pre-payment of postage No- BN-60/22-24

# ଜଳିଲା ଭୁବନେଶ୍ୱର, ତାପମାତ୍ରା ୪୩ ଡିଗ୍ରୀ ଡେଇଁଲା

**ଭୁବନେଶ୍ୱର, ୫।୪**
**ନ୍ୟୁଜ୍ ବ୍ୟୁରୋ**

ସାରା ରାଜ୍ୟରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ବେଳେ ଶୁକ୍ରବାର ରାଜଧାନୀ ଭୁବନେଶ୍ୱରର ତାପମାତ୍ରା ୪୩ ଡିଗ୍ରୀ ସେଲସିୟସ ଅତିକ୍ରମ କରିଛି। ଦିନ ସାଢ଼େ ୨ଟା ସୁଦ୍ଧା ଭୁବନେଶ୍ୱରର ତାପମାତ୍ରା ୪୩.୨ ଡିଗ୍ରୀ ରେକର୍ଡ କରାଯାଇଛି। ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଏହି ସୂଚନା ଦିଆଯାଇଛି।



ସେହିପରି ଶୁକ୍ରବାର ଦିନ ସାଢ଼େ ୨ଟା ସୁଦ୍ଧା ସମ୍ବଲପୁରର ତାପମାତ୍ରା ୪୦.୮ ଡିଗ୍ରୀ ସେଲସିୟସ ରହିଥିବା ବେଳେ ହୀରାକୁଦରେ ୪୦.୬, ଚନ୍ଦବାଲିରେ ୪୦.୬, ଝାରସୁଗୁଡ଼ାରେ ୪୦.୨, ରାଉରକେଲାରେ ୩୯.୬, କେନ୍ଦୁଝରରେ ୩୯, ବାଲେଶ୍ୱରରେ ୩୭.୮, ପୁରୀରେ ୩୩, ଗୋପାଳପୁରରେ ୩୨.୨ ଓ ପାରାଦୀପରେ ୩୨ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।

ଶୁକ୍ରବାର ସକାଳୁ ଭୁବନେଶ୍ୱରରେ ଖରା ଅନୁଭୂତ ହୋଇଥିଲା। ସକାଳ ସାଢେ ୮ଟା ସୁଦ୍ଧା ଭୁବନେଶ୍ୱରର ତାପମାତ୍ରା ୩୧.୨ ଡିଗ୍ରୀ ରେକର୍ଡ କରାଯାଇଥିଲା । ଦିନ ସାଢ଼େ ୧୧ଟା ବେଳକୁ ଏହା ବଢ଼ି ୩୯.୮ ଡିଗ୍ରୀରେ ପହଞ୍ଚିଥିଲା। ଭୁବନେଶ୍ୱରର ତାପମାତ୍ରା ୪୪ ଡିଗ୍ରୀରେ ପହଞ୍ଚିବ ବୋଲି ଆକଳନ କରିଥିଲା ପାଣିପାଗ ବିଭାଗ।

ଶନିବାର ଭୁବନେଶ୍ୱରରେ ଦିନର ସର୍ବୋଚ୍ଚ ତାପମାତ୍ରା ୪୨ ଡିଗ୍ରୀ ସେଲ୍ସିୟସ ରହିବ ବୋଲି ଆକଳନ କରିଛି ପାଣିପାଗ ବିଭାଗ। ସେହିପରି ଶନିବାର ଅନୁଗୋଳ ଓ ବୌଦ୍ଧରେ ଦିନର ସର୍ବୋଚ୍ଚ ତାପମାତ୍ରା ୪୩ ଡିଗ୍ରୀ ରହିବ ବୋଲି ଆକଳନ କରାଯାଇଛି । ମାଲକାନଗିରି, ଭବାନୀପାଟଣା ଓ ଝାରସୁଗୁଡ଼ାରେ ଶନିବାର ଦିନର ସର୍ବୋଚ୍ଚ ତାପମାତ୍ରା ୪୨ ଡିଗ୍ରୀ ରହିପାରେ। ସେହିପରି ନୂଆପଡ଼ା, ବଲାଙ୍ଗୀର, *(ପୃଷ୍ଠା ୭ରେ)*

# ସମାନ ନାଗରିକ ସଂହିତା ଲାଗୁ କରିବା ଆମର ପ୍ରତିବଦ୍ଧତା : ରାଜନାଥ

**ନୂଆଦିଲ୍ଲୀ, ୫।୪**

କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଶୁକ୍ରବାର କହିଛନ୍ତି ଯେ ସମାନ ନାଗରିକ ସଂହିତା ବା ୟୁନିଫର୍ମ ସିଭିଲ କୋଡ (ୟୁସିସି) କାର୍ଯ୍ୟକାରୀ କରିବା ସରକାରଙ୍କ ପ୍ରତିବଦ୍ଧତା। ବିରୋଧୀ ମାନେ ଏହି ପ୍ରସଙ୍ଗରେ ଦେଶକୁ ବିଭ୍ରାନ୍ତ କରିବାକୁ ଚେଷ୍ଟା କରୁଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି । ଏକ ଗଣମାଧ୍ୟମ ସଂସ୍ଥା ସହ ସାକ୍ଷାତକାରରେ ରାଜନାଥ କହିଛନ୍ତି ଯେ, ମୁଁ ପୂର୍ବରୁ କହିସାରିଛି ଯେ ଇସ୍ତାହାର ବ୍ୟତୀତ ଆମେ ୟୁନିଫର୍ମ ସିଭିଲ କୋଡ ଲାଗୁ କରିବାକୁ ଚାହୁଁଛୁ । ଏହା ହେଉଛି ଆମର ଦୀର୍ଘଦିନର ବିଶ୍ୱାସ। ବିରୋଧୀ ଦଳର ଅନେକ ଲୋକ ଅଯଥାରେ ଏହି ପ୍ରସଙ୍ଗକୁ ଜାତି, ବର୍ଣ୍ଣ କିମ୍ବା ଧର୍ମ ଆଧାରରେ ଉଠାଇବାକୁ ଚେଷ୍ଟା କରୁଛନ୍ତି।

ୟୁସିସି ଶରିଆ ଅନୁଯାୟୀ ମୁସଲମାନଙ୍କ ବଞ୍ଚିବାର ଅଧିକାର ଛଡ଼ାଇ ନେବ ବୋଲି ବିରୋଧୀଙ୍କ ଅଭିଯୋଗକୁ ଖଣ୍ଡନ କରି ସିଂହ କହିଛନ୍ତି, ତାହା ସତ ନୁହେଁ



ସମସ୍ତେ ନିଜ ଇଚ୍ଛା ଅନୁଯାୟୀ ଜୀବନ ଯାପନ କରିବା ଉଚିତ । ୟୁନିଫର୍ମ ସିଭିଲ କୋଡ ଲାଗୁ କରିବାରେ କାହାର ଆପତ୍ତି ହେବା ଉଚିତ ନୁହେଁ ବୋଲି ସେ କହିଛନ୍ତି ଏବଂ ଏହା କାହାର ବିଶ୍ୱାସ କିମ୍ବା ପରମ୍ପରାକୁ କ୍ଷତି ପହଞ୍ଚାଇବ ନାହିଁ ବୋଲି ସେ କହିଛନ୍ତି।

## ବ୍ରିଟିଶ ଖବରକାଗଜର ଦାବିକୁ ଖଣ୍ଡନ କଲେ ଭାରତ ସରକାର



**ନୂଆଦିଲ୍ଲୀ, ୫।୪**

ବିଗତ କିଛି ବର୍ଷ ହେଲା ପାକିସ୍ତାନ ଓ ଅନ୍ୟ କେତେକ ଦେଶରେ ଥିବା ଭାରତ ବିରୋଧୀ ଆତଙ୍କବାଦୀଙ୍କ ଗୋଟିକ ପରେ ଗୋଟିଏ ସନ୍ଦିଗ୍ଧ ହତ୍ୟା ହୋଇଚାଲିଛି । ତେବେ ଏସବୁ ହତ୍ୟା କିଏ କରାଉଛି ?

ବ୍ରିଟିଶ ଖବରକାଗଜ 'ଦି ଗାର୍ଡିଆନ' ଏକ ରିପୋର୍ଟରେ ଦାବି କରିଛି ଯେ ଭାରତ ୨୦୨୦ ମସିହାରୁ ବିଦେଶରେ ଉପସ୍ଥିତ ଥିବା ଆତଙ୍କବାଦୀଙ୍କୁ ନିପାତ କରିବା ଲାଗି ଏହି ଅପରେସନ ଚଳାଇଛି। ଖବରକାଗଜ ଭାରତ ଓ ପାକିସ୍ତାନର ଗୁଇନ୍ଦା ଅଧିକାରୀଙ୍କ ସହ କଥାବାର୍ତ୍ତା କରିବା ସହ କିଛି ଦସ୍ତାବିଜ ଦେଖିଛି। ୨୦୧୯ରେ ପୁଲୱାମା ଆତଙ୍କବାଦୀ ଆକ୍ରମଣ ପରେ ଏହି ନୀତି ଲାଗୁ କରାଯାଇଥିଲା ବୋଲି ରିପୋର୍ଟରେ କୁହାଯାଇଛି।

ଭାରତର ଗୁଇନ୍ଦା ସଂସ୍ଥା ରିସର୍ଚ୍ଚ ଆଣ୍ଡ ଆନାଲିସିସ ୱିଙ୍ଗ (ର) ଏହାର ସ୍ଲିପର ସେଲ ଜରିଆରେ ଏହି ହତ୍ୟାକାଣ୍ଡ ଘଟାଇଥିବା ରିପୋର୍ଟରେ ଦାବି କରାଯାଇଛି । *(ପୃଷ୍ଠା ୭ରେ)*

# ୯ଟି ବିଧାନସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କଲା ବିଜେଡ଼ି



**ଭୁବନେଶ୍ୱର, ୫।୪**
**ନ୍ୟୁଜ୍ ବ୍ୟୁରୋ**

ବିଜୁ ଜନତା ଦଳ (ବିଜେଡ଼ି) ଶୁକ୍ରବାର ତୃତୀୟ ପର୍ଯ୍ୟାୟରେ ୯ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ପ୍ରାର୍ଥୀ ଘୋଷଣା କରିଛି । ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକ ଏହି ପର୍ଯ୍ୟାୟରେ ରେଙ୍ଗାଲି ପାଇଁ ସୁଦର୍ଶନ ହରିପାଲ, ରାଉରକେଲା ପାଇଁ ଶାରଦା ନାୟକ, ବୀରମିତ୍ରପୁର ପାଇଁ ରୋହିତ ଯୋଶେଫ ତିର୍କୀ, କେନ୍ଦୁଝର ପାଇଁ ମୀନା ମାଝୀ, ରାଇରଙ୍ଗପୁର ପାଇଁ ରାଇସେନ ମୁର୍ମୁ, ବାଲେଶ୍ୱର ପାଇଁ *(ପୃଷ୍ଠା ୭ରେ)*

# ନେତା ନିର୍ବାଚନ ପାଇଁ ପ୍ରଚାରରେ ବ୍ୟସ୍ତ, ଜନନେତା ଲୋକଙ୍କୁ ଫୋନ କରି ନେଉଛନ୍ତି ବିକାଶର ଅପଡେଟ୍

**ଭୁବନେଶ୍ୱର, ୫।୪**
**ନ୍ୟୁଜ୍ ବ୍ୟୁରୋ**

ସାଧାରଣ ନିର୍ବାଚନ ପାଇଁ ରାଜ୍ୟର ରାଜନୈତିକ ବାତାବରଣ ଉଷ୍ମ ହେବାରେ ଲାଗିଛି। ରାଜନେତାମାନେ ନିର୍ବାଚନ ପାଇଁ ବର୍ତ୍ତମାନ ପ୍ରଚାରରେ ବ୍ୟସ୍ତଥିବା ବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କିନ୍ତୁ ଏ କ୍ଷେତ୍ରରେ ବ୍ୟତିକ୍ରମ। ନିର୍ବାଚନ ଆସୁଥିଲେ ବି ସେ ତାଙ୍କର କାମ ବନ୍ଦ କରିନାହାନ୍ତି, କି ରାଜନୀତି ଅଙ୍କକଷାରେ ସମୟ ଦେଇ ଲୋକଙ୍କୁ ଅଣଦେଖା କରିନାହାନ୍ତି । କର୍ମତତ୍ପର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ବାଚନ ସମୟରେ ବି ସ୍ୱାଭାବିକ ଭାବେ ନିଜ କାର୍ଯ୍ୟ କରିଚାଲିଛନ୍ତି।

ନିର୍ବାଚନ ମାହୋଲରେ ଲୋକଙ୍କ ପାଇଁ ହେଉଥିବା ବିକାଶମୂଳକ କାମ ଯେପରି ଅଧାରୁ ବନ୍ଦ ନହୁଏ, ସେ ନେଇ ନବୀନ ନେଉଛନ୍ତି ଅପଡେଟ୍ । ଲୋକଙ୍କୁ ଫୋନ କରି ବୁଝୁଛନ୍ତି ବିକାଶ କାମ। ସାଧାରଣ ଲୋକଙ୍କ ସହ ଫୋନରେ କଥା ହୋଇ ବିଭିନ୍ନ ଉନ୍ନତିମୂଳକ କାମର ଟିକିନିଖି ତଦାରଖ



କରୁଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଯାହାର ଭିଡିଓକୁ ସୋସିଆଲ ମିଡିଆ ପ୍ଲାଟଫର୍ମ ଇନଷ୍ଟାଗ୍ରାମରେ ଅପଲୋଡ କରିଛନ୍ତି ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ। ବିଭିନ୍ନ ରୂପାନ୍ତରଣ ପ୍ରକଳ୍ପକୁ ନେଇ ଲୋକଙ୍କ ସହ ନବୀନ କଥାବାର୍ତ୍ତା କରୁଥିବାର ଦୃଶ୍ୟ ଏହି ଭିଡିଓରେ ରହିଛି। ବିଭିନ୍ନ ଅଞ୍ଚଳରେ ଚାଲିଥିବା ସ୍କୁଲ ରୂପାନ୍ତରଣ, ମନ୍ଦିର, ବ୍ରିଜ ଆଦି ବିକାଶ ମୂଳକ କାମ କିଭଳି ଚାଲୁଛି ଓ ସରିଲାଣି କି ନାହିଁ ସେନେଇ ମତାମତ ନେଉଛନ୍ତି । ଏପରିକି ପିଲାମାନେ ଖୁସି ଅଛନ୍ତି କି ବୋଲି ବି ନବୀନ ଲୋକଙ୍କୁ ପଚାରି ବୁଝୁଛନ୍ତି। ଲୋକମାନେ ବି ନବୀନଙ୍କ ପ୍ରଶ୍ନର ଉତ୍ତର ଦେଇ ବେଶ ଖୁସି ପ୍ରକାଶ କରିଛନ୍ତି।

ରାଜ୍ୟରେ ନିର୍ବାଚନୀ ତାତି ବଢୁଥିଲେ ମଧ୍ୟ କର୍ମଠ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପାଇଁ ଏହା କୌଣସି ଫରକ ପକାଉନାହିଁ । ଯାହା ଲୋକଙ୍କ ମୁଖ୍ୟମନ୍ତ୍ରୀ ଭାବେ ନବୀନ ପଟ୍ଟନାୟକ ଜଣେ ଅସୀମିତ ପ୍ରେରଣାର ଉତ୍ସ ବୋଲି ଭିଡିଓ ସେୟାର କରି ନିଜର ଇନଷ୍ଟାଗ୍ରାମ ପୋଷ୍ଟରେ ଉଲ୍ଲେଖ କରିଛନ୍ତି କାର୍ତ୍ତିକ ପାଣ୍ଡିଆନ।

## ଅରିନ୍ଦମ ହେଲେ କଟକ ଜିଲ୍ଲାପାଳ, ଜଗତସିଂହପୁର ପାଇଁ ଅନୁପମ ଶାହା



**ଭୁବନେଶ୍ୱର, ୫।୪**
**ନ୍ୟୁଜ୍ ବ୍ୟୁରୋ**

ଶୁକ୍ରବାର କଟକର ନୂଆ ଜିଲ୍ଲାପାଳ ନିଯୁକ୍ତ ହୋଇଛନ୍ତି । ଆଇଏଏସ୍ ଅରିନ୍ଦମ ଡାକୁଆ କଟକର ନୂଆ ଜିଲ୍ଲାପାଳ ଭାବେ ନିଯୁକ୍ତ ହୋଇଛନ୍ତି । ସେହିପରି ଜଗତସିଂହପୁର ପାଇଁ ମଧ୍ୟ ନୂଆ ଜିଲ୍ଲାପାଳ ଭାବେ ଆଇଏଏସ ଅନୁପମ ଶାହା ନିଯୁକ୍ତ ହୋଇଛନ୍ତି। ପୂର୍ବରୁ କଟକ ଏବଂ ଜଗତସିଂହପୁର ଜିଲ୍ଲାପାଳଙ୍କୁ ବଦଳି କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ନିର୍ବାଚନ କମିଶନ।

# ଅସହ୍ୟ ହେଲାଣି ତାତି : ଦିନ ୧୧ଟାରୁ ସାଢେ ୩ଟା ଯାଏଁ ଶ୍ରମିକଙ୍କୁ କାମ କରିବା ମନା

**ଭୁବନେଶ୍ୱର, ୫।୪**
**ନ୍ୟୁଜ୍ ବ୍ୟୁରୋ**

ପ୍ରବଳ ଖରାରେ ଅସ୍ତବ୍ୟସ୍ତ ଜନଜୀବନ। ଉପକୂଳରୁ ଉପାନ୍ତ ହେଉକି ବୌଦ୍ଧରୁ ଭୁବନେଶ୍ୱର ସବୁଠି ଦେଖିବାକୁ ମିଳୁଛି ତାତିର ତାଉ। ପ୍ରବଳ ଗରମ ସାଙ୍ଗକୁ ଗୁଳୁଗୁଳି ଜୀବନ ଯାତ୍ରାକୁ ପ୍ରଭାବିତ କରିଛି । ପାଣିପାଗ ବିଭାଗ ମଧ୍ୟ ସୂଚନା ଦେଇ ସାରିଛି କି ଚଳିତ ବର୍ଷ ୩ ମାସ ଧରି ଏପରି ଖରା ରହିବ। ଏପ୍ରିଲ, ମେ ଓ ଜୁନ ୩ ମାସ ଅସହ୍ୟ ଗରମ ଓ ଗୁଳୁଗୁଳି ଅନୁଭୁତ ହେବ, ଯାହାକୁ ଦୃଷ୍ଟିରେ ରଖି ରାଜ୍ୟ ଶ୍ରମ ଓ କର୍ମଚାରୀ ବୀମା ବିଭାଗ ପକ୍ଷରୁ ଦିନ ୧୧ଟାରୁ ସାଢେ ୩ଟା ଯାଏଁ ଶ୍ରମିକଙ୍କୁ କାମ କରିବା ପାଇଁ ବାରଣ କରାଯାଇଛି।

ପାଣିପାଗ ବିଭାଗର ସୂଚନା ଅନୁସାରେ ଚଳିତ ବର୍ଷ ଏପ୍ରିଲ ମାସରେ ରୌଦ୍ରତାପ ବୃଦ୍ଧି



ପାଇଥିବା ଦୃଷ୍ଟିରୁ ଚଳିତ ଗ୍ରୀଷ୍ମ ଋତୁରେ ସମ୍ଭାବ୍ୟ ରୌଦ୍ରତାପ ଜନିତ ଅଂଶୁଘାତ ଆଶଙ୍କାକୁ ଏଡାଇ ଦିଆଯାଇ ନପାରେ । ଏଣୁ ସମ୍ପୂର୍ଣ୍ଣ ଖରାରେ କାର୍ଯ୍ୟରତ ଶ୍ରମିକମାନଙ୍କ ଚଳିତ ଏପ୍ରିଲ ମାସରୁ ଜୁନ ମାସ ୧୫ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟହ ପୂର୍ବାହ୍ଣ ୧୧ଟାରୁ ଓ ଅପରାହ୍ଣ ୩.୩୦ ମଧ୍ୟରେ କାମ ନ କରିବା ପାଇଁ କୁହାଯାଇଛି। ଏଥିପାଇଁ ସମସ୍ତ ରାଜସ୍ୱ କମିଶନର ଓ ସମସ୍ତ ଜିଲ୍ଲାର ଜିଲ୍ଲାପାଳ ଓ ରାଜ୍ୟ ଶ୍ରମ କମିଶନରଙ୍କୁ *(ପୃଷ୍ଠା ୭ରେ)*

# ମଣିଷକୁ ସଂକ୍ରମିତ କରୁଛି ବାର୍ଡ ଫ୍ଲୁ: ହୋଇପାରେ କରୋନା ଭଳି ସ୍ଥିତି

**ନୂଆଦିଲ୍ଲୀ, ୫।୪**

ଲୋକଙ୍କ ପାଇଁ ଆସିଛି ଖରାପ ଖବର। ବିଶେଷଜ୍ଞମାନେ ଦେଇଛନ୍ତି ଚିନ୍ତା ବଢାଇଲା ଭଳି ଖବର। ପକ୍ଷୀ ବିଶେଷ କରି କୁକୁଡ଼ାମାନେ ବାର୍ଡ ଫ୍ଲୁରେ ସଂକ୍ରମିତ ହୁଅନ୍ତି କିନ୍ତୁ ଏହି ମାରାତ୍ମକ ଭାଇରସରେ ଜଣେ ଫାର୍ମ ଶ୍ରମିକ ସଂକ୍ରମିତ ହୋଇଛନ୍ତି।

ଆମେରିକାର ଟେକ୍ସାସରେ ଜଣେ ଶ୍ରମିକଙ୍କ ରକ୍ତ ନମୁନାରୁ ବାର୍ଡ ଫ୍ଲୁ' ଭୂତାଣୁ ଠାବ ହେବାରୁ ବିଶେଷଜ୍ଞମାନେ ସମସ୍ତଙ୍କୁ ସତର୍କ କରାଇଛନ୍ତି । ଏପ୍ରିଲ ୧ରେ ଜଣେ ବ୍ୟକ୍ତିଙ୍କ ଶରୀରରୁ ବାର୍ଡ ଫ୍ଲୁ ଭୂତାଣୁ ଠାବ ହୋଇଥିବା ଆମେରିକାର ସିଡିସି ପକ୍ଷରୁ ନିଶ୍ଚିତ କରାଯାଇଛି।

ଗୋଟିଏ ପଟେ ବିଶେଷଜ୍ଞମାନେ ଆଣ୍ଟାର୍କଟିକାରେ ହଜାର ହଜାର ପେଙ୍ଗୁଇନଙ୍କ ମୃତ୍ୟୁର କାରଣ ଖୋଜୁ ଥିବା ବେଳେ ଟେକ୍ସାସ



ପ୍ରଶାସନ ପକ୍ଷରୁ କୁହାଯାଇଛି ଯେ ଜଣେ ଫାର୍ମ ଶ୍ରମିକ ଏଚପିଏଆଇ ଏ(ଏଚ୫ଏନ୧) ଭାଇରସ ବା ବାର୍ଡ ଫ୍ଲୁରେ ସଂକ୍ରମିତ ହୋଇଛନ୍ତି। ସେ ଗୋ-ପାଳନ କରନ୍ତି। ପ୍ରଥମେ ଫାର୍ମରେ ଥିବା ଗାଈମାନେ ବାର୍ଡ ଫ୍ଲୁରେ ଆକ୍ରାନ୍ତ ହୋଇଥିଲେ। ଏହାପରେ ବ୍ୟକ୍ତିଙ୍କ ରିପୋର୍ଟ ପଜିଟିଭ ଆସିଛି।

ସଂକ୍ରମିତ ହୋଇଥିବା ବ୍ୟକ୍ତିଙ୍କ ଆଖି ନାଲି ପଡ଼ିଥିବା ବେଳେ ନିୟମିତ ପାଣି ଝରୁଛି। ଏହା ଛଡା ତାଙ୍କର ଆଉ *(ପୃଷ୍ଠା ୭ରେ)*

TATA MOTORS
Light Commercial Vehicles Dealers
24 hours help line :
Sales : 7873770000

## ଏକାଳ ସକାଳ



ବଣ୍ଟାବଣ୍ଟି ନେଇ ଫୁଲ୍ ଗଣ୍ଡଗୋଳ
ନେତାଙ୍କ ଖରାପ ମୁଣ୍ଡ
ମତେ ଦିଅ ମତେ ଦିଅ କହୁଥାନ୍ତି
ଚାରିଆଡେ ସବୁ ତୁଣ୍ଡ
ସପନ ହୋଇଲେ ଗୁଣ୍ଡ
କେହି କାହାରିକୁ ଛାଡିବେନି ଏଠି
ଧରିବେ ହାତରେ ଦଣ୍ଡ।

# ଅନ୍ୟ ରାଜନୈତିକ ଦଳ ତୁଳନାରେ ବିଜେଡ଼ି ସୁବିଧାଜନକ ସ୍ଥିତିରେ ରହିଛି



**ଭୁବନେଶ୍ୱର, ୫।୪**
**ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶାରେ ଅନ୍ୟ ରାଜନୈତିକ ଦଳ ତୁଳନାରେ ବିଜେଡ଼ି ଆଡଭାନଟେଜ୍‌ରେ ରହିଛି। ଅର୍ଥାତ୍ ଜନସମ୍ପର୍କ-ସେବା ଓ ସମର୍ଥନ ସବୁଥିରେ ବିଜେଡ଼ି ସୁବିଧାଜନକ ସ୍ଥିତିରେ ଏବଂ ଆଗରେ ରହିଛି। ୨୦୨୪ ସାଧାରଣ ନିର୍ବାଚନ ପାଇଁ ପ୍ରାର୍ଥୀ ତାଲିକା ଘୋଷଣାକୁ କେନ୍ଦ୍ର କରି ରାଜଧାନୀ ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ବିଜେପି ନେତା ଓ କର୍ମୀମାନଙ୍କର ପ୍ରତିବାଦ ବିକ୍ଷୋଭ ଚାଲୁ ରହିଥିବା ବେଳେ ବିଜେଡ଼ିରେ ସେଭଳି ଅବସ୍ଥା କୌଣସି ଠାରେ ଦେଖାଯାଇ ନାହିଁ। ବିଜେପିର ପ୍ରାର୍ଥୀ ଘୋଷଣା ପରେ ଦଳୀୟ ନେତାଙ୍କ ବିରୋଧରେ ସଙ୍ଗୀନ ଅଭିଯୋଗ ଉଠାଯାଇଥିବା ବେଳେ ବିଜେଡ଼ିରେ ଟିକେଟ୍ ପାଇ ଥାଆନ୍ତୁ ବା ନପାଇ ଥାଆନ୍ତୁ କୌଣସି ନେତା ସେମିତି କିଛି କହିନାହାନ୍ତି। ଅର୍ଥାତ୍ ଦଳୀୟ ନେତା ଓ ନେତୃତ୍ୱ ପ୍ରତି ସେମାନଙ୍କର ଅକୁଣ୍ଠ ସମର୍ଥନ ତଥା ଆନୁଗତ୍ୟ ରହିଥିବା ଏହାର ଜ୍ୱଳନ୍ତ ପ୍ରମାଣ ଦିଏ। ଏମିତି କିଛି ଖୋଲାଖୋଲି ପ୍ରକାଶ କରିଛନ୍ତି ନିର୍ବାଚନ ଲଢିବାକୁ ଯାଉଥିବା ଅନେକ ପ୍ରାର୍ଥୀ। ସେମାନେ କହିଛନ୍ତି ଓଡ଼ିଶାରେ ଶିକ୍ଷା, ସ୍ୱାସ୍ଥ୍ୟ, ଭିତ୍ତିଭୂମି ଉନ୍ନୟନ, ପାନୀୟ ଜଳ ଠାରୁ ଆରମ୍ଭ କରି ବିଭିନ୍ନ *(ପୃଷ୍ଠା ୭ରେ)*

# ଲଗାତାର ସପ୍ତମ ଥର ପାଇଁ ରେପୋ ରେଟ୍ ଅପରିବର୍ତ୍ତିତ ରଖିଲା ଆରବିଆଇ

**ମୁମ୍ବାଇ, ୫।୪**

ଅପରିବର୍ତ୍ତିତ ରହିଲା ରେପୋ ରେଟ୍। ଲଗାତାର ସପ୍ତମ ଥର ପାଇଁ ରେପୋ ରେଟ ଅପରିବର୍ତ୍ତିତ ରଖିଛି ଭାରତୀୟ ରିଜର୍ଭ ବ୍ୟାଙ୍କ। ରେପୋ ରେଟ ୬.୫ ପ୍ରତିଶତରେ ରଖିବାକୁ ଆରବିଆଇର ମନିଟାରୀ ପଲିସି କମିଟି ସମୀକ୍ଷା ବୈଠକରେ ନିଷ୍ପତ୍ତି ହୋଇଛି। ମନିଟାରୀ ପଲିସି କମିଟି ବୈଠକ ପରେ ଏ ନେଇ ଘୋଷଣା କରିଛନ୍ତି ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ଶକ୍ତିକାନ୍ତ ଦାଶ।

ମୁଦ୍ରା ନୀତିର ସମୀକ୍ଷା ଉପସ୍ଥାପନ କରୁଥିବାବେଳେ ଆରବିଆଇ ଗଭର୍ଣ୍ଣର ଶ୍ରୀ ଦାଶ କହିଛନ୍ତି ଯେ ଖାଦ୍ୟ ସାମଗ୍ରୀ ମୂଲ୍ୟରେ



ଅନିଶ୍ଚିତତା ହେତୁ ବଜାରରେ ଦରଦାମ ମହଙ୍ଗା ରହୁଛି । ଆରବିଆଇ ଏହା ଉପରେ ନଜର ରଖିଛି। ହାର ୬.୭୫ ପ୍ରତିଶତରେ ବଜାୟ ରହିଛି । ଆରବିଆଇ ଗଭର୍ଣ୍ଣର ଶକ୍ତିକାନ୍ତ ଦାସ ଆହୁରି ମଧ୍ୟ କହିଛନ୍ତି ଯେ ରେପୋ ହାରକୁ ଅପରିବର୍ତ୍ତିତ ରଖିବା ସପକ୍ଷରେ ମନିଟାରୀ *(ପୃଷ୍ଠା ୭ରେ)*







କେନ୍ଦୁଝର: ଘର ଭାଙ୍ଗୁଛି ଦନ୍ତା




ଭଳି ଭଳି ଯୋଜନା ସତ୍ତ୍ୱେ ପଲିଥିନ ତଳେ ବିତୁଛି ବିଧବା ଜାନକିଙ୍କ ଜୀବନ

### ||||||||||||||||||| ସୁବର୍ଣ୍ଣପୁର ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ବୈଠକ |||||||||||||||||||

# ଧାର୍ଯ୍ୟ ଲକ୍ଷ୍ୟ ଶତପ୍ରତିଶତ ହାସଲ ପାଇଁ ଜିଲ୍ଲାପାଳଙ୍କ ଗୁରୁତ୍ୱ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ସ୍ୱାସ୍ଥ୍ୟ ବିଭାଗର ପି.ସି.ପି.ଏନ.ଡି.ଟି. ଆଇନ, ଡି.କ୍ୟୁ.ଏ.ସି, ଡି.ଏଲ.ଏମ.ସି, ସିକିଲ ସେଲ ଏନେମିଆ ରୋଗ ତଥା ଡି.ଟି.ଏଫ. ଉପରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଉକ୍ତ ବୈଠକରେ ଜିଲ୍ଲାପାଳ ଅନ୍ୟ ଦାସ ଅଧ୍ୟକ୍ଷତା କରିଥିଲେ । ପି.ସି.ପି.ଏନ.ଡି.ଟି. ଆଇନ୍‌କୁ କଡାକଡି ପାଳନ କରିବା ପାଇଁ ତଦାରଖ କମିଟି ମାଧ୍ୟମରେ ଅଲ୍ଟ୍ରାସାଉଣ୍ଡ କେନ୍ଦ୍ର ଗୁଡିକର ନିୟମିତ ଯାଞ୍ଚ କରିବା ପାଇଁ ପରାମର୍ଶ ଦେଇଛନ୍ତି । ପୁନଶ୍ଚ ଜିଲ୍ଲାରେ ଲିଙ୍ଗ ଅନୁପାତକୁ ବଜାୟ ରଖିବା ପାଇଁ ବିଭିନ୍ନ ବିଭାଗର ସମନ୍ୱୟରେ ବ୍ୟାପକ ଜନସଚେତନତା ଗ୍ରହଣ କରିବା ପାଇଁ ଆଲୋଚନା ହୋଇଥିଲା । ସମସ୍ତ ବ୍ଲକ ସ୍ୱାସ୍ଥ୍ୟକେନ୍ଦ୍ରରେ ଅଲ୍ଟ୍ରାସାଉଣ୍ଡର ବ୍ୟବସ୍ଥା ହେବ । ସେଥିପାଇଁ ବ୍ଲକ ସ୍ୱାସ୍ଥ୍ୟ ଅଧିକାରୀ ମାନଙ୍କୁ ଯଥାବିଧି ଅତିଶୀଘ୍ର ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲାପାଳ ଶ୍ରୀମତୀ ଦାସ କାୟାକଳ୍ପ ପାଇଁ ଶତ ପ୍ରତିଶତ ତଥା ଇନକ୍ୱାସ ସାର୍ଟିଫିକେସନ ପାଇଁ ରାଜ୍ୟରୁ ଦେଇଥିବା ଲକ୍ଷ୍ୟ ଧାର୍ଯ୍ୟ ଉପରେ ଗୁରୁତ୍ୱାରୋପ କରି ଧାର୍ଯ୍ୟ ଲକ୍ଷ୍ୟକୁ ହାସଲ କରିବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସ୍ତ୍ରୀ ବନ୍ଧ୍ୟାକରଣ ପାଇଁ ଡାକ୍ତର ମାନଙ୍କର ମୂଲ୍ୟାୟନ କରି ସଂଖ୍ୟା ବଢାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଜୈବିକ ବର୍ଜ୍ୟ ବସ୍ତୁ ପରିଚାଳନା ଉପରେ ଆଲୋଚନା କରି ଜିଲ୍ଲାରେ ଥିବା ସମସ୍ତ ସ୍ୱାସ୍ଥ୍ୟ ଉପକେନ୍ଦ୍ର ଗୁଡିକୁ ପ୍ରଦୂଷଣ ବିଭାଗରୁ ପ୍ରମାଣୀକିକରଣ କରାଇବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଏହା ସହିତ ଜିଲ୍ଲାରେ ରକ୍ତ ଶିକୁଳି ରୋଗର ସ୍ଥିତି ତଥା ପ୍ରତିକାର ନିମନ୍ତେ ଟୀକାକରଣ ଉପରେ ଆଲୋଚନା ହୋଇଥିଲା । ଅନୁଷ୍ଠିତ ବୈଠକରେ ସମ୍ପୃକ୍ତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ । ଯଥା ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ଉପଜିଲ୍ଲାପାଳ ସୋନପୁର, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ), ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ, ଅଧିକ୍ଷକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଜିଲ୍ଲା ମଙ୍ଗଳ ଅଧିକାରୀ, ଡ୍ରିସିପିଓ, ସାମ୍ବାଦିକ ସ୍ୱାଧୀନ ମେହେର, ଡି.ଆଇ.ପି.ଆର.ଓ, ନିର୍ବାହୀ ଅଧିକାରୀ ପୌର ପରିଷଦ ତଥା ସ୍ୱାସ୍ଥ୍ୟ ବିଭାଗର ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।






## ଶିଶୁ ବିଦ୍ୟା ମନ୍ଦିରରେ ଉତ୍କଳ ଦିବସ ପାଳିତ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ୨୦୨୪-୨୫ ଶିକ୍ଷା ବର୍ଷର ପ୍ରଥମ ଦିନୋତ୍ସବ ଓ ଉତ୍କଳ ଦିବସ ପାଳିତ ହୋଇଯାଇଛି । ସାମ୍ବାଦିକ ତଥା ସମାଜସେବୀ ସତ୍ୟନାରାୟଣ ପାଣିଙ୍କ କରକମଳରେ ପ୍ରଦୀପ ପ୍ରଜ୍ୱଳନ ହୋଇଥିଲା । ବିଦ୍ୟାଳୟର ସମ୍ପାଦକ ସାର ପ୍ରଧାନ, ପ୍ରଧାନ ଆଚାର୍ଯ୍ୟ ଧରଣୀଧର ପରିଡ଼ା, ସହ-ପ୍ରଧାନ ଆଚାର୍ଯ୍ୟ ଅଶୋକ କୁମାର ପୁରୋହିତ ମଞ୍ଚରେ ଉପସ୍ଥିତ ଥିଲେ । ଶିକ୍ଷାବର୍ଷଟି ସୁଖ ସମୃଦ୍ଧ ତଥା ସଠିକ୍ ଭାବେ ପରିଚାଳିତ ହେବା ପାଇଁ ଏକ ହୋମ ଯଜ୍ଞ କରାଯାଇଥିଲା । କାର୍ଯ୍ୟକ୍ରମରେ ସମସ୍ତ ଗୁରୁଜୀ ଗୁରୁମା ତଥା ସେବକ ସେବିକା ସହଯୋଗ କରିଥିଲେ । ଶେଷରେ ଗୁରୁଜୀ ଅଶୋକ କୁମାର ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ ।

## ଜିଲ୍ଲା ଯାଦବ ମହାସଭାର କାର୍ଯ୍ୟକାରିଣୀ ବୈଠକ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ଯାଦବ ମହାସଭାର କାର୍ଯ୍ୟକାରିଣୀ ବୈଠକ ସଭାପତି ପ୍ରଭାକର ପଲାଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ବିଜୟ କୁମାର ପରିଡା, ଉପସଭାପତି ଚିତରଞ୍ଜନ ଦାସ, ଯୁବ ସଭାପତି ମନୋଜ କୁମାର ଦାସ, ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ପ୍ରଫୁଲ୍ଲ କୁମାର ଦାସ, ଉପଦେଷ୍ଟା ନାରାୟଣ ପ୍ରସାଦ ଦାସ ପ୍ରମୁଖ ଉପସ୍ଥିତ ରହି ଯାଦବ ମହାସଭାର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ । ନୂତନ ଯାଦବ ଭବନର ଶୁଭ ଉଦ୍‌ଘାଟନ ଓ ଜାତି ଉଦ୍ଦେଶ୍ୟରେ ଲୋକାର୍ପଣ କରିବା ପାଇଁ ଆଲୋଚନା କରାଯାଇଥିଲା । ଜିଲ୍ଲାର ୯ଟି ବ୍ଲକ ଓ ୨ଟି ପୌରାଞ୍ଚଳର ସଂଗଠନ ସୁଦୃଢ କରିବା, ଜାତି, ଲଉଡି ଓ ସଂସ୍କୃତି ଐତିହ୍ୟ ପରମ୍ପରାକୁ ଉଦ୍‌ଜିବିତ କରିବା ପାଇଁ ଆଲୋଚନା କରାଯାଇଥିଲା । ଆର୍ଥିକ ବ୍ୟବସ୍ଥାର ଉନ୍ନତି ପାଇଁ ଚେଷ୍ଟା କରିବାକୁ ଏହି ବୈଠକରେ ଆଲୋଚନା କରାଯାଇଥିଲା । ୨୦୨୪ ନିର୍ବାଚନରେ ୩ ଗୋଟି ପ୍ରମୁଖ ଦଳ ଏ ଜାତିକୁ ଅଣଦେଖା କରିବା, ଆମର ସଂଖ୍ୟା ୪ ଲକ୍ଷରୁ ଅଧିକ ଭୋଟର ଏହାର ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବାକୁ ନିଷ୍ପତି ନିଆଯାଇଛି । ଆୟୋଜିତ ଏହି ବୈଠକରେ ଧ୍ରେନ୍ଦ୍ର କୁମାର ପୃଷ୍ଟି, ମନୋଜ କୁମାର ପରିଡା, ଚିନ୍ମୟ କୁମାର ଦାସ, ଅଜୟ କୁମାର ଦାସ, ଶେଖର ବାରିକ, ସରଜୁ ଦାସ, ପ୍ରଦୀପ ଦାସ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।

## ଭାରତୀ ବିଦ୍ୟାପୀଠ ୧୯୮୪ ମାଟ୍ରିକ୍ ବ୍ୟାଚ୍‌ର ବନ୍ଧୁମିଳନ



**ରମ୍ଭା, ନ୍ୟୁଜ୍ ବ୍ୟୁରୋ**

ଗଞ୍ଜାମ ସହର ସ୍ଥିତ ମା ' ବୁଢ଼ୀ ଠାକୁରାଣୀ ମନ୍ଦିର ପ୍ରାଙ୍ଗଣରେ ଗଞ୍ଜାମ ସହର ଭାରତୀ ବିଦ୍ୟାପୀଠ ୧୯୮୪ ମାଟ୍ରିକ୍ ବ୍ୟାଚ୍ ଛାତ୍ରଙ୍କ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଉମାକାନ୍ତ ବେହେରାଙ୍କ ପୌରୋହିତ୍ୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ପ୍ରାକ୍ତନ ଶିକ୍ଷକ ବିପ୍ର ଚରଣ ବିଶୋଇ ମୁଖ୍ୟଅତିଥି ଭାବେ ଯୋଗଦେଇ ମହାଭାରତ କାହାଣୀ ଉପରେ ଆଧାରିତ ଭଗବାନ ଶ୍ରୀକୃଷ୍ଣଙ୍କ କାହାଣୀ ସମ୍ପର୍କିତ ହିତଉପଦେଶ ପ୍ରଦାନ କରିବା ସହ ସୁସ୍ଥ ମାନବ ସମାଜ ଗଠନ କରିବା ପାଇଁ ପରାମର୍ଶ ଦେଇଥିଲେ । ପ୍ରାରମ୍ଭରେ ସମସ୍ତ ପ୍ରାକ୍ତନ ଛାତ୍ର ତାଙ୍କୁ ପାଛୋଟି ଆଣିବା ସହ ଉପଢୌକନ ଓ ପୁଷ୍ପଗୁଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ସମସ୍ତଙ୍କ ମଧ୍ୟରେ ଭାବ ବିନିମୟ ହେବା ସହ ଭାଇଚାରା ସୃଷ୍ଟି ହୋଇଥିଲା । ସୁରେଶ ମହାପାତ୍ର, ଅଶୋକ କୁମାର ବେହେରା, ପ୍ରଦୀପ୍ତ ପ୍ରତାପ ପଟ୍ଟନାୟକ, ଫକୀର ପଟ୍ଟନାୟକ, ରାକେଶ କୁମାର ଦାଶ, ପ୍ରମୋଦ ପାଣିଗ୍ରାହୀ, ବିକ୍ରମ ବେହେରା, କମଳ ଲୋଚନ ବେହେରା, ନୃସିଂହ ପାଢ଼ୀ, ଦୁଃଖିଶ୍ୟାମ ଗୌଡ଼, ମହେନ୍ଦ୍ର ପଣ୍ଡା, ସତ୍ୟ ନାରାୟଣ ବେହେରା, ହରିବନ୍ଧୁ ସାହୁ, ଜଗନ୍ନାଥ ବେହେରା, ବିଶ୍ୱନାଥ ସାମନ୍ତରା, ରାଜେନ୍ଦ୍ର ସେନାପତି, ଗାନ୍ଧୀ ପଟ୍ଟନାୟକ, ଶ୍ରୀଧର ବେହେରା, ରମେଶ ନାୟକ, ଜଗନ୍ନାଥ ଦାଶ, ଲୋକନାଥ ବେହେରା, ମହେନ୍ଦ୍ର ବେହେରା, ନିତେଇ ବାରିକ, ନାରାୟଣ ପଣ୍ଡା, ଦିବାକର ଗୌଡ଼ ପ୍ରମୁଖଙ୍କ ସହ ସମସ୍ତ ପ୍ରାକ୍ତନ ଛାତ୍ର ଉପସ୍ଥିତ ରହିଥିଲେ ।

# ବାର୍‌ହା ଓ ମାଙ୍କଡ଼ ଉପଦ୍ରବ ରୋକୁଛି ଆନିମଲ୍ ରିପ୍ଲେଣ୍ଟ୍ ମେସିନ୍

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଗଞ୍ଜାମ ଜିଲ୍ଲା ଚାଷୀ ବହୁଳ । ଏଠାରେ ବିଭିନ୍ନ ପ୍ରକାର ଚାଷ ଦେଖିବାକୁ ମିଳେ । ଚାଷର ବିଭିନ୍ନ ଋତୁରେ ଏଠାରେ ଭିନ୍ନ ଭିନ୍ନ ଚାଷ ଦେଖିବାକୁ ମିଳେ । ଖରିଫ୍‌ରେ ଧାନ ବ୍ୟତୀତ ରବି ଓ ଅନ୍ୟାନ୍ୟ ସମୟରେ ପନିପରିବା, ଫୁଲ, ଫଳ ଚାଷ ଏଠାରେ ପ୍ରଚୁର ପରିମାଣରେ ଦୃଷ୍ଟିଗୋଚର ହୁଏ । ହେଲେ ପ୍ରତିଟି ସମୟରେ ଏହି ଜିଲ୍ଲାରେ ଅଦିନିଆ ବର୍ଷା ସମେତ ପ୍ରାକୃତିକ ବିପର୍ଯ୍ୟୟ ଭଳି ସ୍ଥିତି ଦ୍ୱାରା ଚାଷୀଙ୍କୁ କ୍ଷତି ସହିବାକୁ ପଡ଼ିଥାଏ । ଏହାଠାରୁ ଅଧିକ ସମସ୍ୟା ହୋଇଥାଏ ବାରହା ଓ ମାଙ୍କଡ଼ ଉପଦ୍ରବ । ଠିକ୍ ଉତ୍ପାଦନ ଯୋଗୁଁ ଚାଷୀ କ୍ଷତି ସହିବାକୁ ପଡ଼େ । ଏଣେ ଗଞ୍ଜାମର ପୁରପଲ୍ଲୀ ପନିପରିବା, ଫୁଲ ଇତ୍ୟାଦି ଚାଷ ଲାଗି ପ୍ରସିଦ୍ଧ । ହେଲେ ବିଭିନ୍ନ ପଶୁଙ୍କ ଉପଦ୍ରବ ଯୋଗୁଁ ଏଠାରେ ଚାଷକାର୍ଯ୍ୟ ବାଧାପ୍ରାପ୍ତ ହେଉଥିବା ନଜିର ରହିଛି । ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଓ କୃଷି ବିଜ୍ଞାନ କେନ୍ଦ୍ର ବ୍ରହ୍ମପୁର ପକ୍ଷରୁ କାର୍ଯ୍ୟକାରୀ କରାଯାଉଥିବା ଏକ ପ୍ରକଳ୍ପ ଯୋଗୁଁ ଚାଷ ଉପଦ୍ରବରୁ ମୁକ୍ତି ପାଉଥିବା ଜଣାଯାଇଛି । ସୂଚନା ପ୍ରକାରେ ଗତ କିଛି ବର୍ଷ ହେବ ଗଞ୍ଜାମରେ ବାରହା ଓ ମାଙ୍କଡ଼ ଉପଦ୍ରବ ବୃଦ୍ଧି ପାଇବାରେ ଲାଗିଛି । ଏଥିପାଇଁ ଚାଷୀ ତାର ପ୍ରାପ୍ୟ ପାଇବାରୁ ବଞ୍ଚିତ ହୋଇଛି । ଏହାକୁ ଦୃଷ୍ଟିରେ ରଖି କୃଷି ବିଜ୍ଞାନ କେନ୍ଦ୍ର ବ୍ରହ୍ମପୁର ପକ୍ଷରୁ ଗବେଷଣା କରି ନିର୍ମାଣ କରାଯାଇଥିବା ଏକ ସୌରଚାଳିତ ଯନ୍ତ୍ରପାତି ବ୍ୟବହାରକୁ ଗୁରୁତ୍ୱ ଦିଆଯାଉଛି । ବାରହା ଓ ମାଙ୍କଡ଼ ଉପଦ୍ରବ ରୋକିବା ଲାଗି ଏବେ ଜିଲ୍ଲାର ବିଭିନ୍ନ ଗ୍ରାମାଞ୍ଚଳରେ ସୋଲାର ୱାଇଲ୍ଡ ଆନିମଲ୍ ରିପ୍ଲେଣ୍ଟ ମେସିନ୍‌ର ବ୍ୟବହାର ବୃଦ୍ଧି ହୋଇଛି । ଫସଲକୁ ସୁରକ୍ଷିତ ରଖିବା ଲାଗି ଚାଷୀ, ବୟୋଜୈଷ୍ଟ, ମହିଳା ସ୍ୱୟଂ ସହାୟକିକା ସଦସ୍ୟଙ୍କୁ ସଚେତନ କରାଯାଉଥିବା ବ୍ରହ୍ମପୁର କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡ଼. ସୁଜିତ କୁମାର ନାଥ କହିଛନ୍ତି । ଏହି




ଯନ୍ତ୍ରପାତି ଅଧିକ ଶବ୍ଦଶୀଳ ହୋଇଥିବାରୁ ଏହାର ପ୍ରଭାବରେ ଫସଲ ଉତ୍ପାଦନ ସ୍ଥାନରୁ ବାରହ ଓ ମାଙ୍କଡ଼ ଦୂରେଇ ଯାଆନ୍ତି । ବୈଜ୍ଞାନିକ ଡ଼. ନାଥଙ୍କ କହିବା ଅନୁସାରେ ୨୦୨୩ ମସିହାରେ ଏହି ଯନ୍ତ୍ରପାତି ଗଞ୍ଜାମରେ ବ୍ୟବହାର ଆରମ୍ଭ ହୋଇଥିଲା । ପ୍ରଥମାର୍ଦ୍ଧରେ ରଙ୍ଗେଇଲୁଣ୍ଡା ଓ ଚିକିଟୀ ବ୍ଲକ୍‌ରେ ବ୍ୟବସାୟକୁ ଗୁରୁତ୍ୱ ଦିଆଯାଇଥିଲା । ଶାସନପଦର, ଚିକରଡ଼ା, ରଙ୍ଗେଇଲୁଣ୍ଡା, ମେଦିନିପୁର, କୁସୁମି ପ୍ରଭୃତି ଗ୍ରାମରେ ବ୍ୟବହାର କରାଯାଇଛି । ଫଳରେ ଏଠାରେ ମାଙ୍କଡ଼ ଓ ବାର୍‌ହା ଉପଦ୍ରବ ବହୁ ମାତ୍ରାରେ କମିଯାଇଛି । ଏହା ସୌରଚାଳିତ ଯନ୍ତ୍ରପାତି । ଏଥିପାଇଁ ବିଦ୍ୟୁତ୍ ଆବଶ୍ୟକତା ପଡ଼େନି । ଏହା ଯନ୍ତ୍ରପାତି ସ୍ଥାପିତ ସ୍ଥାନରେ ଅଧିକ ଶବ୍ଦ ହୋଇଥାଏ । ଫଳରେ ବାର୍‌ହା ଓ ଅନ୍ୟାନ୍ୟ ପଶୁ କୃଷି କ୍ଷେତ୍ରରୁ ଦୂରେଇ ଯାଆନ୍ତି । ନରେନ୍ଦ୍ର ସରକାର କାର୍ଯ୍ୟକ୍ରମ ଅଧୀନରେ ଏହି ପ୍ରକଳ୍ପକୁ ପ୍ରଥମେ ସ୍ଥାନିତ କରାଯାଇଥିଲା । ପରବର୍ତ୍ତୀ ସମୟରେ ଚାଷୀମାନେ ଆଗଭର ହୋଇ ଏହାକୁ କ୍ରୟ କରିବା ସହ ଫସଲ ସୁରକ୍ଷା ଲାଗି ଅଣ୍ଟା ଭିଡ଼ିଥିଲେ । ଏହାଦ୍ୱାରା ଗଞ୍ଜାମରେ ବହୁମାତ୍ରାରେ ସଫଳ ହୋଇଥିବା ସେ କହିଛନ୍ତି । ଏଣେ ଏହାକୁ ସର୍ବତ୍ର ବ୍ୟବହାର କରାଗଲେ ଫସଲ ଉତ୍ପାଦନ କ୍ଷେତ୍ରରେ କୌଣସି ସମସ୍ୟା ରହିବନି ବୋଲି ସେ କହିଛନ୍ତି । ଅନ୍ୟପକ୍ଷରେ ବ୍ରହ୍ମପୁର ଉପକଣ୍ଠ ସମେତ ଅନ୍ୟାନ୍ୟ ଅଞ୍ଚଳରେ ଫସଲ ଉତ୍ପାଦନ ସମୟରେ ବିଶେଷ କରି ବାର୍‌ହା ଉପଦ୍ରବ ଜଟିଳ ହେଉଥିଲା । ଏହାଦ୍ୱାରା ଚାଷୀ ଉପାୟଶୂନ୍ୟ ହୋଇ ଜମିରେ ରାତି ମଧ୍ୟ ଜଗି ରହୁଥିଲେ । ଏନେଇ ବନ ବିଭାଗ ସମେତ ପ୍ରଶାସନ ନିକଟରେ ମଧ୍ୟ ବହୁବାର ଅଭିଯୋଗ କରୁଥିଲେ । ହେଲେ ଉପରୋକ୍ତ ଯନ୍ତ୍ରପାତି ଫଳରେ ଏବେ କିଛିକାଂଶରେ ଏହି ସମସ୍ୟା ଉଭେଇ ଯାଇଛି । ଏହାର ପ୍ରଚୁର ବ୍ୟବହାର ହେଲେ ଆସ୍ତେ ଆସ୍ତେ ଉପଦ୍ରବ ସମସ୍ୟା ଟଳିବ ବୋଲି ଆଶା କରାଯାଉଛି ।

## ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁ ମିଳନ କାର୍ଯ୍ୟକ୍ରମ

**କଟକ, ନ୍ୟୁଜ୍ ବ୍ୟୁରୋ**

ସାଇଲୋ ଗୋବିନ୍ଦପୁର ହାଇସ୍କୁଲର ୧୯୭୮ ବ୍ୟାଚ୍‌ର ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ବଟକୃଷ୍ଣ କଲ୍ୟାଣମଣ୍ଡପ ଠାରେ ଅନୁଷ୍ଠିତ ହୋଇଥିଲା । ପ୍ରଥମରେ ପ୍ରଭୁ ଜଗନ୍ନାଥଙ୍କ ବିଗ୍ରହରେ ପୂଜା ଓ ମାଲ୍ୟାର୍ପଣ କରାଯାଇ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ଦିବଂଗତ ପ୍ରଧାନଶିକ୍ଷକ ବଟକୃଷ୍ଣ ବେଉରାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ପରିଚୟ ପ୍ରଦାନ ପରେ ଦିବଂଗତ ଶିକ୍ଷକ ଓ ସହପାଠୀଙ୍କ ଉଦ୍ଦେଶ୍ୟରେ ୨ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା । ସଭାକାର୍ଯ୍ୟ ଆରମ୍ଭରେ ପ୍ରତ୍ୟେକ ନିଜନିଜର ଛାତ୍ର ଜୀବନର ଅନୁଭୂତିକୁ ନେଇ ବକ୍ତୃତା ପ୍ରଦାନ କରାଯାଇଥିଲା । ଏଥିରେ ଚିତ୍ତରଞ୍ଜନ ବେହେରା, ଦିଲୀପ ମହାନ୍ତି, ଅଶୋକ ପାତ୍ର, ବୈଜୟନ୍ତୀ ମହାନ୍ତି, ସୁପ୍ରଭା ପ୍ରଧାନ, ବିଚିତ୍ର ଦାସ, ଚିନ୍ମୟ ମହାନ୍ତି, ସଂଯୁକ୍ତ ଦାସ, ପ୍ରକାଶ ଦାସ, ବିଭୂତି ସେନାପତି, ବିଚିତ୍ରାନନ୍ଦ ପାତ୍ର, ଗୋକୁଳାନନ୍ଦ ସାମନ୍ତରା, ଲକ୍ଷ୍ମୀଧର ବେହେରା, ସୁକାନ୍ତ ପାଢ଼ୀ, ଗିରିଶ ନାୟକ ଆଦି ୫୫ଜଣ ପୁରାତନ ଛାତ୍ରଛାତ୍ରୀ ଯୋଗଦାନ କରିଥିଲେ ।

## ମା' ସୁବର୍ଣ୍ଣ ବରାହୀଙ୍କ ନୂତନ ମନ୍ଦିରର ପ୍ରତିଷ୍ଠା ଉତ୍ସବ

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ଜଗତସିଂହପୁର ପୌରାଞ୍ଚଳ ଅତାମଳା ଗାଲୁପଡା ଗ୍ରାମରେ ଥିବା ଗ୍ରାମ ଦେବତୀ ମା' ସୁବର୍ଣ୍ଣ ବରାହୀଙ୍କ ନବ ନିର୍ମିତ ମନ୍ଦିରର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମଙ୍ଗଳବାର ଦିନ ଅଙ୍କୁରାରୋପଣ ଓ ଧ୍ୱାନ ଦିବସ ହୋଇଥିଲା । ବୁଧବାର ଶତାଧିକ ମହିଳାମାନେ ଏକ ପ୍ରକାର ନୂତନ ଶାଢ଼ି ପିନ୍ଧି ଢୋଲ ଘଣ୍ଟ ବାଜାଇ ତାଳେ ତାଳେ ମା'ଙ୍କ ନିକଟରୁ ଏହି ଶୋଭା ଯାତ୍ରାରେ ବାହାରି ପ୍ରଥମେ ଅତାମଳା ବଜାର ନିକଟରୁ ପରିକ୍ରମା କରି ଅଳକା ନଦୀରୁ କଳସ ଭାର ନେଇ ହାଟ ବଜାର ସୋମନାଥ ମନ୍ଦିର ପରେ ପରେ ଭଗବତୀ ମନ୍ଦିର ପର୍ଯ୍ୟନ୍ତ ପରିକ୍ରମା କରାଯାଇ ମା'ଙ୍କ ପୀଠରେ ଜଳାଭିଷେକ ଅଗ୍ନି ସ୍ଥାପନ କରାଯାଇଥିଲା । ଗୁରୁବାର ଦିନ ମହାସ୍ନାନ ଧ୍ୱଜା ଉତ୍ତୋଳନ ଶୁକ୍ରବାର ସିଂହାସନ ରୂଢ଼ା ତଥା ଦେବୀଙ୍କ ସାହାଣମେଲା ଦର୍ଶନ ପୂର୍ଣ୍ଣାହୁତି, ଶନିବାର ଅଷ୍ଟପ୍ରହରୀ ନାମଯଜ୍ଞ ପ୍ରସାଦ ସେବନ ଓ ଅନ୍ତିମ ଦିବସ ରବିବାର ନଗର ପରିକ୍ରମା କରାଯିବାର କାର୍ଯ୍ୟକ୍ରମ ରହିଛି । ଏହି ଉତ୍ସବ ଅତାମଳା ଗାଲୁପଡା ଗ୍ରାମବାସୀଙ୍କ ପୂର୍ଣ୍ଣ ସହଯୋଗରେ ଅନୁଷ୍ଠିତ ହେଉଛି ।

## ବନ୍ଧୁପୁର ଓ ଜନାର୍ଦ୍ଦନପୁରରେ ବିଜେଡ଼ିର ସାଙ୍ଗଠନିକ ବୈଠକ

**ନିଶ୍ଚିନ୍ତକୋଇଲି, ନ୍ୟୁଜ୍**

ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ ବନ୍ଧୁପୁର ଓ ଜନାର୍ଦ୍ଦନପୁର ଗ୍ରାପରେ ବିଜେଡିର ସାଙ୍ଗଠନିକ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି । ବନ୍ଧୁପୁର ଗ୍ରାପର ରଘୁନାଥ ଜୀଉ ମଠରେ ଅନୁଷ୍ଠିତ କର୍ମୀ ସମ୍ମିଳନୀରେ ସଭାପତି ନାରାୟଣ ସ୍ୱାଇଁଙ୍କ ସଂଯୋଜନା, ଜିଲ୍ଲାପରିଷଦ ସଭ୍ୟ ଇଂ ବିଳାଶ କୁମାର ଭୋଇ ସଭାପତିତ୍ୱ କରିଥିଲେ । ମୁଖ୍ୟଅତିଥି ଭାବେ କଟକ ସଦର ବିଧାୟକ ତଥା ଆଗାମୀ ନିର୍ବାଚନରେ ବିଧାୟକ ପ୍ରାର୍ଥୀ ଚନ୍ଦ୍ର ସାରଥୀ ବେହେରା ଯୋଗଦେଇ କଟକ ସଦର ପ୍ରଗତି ରଥରେ ସମସ୍ତେ ସାମିଲ ହୋଇ ଏହାର ସ୍ୱାଭିମାନକୁ ବଜାୟ ରଖିବା ପାଇଁ ଶଙ୍ଖ ଚିହ୍ନରେ ଭୋଟ୍ ଦେବାକୁ ନିବେଦନ କରିଥିଲେ । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ପ୍ରାକ୍ତନ ଜିଲ୍ଲାପରିଷଦ ସଭ୍ୟ ଅଚ୍ୟୁତାନନ୍ଦ ଦାସ, ତରଣୀସେନ ଜେନା, ପର୍ଯ୍ୟବେକ୍ଷକ ରମେଶ ଚନ୍ଦ୍ର ସ୍ୱାଇଁ, ନୃସିଂହ ଚରଣ ମୁଦୁଲି, ସରପଞ୍ଚ ଜୟନ୍ତୀ ଗୋଛାୟତ, ମାନଗୋବିନ୍ଦ ଦାସ, ଶରତ ସାମଲ, ରତିକାନ୍ତ ଭୂୟାଁ, କାଳିନ୍ଦୀ ଭୋଇ, ଚନ୍ଦ୍ରକାନ୍ତ ପରିଡାଙ୍କ ସମେତ ବହୁ କର୍ମୀ ଯୋଗଦେଇ ଶଙ୍ଖ ଚିହ୍ନରେ ବିପୁଳ ଭୋଟ୍ ଦେବାକୁ ବଜ୍ର ଶପଥ ନେଇଥିଲେ । ସେହିପରି ଜନାର୍ଦ୍ଦନପୁର ଗ୍ରାପ ଶନିଶ୍ଚର ପୀଠରେ ଆୟୋଜିତ ସାଙ୍ଗଠନିକ ବୈଠକରେ ସରପଞ୍ଚ ବିଶ୍ୱଭୂଷଣ ନାୟକ ସଭାପତିତ୍ୱ କରିଥିଲେ । ଏଥିରେ ବିଧାୟକ ପ୍ରାର୍ଥୀ ଚନ୍ଦ୍ର ସାରଥୀ ବେହେରା, ଜିଲ୍ଲାପରିଷଦ ସଭ୍ୟ ଶ୍ରୀ ଭୋଇ, ପ୍ରାକ୍ତନ ଜିଲ୍ଲାପରିଷଦ ସଭ୍ୟ ଶ୍ରୀ ଦାସ, ଶ୍ରୀ ସ୍ୱାଇଁ, ଶ୍ରୀ ମୁଦୁଲିଙ୍କ ସମେତ ପ୍ରଦୀପ୍ତ କିଶୋର ଷଡ଼ଙ୍ଗୀ, ପ୍ରମୋଦ କୁମାର ନାୟକ, ରଘୁନାଥ ପୁରୀ, ଭ୍ରମରବର ଦାସ, ମୀନକେତନ ନାୟକ, ସମିତି ସଭ୍ୟ ରଞ୍ଜନ କୁମାର ବେହେରା, ବିଜେଡି ସଭାପତି ଅଜିତ କୁମାର ସାହୁ, ତ୍ରିଲୋଚନ ରାଉତ, ରଶ୍ମିକାନ୍ତ ସ୍ୱାଇଁ, ବ୍ରହ୍ମାନନ୍ଦ ସାହୁ, ଅକ୍ଷୟ ବେହେରା ପ୍ରମୁଖ ବହୁ କର୍ମୀ ଯୋଗଦେଇ ବିଧାୟକ ଓ ସାଂସଦ ପ୍ରାର୍ଥୀଙ୍କୁ ଶଙ୍ଖଚିହ୍ନରେ ଭୋଟ୍ ଦେବାକୁ ବଜ୍ର ଶପଥ ନେଇଥିଲେ ।





# ୭ରେ ୧୩ ଦଣ୍ଡ ମିଳନ ସମାରୋହ

**ବାଲିଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

କନ୍ଧମାଳ ଜିଲ୍ଲା ବାଲିଗୁଡାରେ ଚଳିତ ମାସ ୧ ତାରିଖ ଠାରୁ ୧୩ ତାରିଖ ପର୍ଯ୍ୟନ୍ତ ମା' କାଳୀଙ୍କ ଦଣ୍ଡଯାତ୍ରା ଅନୁଷ୍ଠିତ ହେଉଅଛି । ଏହି ପରିପ୍ରେକ୍ଷୀରେ ପୂର୍ବବର୍ଷ ଭଳି ଚଳିତ ବର୍ଷ ମଧ୍ୟ ବାଲିଗୁଡା ସହରରେ ସ୍ଥାନୀୟ ପଞ୍ଚୁଦଣ୍ଡ ପରିଚାଳନା ସମିତି ଆନୁକୂଲ୍ୟରେ ୩୫ ତମ ବାର୍ଷିକ ତେର ଦଣ୍ଡ ମିଳନ ସମାରୋହ ଏପ୍ରିଲ ୭ ତାରିଖ ରବିବାର ଦିନ ଅନୁଷ୍ଠିତ ହେବ । ଏ ନେଇ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚି ଯାଇଛି । ଏଥିରେ ବାଲିଗୁଡ଼ା, ମେଲସିକିଆ, ମୋହନଗିରି, କଟେରୀଭଙ୍ଗା, ରେବିଙ୍ଗିଆ, ରୁତୁଙ୍ଗିଆ, ଗୁଡ୍ରିଗାଁ, ଦଣ୍ଡପଦର, ପୋଖରୀବନ୍ଧ, ବାଟାଗୁଡା, ବାରଖମା, ସିଟୁପଡ଼ି ଓ ପ୍ରଥମ ଥର ପାଇଁ ଜିଲ୍ଲା ବାହାରୁ ଅର୍ଥାତ୍ ରାୟଗଡା ଜିଲ୍ଲା ମୁନିଗୁଡ଼ା ଅଞ୍ଚଳର ଦଣ୍ଡ ନାଚ ଯୋଗ ଦେଉଛନ୍ତି । ଏଣୁ ଏଭଳି ଏକ ଧାର୍ମିକ କାର୍ଯ୍ୟରେ ଉପସ୍ଥିତ ରହି ମା' କାଳୀଙ୍କ ଆଶୀର୍ବାଦ ଲାଭ କରିବା ପାଇଁ ସମିତି ତରଫରୁ ଅନୁରୋଧ କରାଯାଇଛି । ତେର ଦଣ୍ଡ ମିଳନର କାର୍ଯ୍ୟସୂଚୀ ପ୍ରକାରେ ୭ ତାରିଖ ରବିବାର ସକାଳ ୮ ଘଣ୍ଟା ସମୟରେ ମା' ପାଟଖଣ୍ଡା ମନ୍ଦିରରେ ୧୩ ଦଣ୍ଡ ଦଳଙ୍କୁ ବରଣ କରାଯିବ । ଦିବା ଘ.୧୧.୩୦ମି ସମୟରେ ଟାଉନ୍‌ର ମୁଖ୍ୟ ରାସ୍ତାରେ ଧୂଳିଦଣ୍ଡ, ଅପରାହ୍ନ ଘ.୪.୩୦ମି.ରେ ଆଦର୍ଶ ପୁଷ୍କରିଣୀରେ ପାଣିଦଣ୍ଡ, ସନ୍ଧ୍ୟା ୫ଟାରେ ସବୁଠାରୁ ବିଶେଷ ଆକର୍ଷଣ ବଜାର ଛକରେ ତେର ଦଣ୍ଡର ଏକ ମହା ମିଳନ ଆୟୋଜନ କରାଯିବ । ରାତ୍ର ୮ଟା ରୁ ୧୨ଟା ପର୍ଯ୍ୟନ୍ତ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ ଏବଂ ରାତ୍ର ୧୧ ଘଟିକାରେ ଝୁଣା ଦଣ୍ଡ ପଟୁଆର ସହ ୮ ତାରିଖ ସୋମବାର ଦିନ ସକାଳ ୮ ଘଟିକାରେ ଯାତ୍ରା ସମାପନ ହେବ । ଏଣୁ ସମସ୍ତ ଅଞ୍ଚଳବାସୀ ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଯୋଗଦେବା ପାଇଁ ସମିତି ତରଫରୁ ଅନୁରୋଧ କରାଯାଇଛି । ଉକ୍ତ ଦିନ ସମସ୍ତ ପ୍ରକାର ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ବାଲିଗୁଡା ପୋଲିସ, ସମସ୍ତ ପ୍ରଶାସନିକ ଅଧିକାରୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ନାରୀ ସଂଘ, ସ୍ୱୟଂ ସହାୟକ ଗୋଷ୍ଠୀ ଭଳି ବିଭିନ୍ନ ଅନୁଷ୍ଠାନ ସହଯୋଗ କରିବା ପାଇଁ ସମ୍ମତି ପ୍ରକାଶ କରିଛନ୍ତି ।

## ପବିତ୍ର ପ୍ରଧାନ ସ୍ମାରକୀ ତରଫରୁ ମେଧାବୃତ୍ତି ପ୍ରଦାନ



**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲାର ଜଣାଶୁଣା ଅନୁଷ୍ଠାନ ପବିତ୍ର କୁମାର ପ୍ରଧାନ ସ୍ମାରକୀ ତରଫରୁ ଦ୍ୱିତୀୟ ବାର୍ଷିକ ଶ୍ରଦ୍ଧାଞ୍ଜଳୀ ଉପଲକ୍ଷେ ଛାତ୍ରଛାତ୍ରୀ ମାନଙ୍କୁ ମେଧାବୃତ୍ତି ପ୍ରଦାନ କରାଯାଇଛି । ୨୦୨୪-୨୫ ଏକାଡେମିକ ବର୍ଷରେ ରାମଚଣ୍ଡୀ ଶିକ୍ଷା ନିକେତନର ୧୦ମ ଶ୍ରେଣୀର ଛାତ୍ରୀ ଇତିଶ୍ରୀ ରାଉତ ଓ ସୋନାଲୀ ନାୟକ ନବମ ଶ୍ରେଣୀର ଅର୍ଚ୍ଚିତା ପଣ୍ଡା ଏବଂ ଅଷ୍ଟମ ଶ୍ରେଣୀ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀଙ୍କୁ ମାନପତ୍ର ଓ ୫ ହଜାର ଟଙ୍କା ଲେଖାଏଁ ମେଧାବୃତ୍ତି ରାଶି ପ୍ରଦାନ କରାଯାଇଛି । କାର୍ଯ୍ୟକ୍ରମରେ ଉତ୍କଳ କେଶରୀ ପ୍ରଧାନ, ଯଜାତି କେଶରୀ ପ୍ରଧାନ ଓ ବାସୁଦେବ ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତୀ ମାନଙ୍କୁ ମେଧାବୃତ୍ତି ପ୍ରଦାନ କରିଛନ୍ତି ।

## ପଞ୍ଚାୟତ ସ୍ତରୀୟ ମହାସଂଘ ପକ୍ଷରୁ ଜୈବିକ ଉତ୍ପାଦ ବିକ୍ରୟ କେନ୍ଦ୍ର ଶୁଭାରମ୍ଭ

**କେନ୍ଦୁଝର, ନ୍ୟୁଜ୍**

ହରିଚନ୍ଦନପୁର ବ୍ଲକର ସୁନାପେଣ୍ଟ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ନିପାଣିଆ ଗ୍ରାମରେ ଜୈବିକ ଉତ୍ପାଦ ବିକ୍ରୟ କେନ୍ଦ୍ର ଗ୍ରାମ ପଞ୍ଚାୟତ ସ୍ତରୀୟ ମହାସଂଘ ଦ୍ୱାରା ଶୁଭାରମ୍ଭ ହୋଇଛି । ଏହି କେନ୍ଦ୍ରକୁ ସ୍ଥାନୀୟ ସରପଞ୍ଚ ସୁରେଶ ଚନ୍ଦ୍ର ଦେହୁରୀ ଉଦ୍‌ଘାଟନ କରି, ପଞ୍ଚାୟତକୁ ଏକ ରାସାୟାନିକ ଓ ବିଷମୁକ୍ତ ପଞ୍ଚାୟତ ଗଢି ତୋଳିବା ନିମନ୍ତେ ଆହ୍ୱାନ କରିଥଲେ । ଏହି କ୍ଷେତ୍ରରେ ଉଚିତ୍ ପଦକ୍ଷେପ ପାଇଁ ସବୁ ସ୍ତରରେ ସଚେତନ ଉପରେ ଗୁରୁତ୍ୱ ପ୍ରଦାନ କରି ମହିଳାମାନଙ୍କୁ ସେ ସାଧୁବାଦ ଜଣାଇଥିଲେ । ଏହି କାର୍ଯ୍ୟକ୍ରମରେ ମହାସଂଘର ଶାନ୍ତିଲତା ମହନ୍ତ, ସଭାନେତ୍ରୀ, ଏମବିକେ, କୃଷି ମିତ୍ର, କୃଷକ ସାଥୀ, ସିଆରପିସିଏମ, ମହିଳା କୃଷକ ଓ ଆଞ୍ଚଳିକ ମଞ୍ଚର ସଦସ୍ୟମାନେ ଯୋଗଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସୂର୍ଯ୍ୟ ସିଂ ସୋରେନ, ଜିଲ୍ଲା ସଂଯୋଜକ ଏବଂ କୃଷ୍ଣ ଚନ୍ଦ୍ର ବାରିକ୍, ମାଷ୍ଟର ଟ୍ରେନର ଫାଉଣ୍ଡେସନ୍ ଫର୍ ଇକୋଲୋଜିକାଲ ସିକ୍ୟୁରିଟି ଉପସ୍ଥିତ ରହି ଜୈବିକ ଉତ୍ପାଦ ଓ ଏହାର ପ୍ରୟୋଗ ବିଷୟରେ ଆଲୋଚନା କରୁଥିଲେ । ବିଷ ଖାଇବା ନାହିଁ କି ଖୁଆଇବା ନାହିଁ । ସ୍ଲୋଗାନକୁ ନେଇ ଜୈବିକ ପଦ୍ଧତି ଦ୍ୱାରା କିପରି ଏକ ବିଷ ମୁକ୍ତ ଖାଦ୍ୟ ଏବଂ ପରିବେଶ ସୁରକ୍ଷା ହେବା ସହ ଜଳବାୟୁ ପରିବର୍ତ୍ତନ ହୋଇପାରିବ ବିସ୍ତୃତ ଆଲୋଚନା କରୁଥିଲେ । ଏହାସହ ଅଧିକ ପରିମାଣରେ ଜୈବିକ ଉତ୍ପାଦ ତିଆରି କରି ଉଚିତ୍ ମୂଲ୍ୟରେ ବିକ୍ରି ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି । ଏହି ବିକ୍ରୟ କେନ୍ଦ୍ରରେ ଋଷୀମାନେ ସେମାନଙ୍କ ଜୈବିକ ଉତ୍ପାଦ ଯଥା ପନିପରିବା, ଡାଲି ଜାତୀୟ ଓ ଜୈବିକ ସାର, କୀଟନାଶକ ଔଷଧ ଯଥା ବିଜମୃତ୍, ଜୀବମୃତ୍, ହାଣ୍ଡିଖତ, ଅଗ୍ନି ଅସ୍ତ୍ର, ନିମ ଗୋମୂତ୍ର ଅର୍କ ଇତ୍ୟାଦି ଆଣିଥିଲେ । ଏଭଳି ଏକ ଅଭିନବ କାର୍ଯ୍ୟକ୍ରମକୁ ସାଧାରଣରେ ସନ୍ତୋଷ ପ୍ରକାଶ ପାଇଛି ।



## ମହାବୀର ମନ୍ଦିରରେ ନବାହ୍ନ ପରାୟଣ ନାମଯଜ୍ଞ

**ନିଶ୍ଚିନ୍ତକୋଇଲି, ନ୍ୟୁଜ୍ ବ୍ୟୁରୋ**

ନିଶ୍ଚିନ୍ତକୋଇଲି ସାପ୍ତାହିକ ହାଟସ୍ଥିତ ସିଦ୍ଧ ମହାବୀର ପ୍ରାଙ୍ଗଣରେ ଶ୍ରୀ ଶ୍ରୀ ରଘୁନାଥ ଅନୁକମ୍ପା ପରିଷଦ ପକ୍ଷରୁ ୩୭ ତମ ବାର୍ଷିକ ଶ୍ରୀ ରାମଚରିତ ମାନସ ନବାହ୍ନ ପାରାୟଣ ଓ ନାମଯଜ୍ଞ ରବିବାର ଉଦ୍‌ଘାଟିତ ହୋଇଯାଇଛି । ପ୍ରତ୍ୟହ ଦିନ ପ୍ରତ୍ୟୁଷରୁ ପୂଜକ ଦୋଳ ଗୋବିନ୍ଦ ପଣ୍ଡା ମହାବୀରଙ୍କ ପୂଜାର୍ଚ୍ଚନା ହେବା ପରେ ମଙ୍ଗଳଆଳତୀ, ଗୋପୂଜା, ସୂର୍ଯ୍ୟପୂଜା, ହୋମକାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି । ଏହି ନବାହ୍ନ ପାରାୟଣରେ ନାମ ଯଜ୍ଞରେ କର୍ତ୍ତାଭାବେ ଆଇନ୍‌ଜୀବୀ ଅଶୋକ କୁମାର ମହାପାତ୍ର ଓ କର୍ତ୍ତୀ ଭାବେ ମୋନାଲିନ ମହାପାତ୍ର କାର୍ଯ୍ୟ ସମ୍ପାଦନ କରୁଛନ୍ତି । ପ୍ରତ୍ୟହ ସନ୍ଧ୍ୟାରେ ଓଡ଼ିଶାର ଲବ୍ଧ ପ୍ରତିଷ୍ଠିତ ସୁନାମଧନ୍ୟ ପ୍ରବଚକଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ ଚାଲୁ ରହିଛି । ଏହି ନବାହ୍ନ ପରାୟଣ ଶ୍ରୀରାମ ଚରିତ ଆସନ୍ତା ୮ ତାରିଖରେ ଉଦ୍‌ଯାପିତ ହେବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି । ଏହି କାର୍ଯ୍ୟକମକୁ ସଭାପତି ବଂଶୀଧର ପଣ୍ଡା, ସମ୍ପାଦକ ପ୍ରଶାନ୍ତ ପରିଜା, କୋଷାଧ୍ୟକ୍ଷ ଶଙ୍କରଲାଲ ଚଣ୍ଡାକ, ଶିବ ପ୍ରସାଦ ଷଡଙ୍ଗୀ, ହରେକୃଷ୍ଣ ରାଉତ, ମାଧବାନନ୍ଦ ମହାପାତ୍ର, ବିଶ୍ୱଜିତ ରାଉତ, ଗଗନ ବିହାରୀ ଦାସ ସମେତ ସମସ୍ତ ସଭ୍ୟ, ଗ୍ରାମବାସୀ, ସ୍ଥାନୀୟ ବଜାର ବ୍ୟବସାୟୀ ସଂଘର ସମସ୍ତ କର୍ମକର୍ତ୍ତା ସହଯୋଗ କରୁଥିବା ଜଣାଯାଇଛି ।

# ଉଦ୍‌ଯାପିତ ହେଲା ସ୍କାଉଟସ୍ ଏବଂ ଗାଇଡସ୍‌ର "କୋଷ୍ଟାଲ ଟ୍ରେକିଙ୍ଗ୍"

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ପ୍ରତିବର୍ଷ ରଥଯାତ୍ରା ସମୟରେ ଓଡ଼ିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍ ତରଫରୁ ପୁରୀ ସମୁଦ୍ର କୂଳ ସଫେଇ କାର୍ଯ୍ୟକ୍ରମ କରାଯାଇଥାଏ । ଏହି ଫଟୋଗୁଡିକୁ ଡିଜିଟାଲ ମିଡିଆରେ ପଠାଇବା ଦ୍ୱାରା ଏହାକୁ ବିଶ୍ୱ ସ୍କାଉଟ୍ ସଂଗଠନର ଦୃଷ୍ଟି ଆକର୍ଷଣ ସାଜିଥିଲା ଯାହାକି ସେମାନେ ଉପଲବ୍ଧି କଲେ ଯେ ଏଭଳି ଏକ ବିଶ୍ୱସ୍ତରୀୟ କାର୍ଯ୍ୟକ୍ରମ ପୁରୀ ସମୁଦ୍ରକୂଳରୁ ଆରମ୍ଭ କରିବା ପାଇଁ । ପ୍ରଥମେ ୨୦୨୦ ମସିହାରେ ବିଶ୍ୱ ସ୍କାଉଟ୍ ଗାଇଡ୍ ସଂଗଠନ ଦ୍ୱାରା ପୁରୀରୁ ଏହି କୋଷ୍ଟାଲ୍ ଟ୍ରେକିଙ୍ଗ୍ ଆରମ୍ଭ ହୋଇଥିଲା । ମୁଖ୍ୟ ଅତିଥି ଭାବରେ କର୍ଣ୍ଣାଟକ ଭାରତ ସ୍କାଉଟସ୍ ଏବଂ ଗାଇଡସ୍ ରାଜ୍ୟ ମୁଖ୍ୟ କମିଶନର ପି.ଜି.ଆର ସିନ୍ଧିଆ, ରାଜ୍ୟ ମୁଖ୍ୟ କମିଶନର ଡଃ. କାଳିପ୍ରସାଦ ମିଶ୍ରଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇଥିଲେ । ସୂଚନାଥାଉକି ୨୦୨୦ ମସିହା ପର ଠାରୁ ପ୍ରତିବର୍ଷ ସ୍କାଉଟ୍, ଗାଇଡ୍, ରୋଭର, ରେଞ୍ଜର ମାନଙ୍କୁ ନେଇ ଏହିଭଳି କୋଷ୍ଟାଲ ଟ୍ରେକିଙ୍ଗ୍ କାର୍ଯ୍ୟକ୍ରମ ବାଲେଶ୍ୱର, ଗଞ୍ଜାମ, ପୁରୀ, କୋଣାର୍କ, ଚନ୍ଦନେଶ୍ୱର, ଗୋପାଳପୁର, ଜଗତସିଂହପୁର, କେନ୍ଦ୍ରାପଡା, ଖୋର୍ଦ୍ଧା, ଭଦ୍ରକ, ପାରାଦ୍ୱୀପ ଏବଂ ଜଳେଶ୍ୱର ଆଦି ସମୁଦ୍ର ତଟକୂଳ ଜିଲ୍ଲାମାନଙ୍କରେ ଏହିଭଳି କାର୍ଯ୍ୟକ୍ରମମାନ କରିଥାନ୍ତି । ଏହି କୋଷ୍ଟାଲ୍ ଟ୍ରେକିଙ୍ଗ ସମୟରେ ପିଲାମାନେ ନଦୀବନ୍ଧ, ନଦୀକୂଳ, ବିଲ୍, ଜଙ୍ଗଲ ମଧ୍ୟ ଦେଇ ଯିବା ସମୟରେ ବହୁତ ଆନନ୍ଦ ଅନୁଭବ କରିବା ସଙ୍ଗେ ସଙ୍ଗେ ପ୍ରକୃତିକୁ ଉପଭୋଗ କରିଥାନ୍ତି ଏବଂ ଜଳଜୀବମାନଙ୍କୁ କିପରି ସୁରକ୍ଷା କରାଯାଇପାରିବ ସେଥିପାଇଁ ପ୍ଲାକାର୍ଡ ଧରି ଲୋକମାନଙ୍କୁ ସଚେତନ କରାଇଥାନ୍ତି । ତା୨୮.୦୩.୨୦୨୪ ରିଖଠାରୁ ଆରମ୍ଭ ହୋଇଥିବା କୋଣାର୍କରୁ ପୁରୀ ପର୍ଯ୍ୟନ୍ତ "କୋଷ୍ଟାଲ ଟ୍ରେକିଙ୍ଗ"ର ରବିବାର ଥିଲା ଅନ୍ତିମ ଦିବସ । ସକାଳୁ ପିଲାମାନେ ପୁରୀର ଗୋଲ୍ଡେନ୍ ବିଚ୍‌ରେ ରହିଥିବା ବିଭିନ୍ନ ପ୍ରକାର ଅଳିଆ ଆବର୍ଜନାକୁ ସଫା ସୁତରା କରିବା ସହିତ କିପରି ବିଚ୍ ଗୁଡିକୁ ସଫା ସୁତରା ରଖାଯାଇପାରିବ ସ୍କାଉଟ, ଗାଇଡ, ରୋଭର ଏବଂ ରେଞ୍ଜରମାନେ ପ୍ଲାକାଡ ଧରି ସେ ବିଷୟରେ ଲୋକମାନଙ୍କୁ ସଚେତନ କରାଇଥିଲେ । ଅନ୍ତିମ ଦିବସରେ ମୁଖ୍ୟ ଅତିଥି ଭାବରେ ରାଜ୍ୟ ମୁଖ୍ୟ କମିଶନର ଡଃ. କାଳିପ୍ରସାଦ ମିଶ୍ର ଯୋଗଦେଇ ନିଜ ବକ୍ତବ୍ୟରେ କହିଥିଲେ ଏଭଳି ଲୋକାଭିମୁଖି କାର୍ଯ୍ୟକ୍ରମ ଖାଲି କୋଣାର୍କ-ପୁରୀ ନୁହେଁ ସବୁ ସମୁଦ୍ର ତଟବର୍ତ୍ତୀ ଜିଲ୍ଲାମାନଙ୍କରେ କିପରି ଅଧିକରୁ ଅଧିକ କରାଯାଇପାରିବ ସେ ବିଷୟରେ ନିର୍ଦ୍ଦେଶ ଦେଇଥିଲେ । ସମ୍ମାନୀତ ଅତିଥିଭାବେ ପୁରୀ ସମୁଦ୍ର କୂଳ ଥାନା ଆଇଆଇସି ପି.କେ. ବେହେରା, ଅଧ୍ୟକ୍ଷ, ଆଡ୍‌ଭେନ୍‌ଚର କମିଟି ସ୍ୱାଧୀନ ପଣ୍ଡା, ଜିଲ୍ଲା ସମ୍ପାଦକ, ପୁରୀ ମହେନ୍ଦ୍ର କୁମାର ବିଶ୍ୱାଳ ଉପସ୍ଥିତ ରହିଥିଲେ । ରାଜ୍ୟମୁଖ୍ୟ କମିଶନର ଡଃ. ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ପ୍ରଥମ ଦିନରୁ ପିଲାମାନଙ୍କୁ କୋଷ୍ଟାଲ ଟ୍ରେକିଙ୍ଗର ଟି. ସାର୍ଟ, କ୍ୟାପ, ପାଣି ବୋତଲ ଦିଆଯାଇଥିବା ବେଳେ ମୁଖ୍ୟ ଅତିଥି ଶ୍ରୀ ମିଶ୍ରଙ୍କ ଦ୍ୱାରା ପିଲାମାନଙ୍କୁ ପ୍ରମାଣପତ୍ର ଏବଂ ଫଳକ ଦେଇ ଉତ୍ସାହିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମଟି ରାଜ୍ୟ ସହ ସମ୍ପାଦକ ମିହିର ରଞ୍ଜନ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା ।

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୬ ଅପ୍ରେଲ ୨୦୨୪ ଶନିବାର





# ସମ୍ବଲପୁରର ଆନ୍ତର୍ଜାତିକ ଲେଖକ ପୁରସ୍କାର ପ୍ରାପ୍ତ ଇସାନ ପ୍ରଜ୍ଞାଙ୍କୁ ଅଭିନନ୍ଦନ ଜଣାଇଲେ କେନ୍ଦ୍ରମନ୍ତ୍ରୀ

**ସମ୍ବଲପୁର, ନ୍ୟୁଜ୍ ବ୍ୟୁରୋ**

ଆନ୍ତର୍ଜାତିକ ସଂଗଠନ 'ବ୍ରିବୁକ୍ସ' ପକ୍ଷରୁ ଆୟୋଜିତ ପ୍ରତିଯୋଗିତାରେ ପୁରସ୍କୃତ ହୋଇଥିବା ସମ୍ବଲପୁର ସହରର ୧୦ ବର୍ଷୀୟ ଇସାନ ପ୍ରଜ୍ଞାଙ୍କୁ ଟ୍ୱିଟ୍ କରି ଅଭିନନ୍ଦନ ଜଣାଇଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଇସାନ 'ଦ ଥ୍ରୀ ଲେସନ୍' ପୁସ୍ତକ ପାଇଁ ଦ ଗୋଲ୍ଡେନ୍ ପେନ୍ ଜୁରି ଆୱାର୍ଡରେ ସମ୍ମାନିତ ହୋଇଛନ୍ତି । ସୃଜନଶୀଳତା, ଶବ୍ଦକୋଷ, ବିଷୟବସ୍ତୁ ଇତ୍ୟାଦି ଅନେକ ବିଷୟ ଉପରେ ଆଧାର କରି ତାଙ୍କୁ ଶ୍ରେଷ୍ଠ ୧୦ ଜଣଙ୍କ ମଧ୍ୟରେ ସମ୍ମାନିତ କରାଯାଇଛି । ଶ୍ରୀ ପ୍ରଧାନ ଟ୍ୱିଟ୍‌ରେ ଉଲ୍ଲେଖ କରିଛନ୍ତି ଯେ ସମ୍ବଲପୁର ଲେଖାପଢ଼ା ଓ ଅଭିବ୍ୟକ୍ତିର ଗୋଟିଏ ମହାନ ପରମ୍ପରା । ଇସାନଙ୍କ ପ୍ରତିଭା ଆଗକୁ ଆହୁରି ପ୍ରସ୍ଫୁଟିତ ହେଉ, ଏହା ମା' ସମଲେଇଙ୍କ ପାଖରେ ପ୍ରାର୍ଥନା । ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛି ।

# ଚଉଦ ଦେଶ ଅନୁସୂଚୀତ ଜାତି ମତ୍ସ୍ୟଜୀବୀ ମହାସଭା

**ରମ୍ଭା, ନ୍ୟୁଜ୍ ବ୍ୟୁରୋ**

ଗୁରୁବାର ଦିନ ରମ୍ଭା ଥାନା ଇଲାକା ଗଜପତି ନଗର ଶିବ ମନ୍ଦିର ଠାରେ ଚଉଦ ଦେଶ ଅନୁସୂଚୀତ ଜାତି ମତ୍ସ୍ୟଜୀବୀ କୋର କମିଟି ସଭା ସ୍ଥାୟୀ ଦେଶ ସଭାପତି ବ୍ରଜବନ୍ଧୁ ବେହେରାଙ୍କ ପରାମର୍ଶ କ୍ରମେ ସଭା ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ମତ୍ସ୍ୟଜୀବୀ ସଂଘ ନେତା ତଥା ଦେଶ ସଂଘ ଉପଦେଷ୍ଟା ରାମଚନ୍ଦ୍ର ମଲିକ ପରଲୋକରେ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ ଓ ୨ ମିନିଟ ନିରବ ପ୍ରାର୍ଥନା ହେବା ସହ ପରିବାରକୁ ସମବେଦନା ଜଣାଇବା ସହ ଦେଶ ପାଇଁ ଅପୂରଣୀୟ କ୍ଷତି ବୋଲି ବକ୍ତବ୍ୟ ରଖିଥିଲେ । ଏଥି ସହିତ ପାରମ୍ପରିକ ମତ୍ସ୍ୟଜୀବୀଙ୍କ ଜୀବନ ଜୀବିକା ମୌଳିକ ଅଧିକାର ବିଷୟରେ ଆଲୋଚନା କରାଯାଇଥିଲା । ଏଥିରେ ଦେଶର ସମ୍ପାଦକ ଉପଦେଷ୍ଟା ମଣ୍ଡଳୀ ଯଥା ରାଧାମୋହନ ପୃଷ୍ଟି, ଗୋବିନ୍ଦ ବେହେରା, ଭୀମସେନ ବେହେରା, ଗୋବିନ୍ଦ ପ୍ରଧାନ, ସେନାପତି ବେହେରା, ସୁଜିତ କୁମାର ବେହେରା, ନଟବର ବେହେରା, ନରସିଂହ ବେହେରା, ଧନୁର୍ଦ୍ଧର ମଲିକ, ନାରାୟଣ ବେହେରା, ଚକ୍ରପାଣି ବେହେରା, ପ୍ରଫୁଲ୍ଲ ମଲିକ ସମେତ କୋର କମିଟି ସଦସ୍ୟ ଉପସ୍ଥିତ ରହି ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ଏବଂ ୭ ଏପ୍ରିଲ ଖୋଲମୂହ ଗ୍ରାମ (କୃଷ୍ଣପ୍ରସାଦ ବ୍ଲକ) ଠାରେ ଅପରାହ୍ନ ୩ ଘଣ୍ଟା ସମୟର ସମସ୍ତ ସଦସ୍ୟ ମିଶିବା ପାଇଁ ସ୍ଥିର କରାଯାଇଥିଲା ।



# କେନ୍ଦ୍ରାପଡ଼ା କ୍ରେଡିଟ୍ କୋ-ଅପରେଟିଭ ସୋସାଇଟିରେ ଇଫତାର ପାର୍ଟି

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ପବିତ୍ର ରମଜାନ ମାସ ଉପଲକ୍ଷେ କେନ୍ଦ୍ରାପଡା କ୍ରେଡିଟ୍ କୋ-ଅପରେଟିଭ ସୋସାଇଟି ଆନୁକୂଲ୍ୟରେ ଇଫତାର ପାର୍ଟି ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ପ୍ରତିଷ୍ଠାତା ସଭାପତି ପ୍ରମୋଦ କୁମାର ସାହୁଙ୍କ ଅଧକ୍ଷତାରେ ଆୟୋଜିତ ଏହି ଇଫତାର ପାର୍ଟିରେ ସମ୍ପାଦକ ପ୍ରହଲ୍ଲାଦ ସାହୁ, ସହ ସମ୍ପାଦକ ଅରବିନ୍ଦ ସାହୁ, ମୁଖ୍ୟ ପରିଚାଳକ ମନୋଜ କୁମାର ସାହୁ, ଲ-ଅଫିସର ବିଜୟ ଦାସ, ନିର୍ଦ୍ଦେଶକ ସେକ୍ ରିୟାଜତ, ଉପ ସଭାପତି ସାବନା ପରୱିନ, ଏଜିଏମ ରମେଶ ସେଠୀ, ଦେବାଶିଷ ସାହୁ, ଋଣ ପରିଚାଳକ ସୟଦ ଅନୱାର, ନଜିମ ଅଖତରୀ ପ୍ରମୁଖଙ୍କ ସହିତ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ଇଫତାର ପାର୍ଟିରେ ଅଂଶ ଗ୍ରହଣ କରିଥିଲେ ।

## ରାଜ୍ୟର ସବୁ ବୁଥ୍‌କୁ ଯିବ ବ୍ରେଲି ବାଲ୍‌ଟ

# ନିୟୋଜିତ ହେବେ ଅତିରିକ୍ତ ୧୫ କର୍ମଚାରୀ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

୨୦୨୪ ସାଧାରଣ ନିର୍ବାଚନ ପାଖେଇ ଆସୁଛି । ରାଜନୈତିକ ଦଳଗୁଡ଼ିକ ପ୍ରାର୍ଥୀ ଘୋଷଣାରେ ବ୍ୟସ୍ତ ରହିଛନ୍ତି । ଆଗକୁ ପ୍ରାର୍ଥପତ୍ର ଦାଖଲ, ପ୍ରଚାର ଓ ମତଦାନ ଅନୁଷ୍ଠିତ ହେବ । ଏ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ହେଉଛି ଦୃଷ୍ଟିହୀନ ମତଦାତାଙ୍କ ନିରପେକ୍ଷ ଓ ଅବାଧ ମତଦାନ । ସେଥିପାଇଁ ବ୍ରହ୍ମପୁର ଠାରେ ଅବସ୍ଥିତ ରାଜ୍ୟର ଏକ ମାତ୍ର ବ୍ରେଲି ପ୍ରେସ୍ ଏବେ ସକ୍ରିୟ ଓ ଏହାର କର୍ମଚାରୀ ତତ୍ପର । ରେଡ଼କ୍ରସ୍ ବ୍ରେଲି ପ୍ରେସ୍‌ରେ ପ୍ରସ୍ତୁତ ହେବ ୧୪୭ ବିଧାନସଭା ଓ ୨୧ ଲୋକସଭା ନିର୍ବାଚନମଣ୍ଡଳୀ ପାଇଁ ଡ଼ମି ବାଲଟ୍ । ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ଠାରୁ ନିର୍ଦ୍ଦେଶ ଆସିସାରିଛି । ଗଞ୍ଜାମ ଜିଲ୍ଲାପାଳଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ପ୍ରାୟ ୬୦ ହଜାର ଡ଼ମି ବ୍ରେଲି ବାଲଟ୍ ତିଆରି କରାଯିବ । ସେଥିରେ ୩୦ ହଜାର ବିଧାନସଭା ଓ ୩୦ ହଜାର ଲୋକସଭା ପ୍ରାର୍ଥୀଙ୍କ ପାଇଁ ପ୍ରଯୁଜ୍ୟ



ରହିବ ବୋଲି କହିଛନ୍ତି ପ୍ରେସ୍‌ର ମ୍ୟାନେଜର ପ୍ରକାଶ କୁମାର ରଥ । ଯାହା ଦୃଷ୍ଟିବାଧିତଙ୍କ ଅବାଧ ମତଦାନରେ ସହାୟତା ହେବ । ଏତେ ସଂଖ୍ୟାରେ ଡ଼ମି ବେଲେଟ୍ ତିଆରି ପାଇଁ ରେଡ଼କ୍ରସ୍ ବ୍ରେଲି ପ୍ରେସ୍‌ରେ କର୍ମଚାରୀଙ୍କ ଅଭାବ ରହିଛି । ହାତଗଣତି କର୍ମଚାରୀଙ୍କୁ ନେଇ ପ୍ରେସ୍ ଚାଲିଛି । ଜଣେ ମ୍ୟାନେଜର, ଜଣେ ଷ୍ଟେରିଓଟାଇପ୍ ଅପରେଟର, ଜଣେ ଡ଼ାଟା ଏଣ୍ଟ୍ରି ଅପରେଟର, ଜଣେ ପ୍ରୁଫ୍ ରିଡ଼ର ଓ ଜଣେ ବହୁମୁଖୀ କର୍ମଚାରୀଙ୍କୁ ମିଶାଇ ମୋଟ ୫ ଜଣ କାର୍ଯ୍ୟରତ ଅଛନ୍ତି । ଏତିକି ସଂଖ୍ୟକ କର୍ମଚାରୀ ରାଜ୍ୟର ୫୫ଟି ଦୃଷ୍ଟୀହୀନ ସ୍କୁଲର ହଜାର ହଜାର ଛାତ୍ରଛାତ୍ରୀଙ୍କ ପାଇଁ ବ୍ରେଲି ପୁସ୍ତକ ପ୍ରସ୍ତୁତ କରନ୍ତି । ଏଥିପାଇଁ ବର୍ଷ ତମାମ୍ ପରିଶ୍ରମ କରିବାକୁ ପଡ଼େ । ଗତ ସାଧାରଣ ନିର୍ବାଚନ ପାଇଁ ଆବଶ୍ୟକ ଡ଼ମି ବାଲଟ ଖୁବ୍ କମ୍ ସମୟ ଭିତରେ ପ୍ରସ୍ତୁତ କରିବାକୁ ହୁଏ । ଚୁଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ଠାରୁ ମତଦାନର ଅବଧି ମାତ୍ର ୨୦ ଦିନ । ଏହି ସମୟ ଭିତରେ ୬୦ ହଜାର ଡ଼ମି ବ୍ରେଲି ବାଲଟ ପ୍ରସ୍ତୁତ କରିବାକୁ ପଡ଼ିଥାଏ । ନିର୍ଭୁଲ ଡ଼ମି ବେଲେଟ୍ ପ୍ରସ୍ତୁତ କରିବା ଆହ୍ୱାନପୂର୍ଣ୍ଣ ହୋଇଥିବା ବେଳେ ସେଥିପାଇଁ ଅତିରିକ୍ତ କର୍ମଚାରୀ ନିୟୋଜିତ କରାଯାଇଛି । କଟକ ସରକାରୀ ପ୍ରେସ୍‌ରୁ ୧୦ ଜଣ କର୍ମଚାରୀ, ଷ୍ଟେଟ୍ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ସ୍ପେସାଲ୍ ଏଜୁକେସନ୍ ଆଣ୍ଡ୍ ରିସର୍ଚ୍ଚରୁ ୨ ଜଣ ଏବଂ ରେଡ଼କ୍ରସ୍ ଦୃଷ୍ଟିହୀନ ସ୍କୁଲରୁ ୩ ଜଣ କର୍ମଚାରୀ ନିୟୋଜିତ ହେବେ । ସେମାନଙ୍କ ଭିତରେ ଡ଼ାଟା ଏଣ୍ଟ୍ରି ଅପରେଟର, ପ୍ରୁଫ୍ ରିଡ଼ର ଓ ଟେକ୍‌ନିକାଲ୍ ଷ୍ଟାଫ୍ ସାମିଲ ଅଛନ୍ତି । ଏ ସମସ୍ତଙ୍କ ମିଳିତ ଉଦ୍ୟମରେ ପ୍ରସ୍ତୁତ କ୍ରମିକ ସଂଖ୍ୟା, ପ୍ରାର୍ଥୀଙ୍କ ନାମ, ଦଳର ନାମ ଓ ନୋଟା ଆଦି ଲିଖିତ ରହିବ । ଦୃଷ୍ଟିହୀନ ମତଦାତା ଏହାକୁ ପଢ଼ି ଇଭିଏମ୍‌ରେ ମତ ସାବ୍ୟସ୍ତ କରିବେ ବୋଲି ଜଣାଯାଇଛି । ଡ଼େପୁଟି କଲେକ୍ଟର ପ୍ରଦୀପ କୁମାର ସାହୁ ରେଡ଼କ୍ରସ୍ ବ୍ରେଲି ପ୍ରେସ୍ ନୋଡ଼ାଲ୍ ଅଧିକାରୀ ଥିବା ବେଳେ ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଡ଼ମି ବାଲଟ ତିଆରି କାର୍ଯ୍ୟ ସମ୍ପାଦିତ ହେବ ବୋଲି ମ୍ୟାନେଜର ସୂଚନା ଦେଇଛନ୍ତି । ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏହାରି ଭିତରେ ବ୍ରେଲି ପ୍ରେସ୍‌ର ଭିତ୍ତିଭୂମି ଉନ୍ନତ ସହ ଅତ୍ୟାଧୁନିକ ମେସିନ୍ ଇନ୍‌ଷ୍ଟଲ୍ କରାଯାଇଛି । ଏବେ ଏଠାରେ ୪ଟା କମ୍ପ୍ୟୁଟରାଇଜ୍ ବ୍ରେଲି ମେସିନ୍, କମ୍ପ୍ୟୁଟର ଏବଂ ଅନ୍ୟାନ୍ୟ ଉପକରଣ ମହଜୁତ୍ ରହିଛି । ପ୍ରକାଶଯୋଗ୍ୟ, ଗଞ୍ଜାମ ଜିଲ୍ଲା ବ୍ରହ୍ମପୁରରେ ରହିଛି ରାଜ୍ୟର ଏକମାତ୍ର ବ୍ରେଲି ପ୍ରିଣ୍ଟିଂ ପ୍ରେସ୍ । ପ୍ରାୟ ୩୮ ବର୍ଷ ପୂର୍ବରୁ ୧୯୮୬ ରେ ଏହି ପ୍ରେସ୍‌ର ପ୍ରତିଷ୍ଠା ହୋଇଥିଲା । ସାରା ରାଜ୍ୟର ଦୃଷ୍ଟିବାଧିତ ଓ ଦୃଷ୍ଟିହୀନ ଛାତ୍ରଛାତ୍ରୀଙ୍କ ପାଠ୍ୟ ପୁସ୍ତକ ଏହି ପ୍ରେସ୍‌ରେ ପ୍ରସ୍ତୁତ ହୋଇଥାଏ । କେବଳ ସେତିକି ନୁହେଁ, ନିର୍ବାଚନ ବେଳେ ଆବଶ୍ୟକ ଡ଼ମି ବ୍ରେଲି ବାଲଟ୍ ମଧ୍ୟ ଏଠି ତିଆରି ହୋଇ ସମସ୍ତ ମତଦାନ କେନ୍ଦ୍ରକୁ ପ୍ରେରଣ କରାଯାଏ ।

# ରୌଦ୍ରତାପ ପ୍ରତିରୋଧ ଜନିତ ପ୍ରଶାସନିକ ବୈଠକ

**ଯାଜପୁର, ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଶୁଭଙ୍କର ମହାପାତ୍ରଙ୍କ ଅଧକ୍ଷତାରେ ରୌଦ୍ରତାପ ପ୍ରତିରୋଧ ଜନିତ ପ୍ରଶାସନିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଶୁଭେନ୍ଦ୍ର କୁମାର ସାମଲ, ଅତିରିକ୍ତ ଜିଲ୍ଲାପାଳ, ସାଧାରଣ ନବକୃଷ୍ଣ ଜେନା, ଉପଜିଲ୍ଲାପାଳ ଅଂଶୁମାନ ଶତପଥୀ, ଅତିରିକ୍ତ ଉପଜିଲ୍ଲାପାଳ ମନୋରମ ଜାଲି ଯୋଗଦେଇ ରୌଦ୍ରତାପ କ୍ରମଶଃ ବଢୁଥିବାରୁ ସମସ୍ତ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ବିଡିଓ ମାନଙ୍କର ଗୁରୁଦାୟିତ୍ୱ ଥିବାରୁ ସେମାନେଙ୍କ ଅଧିନରେ ଥିବା ଅଞ୍ଚଳ ମାନଙ୍କରେ ଯେଭଳି କୌଣସି ସ୍ଥାନରେ ଜଳକ୍ଲିଷ୍ଟ ସମସ୍ୟା ଦେଖାନଯିବ ସେଥିପ୍ରତି ଯତ୍ନବାନ ହେବାକୁ ନିର୍ଦ୍ଦେଶ ଦେଇଥିଲେ । ଚଳିତ ବର୍ଷ ସାଧାରଣ ନିର୍ବାଚନ ଲୋକସଭା ଏବଂ ଓଡ଼ିଶା ବିଧାନ ସଭା ଏକ ସଙ୍ଗରେ ଅନୁଷ୍ଠିତ ହେଉଥିବାବେଳେ ଯାଜପୁର ଜିଲ୍ଲାରେ ଜୁନ୍ ମାସ ୧ ତାରିଖରେ ସାଧାରଣ ନିର୍ବାଚନ ନିମନ୍ତେ ଭୋଟ୍ ଦାନ ଗ୍ରହଣ କରାଯିବ । ଏହି ପରିପ୍ରେକ୍ଷୀରେ ପ୍ରତ୍ୟେକ ମତଦାନ କେନ୍ଦ୍ରରେ,




ବୁଥ୍‌ରେ, ଅଙ୍ଗନୱାଡ଼ି କେନ୍ଦ୍ର ମାନଙ୍କରେ ପର୍ଯ୍ୟାପ୍ତ ପାନୀୟ ଜଳର ସୁବିଧା କରିବାକୁ ବିଡିଓ ମାନେ ପଦକ୍ଷେପ ନେବେ । ଯେଉଁଠି ପାଇପ୍ ଲାଇନ୍ ଜଳର ସୁବିଧା ଅଛି ସେଠାରେ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରାଯିବ । ଯେଉଁଠି ପାଇପ୍ ଲାଇନ୍ ବ୍ୟବସ୍ଥା ନାହିଁ ସେଠାରେ ବିଡିଓ ମାନେ ନଳକୂପ ଯୋଗେ ପାନୀୟ ଜଳ ବ୍ୟବସ୍ଥା କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ସେହିପରି ପ୍ରତ୍ୟେକ ବୁଥ୍‌ରେ ରୌଦ୍ରତାପରୁ ସୁରକ୍ଷା ନିମନ୍ତେ ଚାନ୍ଦୁଆ ବାନ୍ଧିବା, ଅସ୍ଥାୟୀ ରହଣି ସ୍ଥଳି ନିର୍ମାଣ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଗାଇ ଗୋରୁ, ପଶୁ ପକ୍ଷୀ ମାନଙ୍କ ନିମନ୍ତେ ସଂପୃକ୍ତ ବିଭାଗୀୟ ଅଧିକାରୀମାନେ ଜଳକୁଣ୍ଡ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଥିଲେ । କୌଣସି ପରିସ୍ଥିତିରେ ଯେଭଳି କାଜୁଆଲ୍ଟି ନହୁଏ ସେଥିପ୍ରତି ସଂପୃକ୍ତ ବିଭାଗୀୟ ଅଧିକାରୀମାନେ ତୀକ୍ଷ୍ଣ ଦୃଷ୍ଟି ରଖିବାକୁ ଜିଲ୍ଲାପାଳ ତାଗିଦ କରିଥିଲେ । ପ୍ରତ୍ୟେକ ଲାଇନ୍ ଡିପାର୍ଟମେଣ୍ଟ ଅଧିକାରୀ, ବିଡିଓ, ତହସିଲଦାର ସମସ୍ତେ ନିଷ୍ପାପର ଭାବେ ରୌଦ୍ରତାପ । ମୁକାବିଲା କରି ଜଳକ୍ଲିଷ୍ଟ ଦୂର କରିବା ଜନିତ ସେବା ପ୍ରଦାନ କରିବାକୁ ଜିଲ୍ଲାପାଳ ଶୁଭଙ୍କର ମହାପାତ୍ର ନିର୍ଦ୍ଦେଶ ଦେଇଥିଲେ ।

# ସୂଚନା ଫଳକ ନଥାଇ ଚାଲିଛି ଉପସ୍ୱାସ୍ଥ୍ୟକେନ୍ଦ୍ର ଗୃହ ନିର୍ମାଣ

**ନିଶ୍ଚିନ୍ତକୋଇଲି, ନ୍ୟୁଜ୍ ବ୍ୟୁରୋ**

ନିଶ୍ଚିନ୍ତକୋଇଲି ବ୍ଲକରେ କିଭଳି ଜଙ୍ଗଲିରାଜ ଚାଲିଛି ତାହାର ଏକ ନଗ୍ନ ନମୂନା ଦେଖିବାକୁ ମିଳିଛି । ସମସ୍ତ ସରକାରୀ ନୀତି ନିୟମକୁ ଖୋଲାଖୋଲି ଭାବେ ଉଲ୍ଲଂଘନ କରାଯାଇ ଏକ ଗୋଚର ଜମିରେ ସରକାରୀ ଅନୁଦାନରେ ଗୋପପୁର ଉପ ସ୍ୱାସ୍ଥ୍ୟକେନ୍ଦ୍ରର ଗୃହ ନିର୍ମାଣ ବିନା ସୂଚନା ଫଳକରେ ଚାଲିଥିବାର ଅଭିଯୋଗ ହୋଇଛି । ଏହାର ତଦନ୍ତ ଦାବି ହୋଇଛି । ନିଶ୍ଚିନ୍ତକୋଇଲି ବ୍ଲକ ବଡଖିର ଗ୍ରାମପଞ୍ଚାୟତ ଗୋପପୁର ଉପସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ଗୃହ ନିର୍ମାଣ ଏକ ଗୋଚର ଜମିରେ ଚାଲିଥିବାର ଅଭିଯୋଗ ହୋଇଛି । ଏହି ଗୃହ ନିର୍ମାଣ କେଉଁ ଯୋଜନାରେ ଓ କେତେ ଟଙ୍କା ବ୍ୟୟ ବରାଦରେ କରାଯାଉଛି ସେ ସମ୍ପର୍କରେ କୌଣସି ସୂଚନା ଫଳକ ଦିଆନଯାଇ ଲୋକଙ୍କୁ ଅନ୍ଧାର ଘେରରେ ରଖାଯାଇଥିବାର ଅଭିଯୋଗ ହୋଇଛି । ଏପରିକି କେଉଁ ବିଭାଗ ଏହି କାର୍ଯ୍ୟ ତଦାରଖ କରୁଛି ତାହା ମଧ୍ୟ ରହସ୍ୟ ଘେରରେ ରହିଛି । ସେହିପରି ଭାବେ କାର୍ଯ୍ୟାଦେଶ କାହା ନାମରେ ରହିଛି ଓ କାର୍ଯ୍ୟ କିଏ ତଦାରଖ କରୁଛି ତାହା ମଧ୍ୟ ଅନ୍ଧାର ଘେରରେ ରହିଥିବାର ଅଭିଯୋଗ ହୋଇଛି । ୨୦୨୪ ସାଧାରଣ ନିର୍ବାଚନ ନିମନ୍ତେ ସରକାରଙ୍କର ଆଚରଣ ବିଧି ଲାଗୁ ହୋଇଛି । ଏପରିସ୍ଥଳେ ପ୍ରଶାସନ ତରଫରୁ କୌଣସି ଶିଳାନ୍ୟାସ କରାନଯାଇ କିପରି ଭାବେ ଏହି ନିର୍ମାଣ କାର୍ଯ୍ୟ ଚାଲିଛି ତାହା ତଦନ୍ତ ସାପେକ୍ଷ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି । ଅପରପକ୍ଷରେ ଠିକାଦାର ମନମୁଖି ଭାବେ କାର୍ଯ୍ୟ କରୁଥିଲା ବେଳେ କୌଣସି ବିଭାଗୀୟ ଅଧିକାରୀ କାର୍ଯ୍ୟର ତଦାରଖ କରୁନଥିବାର ଅଭିଯୋଗ ହୋଇଛି । ଫଳରେ ଠିକାଦାର ମନମୁଖି ଭାବେ ଅତ୍ୟନ୍ତ ନିମ୍ନମାନର କାର୍ଯ୍ୟ କରୁଥିବାର ଅଭିଯୋଗ ହୋଇଛି । ଏହି ଗୃହର ସ୍ଥାୟୀତ୍ୱ ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି । ଏ ସମ୍ପର୍କରେ ଆମ ପ୍ରତିନିଧି ବଡଖିର ଗ୍ରାମପଞ୍ଚାୟତ ବିଭାଗୀୟ ସହକାରୀ ଯନ୍ତ୍ରୀ ପ୍ରଦିପ୍ତ କୁମାର ସେନାପତିଙ୍କୁ ପଚାରିବାରୁ ଏହା ବ୍ଲକର କାମ ହୋଇନଥିବାରୁ ଏ ସମ୍ପର୍କରେ ସେ କୌଣସି ମତାମତ ଦେଇପାରିବେ ନାହିଁ ବୋଲି ମତବ୍ୟକ୍ତ କରିଥିଲେ । ସେହିପରି ଭାବେ ଆମ ପ୍ରତିନିଧି ନିଶ୍ଚିନ୍ତକୋଇଲି ବ୍ଲକ ଗ୍ରାମ୍ୟ ଉନ୍ନୟନ ସହକାରୀ ନିର୍ବାହୀ ଯନ୍ତ୍ରୀ ସରୋଜ କୁମାର ଗାହାଣଙ୍କୁ ପଚାରିବାରୁ ଏ କାର୍ଯ୍ୟ ତାଙ୍କର ନୁହେଁ ବୋଲି ମତବ୍ୟକ୍ତ କରିଥିଲେ । ତେବେ ଏହି କାର୍ଯ୍ୟ କେଉଁ ବିଭାଗର ତାହା ନେଇ ସନ୍ଦେହ ପ୍ରକାଶ ପାଇଛି । ଏହାର ନିରପେକ୍ଷ ତଦନ୍ତ କରାଗଲେ ବହୁ ଲୁକ୍କାୟିତ ରହସ୍ୟର ପର୍ଦ୍ଦାଫାସ୍ ହୋଇପାରିବ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି ।

# ପ୍ରାକ୍ତନ ବିଧାୟକଙ୍କୁ ଛାତ୍ର ନେତାଙ୍କ ସମ୍ବର୍ଦ୍ଧନା

**ନିଶ୍ଚିନ୍ତକୋଇଲି, ନ୍ୟୁଜ୍ ବ୍ୟୁରୋ**

ସାଲେପୁର ପ୍ରାକ୍ତନ ବିଧାୟକ ତଥା ବିଜେଡି ନେତା ପ୍ରକାଶ ଚନ୍ଦ୍ର ବେହେରାଙ୍କୁ କଟକ ସଦର ନିର୍ବାଚନ ମଣ୍ଡଳୀର ଛାତ୍ର ବିଜୁ ଜନତା ଦଳର କାର୍ଯ୍ୟକର୍ତ୍ତାମାନେ ଫୁଲତୋଡା ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଛନ୍ତି । ଏଠାରେ ସୂଚନାଯୋଗ୍ୟ ଯେ ପ୍ରାକ୍ତନ ବିଧାୟକ ଶ୍ରୀ ବେହେରା ନିକଟରେ ବିଜେପି ଦଳ ପରିତ୍ୟାଗ କରି ଆନୁଷ୍ଠାନିକ ଭାବେ ବିଜୁ ଜନତା ଦଳରେ ଯୋଗଦାନ କରିଛନ୍ତି । ଏହି ଅବସରରେ ନିଶ୍ଚିନ୍ତକୋଇଲି ବ୍ଲକ ବାବୁଜଙ୍ଗ ଗ୍ରାମପଞ୍ଚାୟତର ତଥା କଟକ ସଦର ଛାତ୍ର ବିଜେଡି ଉପସଭାପତି ଯୁବନେତା ଇଜାଜ ଖାଁ, ଛାତ୍ରନେତା ଶଶିକାନ୍ତ ପାଇକରାୟ, ଅଙ୍କିତ ସେଠୀ, ମାନସ ରଞ୍ଜନ ଭୋଳ ପ୍ରମୁଖ ଶ୍ରୀ ବେହେରାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଛନ୍ତି ।




# ନିଖୋଜ ବ୍ୟକ୍ତିର ଖଣ୍ଡବିଖଣ୍ଡିତ କଙ୍କାଳ ମିଳିଲା ପୋଲିସର ତଦନ୍ତ ଆରମ୍ଭ

**ବାଲେଶ୍ୱର, ନ୍ୟୁଜ୍**

ନୀଳଗିରି ଥାନା ଅନ୍ତର୍ଗତ ପଞ୍ଚଲିଙ୍ଗେଶ୍ୱର ଫରେଷ୍ଟ ବିଟ୍ ହାଉସ୍ ନିକଟସ୍ଥ ଜଙ୍ଗଲରୁ ଏକ ଗଳିତ ମୃତ ଦେହ ଖଣ୍ଡବିଖଣ୍ଡିତ ଅବସ୍ଥାରେ ଠାବ କରାଯାଇଛି । ପୋଲିସ ସୂତ୍ରରୁ ଜଣାଯାଇଛି ଯେ, ଔପଦା ବ୍ଲକ, ଶ୍ୟାମସୁନ୍ଦରପୁର ପଞ୍ଚାୟତର କେନ୍ଦୁନାଳ ଗାଁର ମାଧ ସିଂ (୫୫ ବର୍ଷ) ଗତ ଶିବରାତ୍ରି ଠାରୁ ନିଖୋଜ ହୋଇଯାଇଥିଲେ । ପରିବାର ଲୋକେ ବହୁ ଖୋଜାଖୋଜି ପରେ ତାଙ୍କର କୌଣସି ସନ୍ଧାନ ପାଇନଥିଲେ । ବୁଧବାର କିଛି ଗ୍ରାମବାସୀ ଜାଳେଣି କାଠ ଆଣିବାକୁ ଯାଇ, ଉପରୋକ୍ତ ଖଣ୍ଡବିଖଣ୍ଡିତ ଗଳିତ କଙ୍କାଳମୟ ମୃତ ଦେହଟିକୁ ଦେଖି ଗାଁରେ ଖବର ଦେଇଥିଲେ । ଗ୍ରାମବାସୀ ନୀଳଗିରି ଥାନାକୁ ଖବର ଦେବା ପରେ ପୋଲିସ



ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ଗଳିତ ମୃତ ଶରୀରର ହାଡ଼ ଖପୁରୀ ଇତ୍ୟାଦି ସଂଗ୍ରହ କରିଥିବା ଜଣାଯାଇଛି । ଅନ୍ୟପକ୍ଷରେ ନିଖୋଜ ମାଧ ସିଂ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ନିକଟରେ ପଡିଥିବା ପିନ୍ଧା ଲୁଗାରୁ ଏହା ମାଧ ସିଂର ବୋଲି ଚିହ୍ନଟ କରିଥିଲେ । ନୀଳଗିରି ପୋଲିସ ଘଟଣାକୁ ଗୁରୁତର ସହ ନେଇ ତଦନ୍ତ ଆରମ୍ଭ କରିଥିବା ଜଣାଯାଇଛି । ମୃତ ଶରୀରର ଅସ୍ଥିକଙ୍କାଳକୁ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ଅଣାଯାଇଛି । ଏ ବାବଦରେ ନୀଳଗିରି ଥାନାରେ ଅପମୃତ୍ୟୁ ମାମଲା ୧୩/୨୦୨୪ ରୁଜୁ କରାଯାଇଛି ।

# ଜେନାପୁର ସରପଞ୍ଚଙ୍କ ଆତ୍ମହତ୍ୟା

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ ଜେନାପୁର ପଞ୍ଚାୟତ ସରପଞ୍ଚ ସିପଲତା ମଲିକ (୩୭)ଙ୍କର ଆତ୍ମହତ୍ୟା କାରଣରୁ ମୃତ୍ୟୁ ଘଟିଛି । ଗୁରୁବାର ଦିନ ପଥରଡିହ ବାସିନ୍ଦା ସରପଞ୍ଚ ପାରିବାରିକ କଳହରୁ ନିଜଘର ଫ୍ୟାନ୍‌ରେ ଲୁଗାବାନ୍ଧି ଆତ୍ମହତ୍ୟା କରିଛନ୍ତି । ପରିବାର ଲୋକେ ଜାଣିବା ପରେ ତାଙ୍କୁ ସଙ୍ଗେ ସଙ୍ଗେ ଧର୍ମଶାଳା ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ । ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ । ସିପଲତା ଗତ ନିର୍ବାଚନର ବିଜେଡ଼ିର ଦଳୀୟ ପ୍ରାର୍ଥୀ ଭାବେ ସରପଞ୍ଚରେ ବିଜୟୀ ହୋଇଥିଲେ । ତାଙ୍କ ବିୟୋଗ ଖବରପାଇ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ, ବ୍ଲକ୍ ଅଧକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ନିରଞ୍ଜନ ରାଉତ, ପ୍ରହଲ୍ଲାଦ ଲେଙ୍କା ବହୁ ଦଳୀୟ କର୍ମୀ ଓ ଜନପ୍ରତିନିଧି ପହଞ୍ଚି ଶେଷ ଦର୍ଶନ କରିଥିଲେ । ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଗଭୀର ଶୋକପ୍ରକାଶ ପାଇଛି । ଧର୍ମଶାଳା ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି ।




# ପାନୀୟ ଜଳ ପାଇଁ ଗ୍ରାମବାସୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ଡେରାବିଶ ବ୍ଲକ ଅନ୍ତର୍ଗତ ନହଙ୍ଗ ପଞ୍ଚାୟତର ପଲ୍ଲୀ ରଘୁନାଥପୁର ଗ୍ରାମର ଶତାଧିକ ମହିଳା ପାନୀୟ ଜଳ ନପାଇବାରୁ ଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗ କରିଛନ୍ତି । ପ୍ରବଳ ଗ୍ରୀଷ୍ମରେ ଲୋକେ ପାନୀୟ ଜଳ ପାଇଁ ଛଟପଟ ହେଉଥିବା ବେଳେ ରଘୁନାଥପୁର ଗ୍ରାମର ୧ନଂ ଓ ୨ନଂ ୱାର୍ଡର ପ୍ରାୟ ୫୦୦ ରୁ ଉର୍ଦ୍ଧ୍ୱ ଗ୍ରାମବାସୀ ପାନୀୟ ଜଳ ସମସ୍ୟ ଘେରରେ ରହିଛନ୍ତି । ସ୍ଥାନୀୟ ଅଞ୍ଚଳର ମହିଳାମାନେ ପାନୀୟ ଜଳ ପାଇଁ ନିକଟତମ ଗ୍ରାମକୁ ପାଣି ଆଣିବାକୁ ଯାଉଛନ୍ତି । ଏହି ଗ୍ରାମବାସୀମାନେ ଦୀର୍ଘଦିନ ହେଲା ବ୍ଲକ ପ୍ରଶାସନ ଓ ଗ୍ରାମୀଣ ପାନୀୟ ଜଳ ଯୋଗାଣ ବିଭାଗକୁ ଅଭିଯୋଗ କରିଆସୁଥିଲେ ମଧ୍ୟ ସମସ୍ୟାର କୌଣସି ସମାଧାନ ନହେବାରୁ ଶତାଧିକ ମହିଳା ଗୁରୁବାର ଜିଲ୍ଲାପାଳଙ୍କୁ ଭେଟି ତୁରନ୍ତ ତାଙ୍କ ୱାର୍ଡରେ ଜଳ ଯୋଗାଣ ବ୍ୟବସ୍ଥା କରିବାକୁ ପୁଷ୍ପଲତା ବରାଳ, ମିନାକ୍ଷୀ ମହାନ୍ତି, ଜୟନ୍ତୀ ଦାସ, ମିନତୀ ଦାସ, ମଞ୍ଜୁଲତା ବରାଳ, ଅନ୍ନପୂର୍ଣ୍ଣା ଦାସ ପ୍ରମୁଖ ଦାବି କରିଛନ୍ତି ।

# ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆଶ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**




**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୧ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୭୮, ହିଜରୀ - ୧୪୪୫, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୭ଙ୍କ

**ତା୬।୪।୨୦୨୪, ଚୈତ୍ର ଦି୨୪ନ, ଶନିବାର**

**ସୂର୍ଯ୍ୟୋଦୟ- ଘ୦୫।୩୬।୫୭**  **ଚନ୍ଦ୍ରୋଦୟ- ରାଘ୪।୨୬।୦୪**

ଦ୍ୱାଦଶୀ- ଦିଘ ୧୦।୨୦ ପର୍ଯ୍ୟନ୍ତ । ଶତଭିଷା ନକ୍ଷତ୍ର - ଦିଘ ୩।୩୯ ପର୍ଯ୍ୟନ୍ତ । **କୁମ୍ଭ ଚନ୍ଦ୍ର -** ଅହୋରାତ୍ର । **ଚନ୍ଦ୍ର ଶୁଦ୍ଧି-** ମେଷ, ବୃଷ, ସିଂହ, କନ୍ୟା, ବିଛା, ଧନୁ ଓ କୁମ୍ଭ ରାଶିର । **ଘାତଚନ୍ଦ୍ର-** ମିଥୁନ ଓ ମୀନ ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ପୋଇ ଦିଘ ୧୦।୨୦ ପରେ ବାଇଗଣ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୧୦।୧୭ ଗତେ ଘ ୧।୦୩ ମଧ୍ୟେ । ରାଘ ୮।୧୯ ଗତେ ଘ ୧୦।୩୮ ମଧ୍ୟେ । **ପର୍ବୋତ୍ସବ -** ମହାବାରୁଣୀ ସ୍ନାନ ଯୋଗ ।



**ମେଷ:** ହଠାତ୍ କୌଣସି ଏକ ଖବର ପାଇ ଆନନ୍ଦିତ ହୋଇପାରନ୍ତି । ଆୟର ପରିମାଣ ବୃଦ୍ଧି ପାଇବ । ବ୍ୟବସାୟରେ ଲାଭବାନ୍ ହେବେ । ଘରେ ଆନନ୍ଦ ଦେଖାଦେବ । ବନ୍ଧୁ ଦର୍ଶନର ସୁଯୋଗ ।



**ବୃଷ:** କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ । ବିବାଦୀୟ କ୍ଷେତ୍ରରେ ବିଜୟୀ ହେବେ । ଆୟ ଓ ବ୍ୟୟ ସମାନ ରହିବ । ପାରିବାରିକ ଜୀବନ ସୁଖମୟ ହେବ । ଦୂରଯାତ୍ରା କରି ସଫଳତା ହାସଲ କରିବେ ।



**ମିଥୁନ:** ଘାତଚନ୍ଦ୍ର ହେତୁ ସାବଧାନତା ଶ୍ରେୟସ୍କର । ସତ କଥା କହି ନିଜର ଲୋକଙ୍କ ପାଖରେ ବିରୋଧି ହେବେ । ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ । ଘରେ କଳହ ଓ ଅସନ୍ତୋଷ ଦେଖାଦେଇପାରେ ।



**କର୍କଟ:** ଯାନବାହାନ ଚାଳନାରେ ସତର୍କତା ଅବଲମ୍ବନୀୟ । ରୋଜଗାର ଭଲ ହେବ । ମାଲିମୋକଦ୍ଦମା କ୍ଷେତ୍ରରେ ଶୁଣାଣି ବିଳମ୍ବ ହେବ । ଘରେ ଅଶାନ୍ତି ଦେଖାଦେଇପାରେ । ମନ ଅସ୍ଥିର ରହିବାର ସୂଚନା ।



**ସିଂହ:** ଚାକିରୀକ୍ଷେତ୍ରରେ ଉନ୍ନତି କରିବେ । ଆର୍ଥିକ ସ୍ଥିତି ଭଲ ରହିବ । ଉତ୍ତମ ଭୋଜନରେ ଆପ୍ୟାୟିତ ହୋଇପାରନ୍ତି । ମହିଳାମାନେ ସୁଖୀ ହେବେ । ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବାର ସୂଚନା ।



**କନ୍ୟା:** ଶତ୍ରୁ ନାଶ ହେବେ । ନୂତନ କର୍ମାରମ୍ଭ ହୋଇପାରେ । ଆୟ ଓ ବ୍ୟୟ ସ୍ଥିର ରହିବ । ଗୃହେ ଶାନ୍ତି ଲାଭ ହେବ । ଶୁଭ କାର୍ଯ୍ୟ ନିମନ୍ତେ ଦିନଟି ଅନୁକୂଳ ହେବ । ବନ୍ଧୁଙ୍କ ସହ ଆନନ୍ଦରେ ଦିନଟି ବିତିବ ।



**ତୁଳା:** ରୋଜଗାର ଭଲ ହେବ । ବ୍ୟବସାୟରେ ଲାଭବାନ୍ ହେବେ । ବନ୍ଧୁଙ୍କ ସାହାଯ୍ୟ ସହଯୋଗ ପ୍ରାପ୍ତ ହେବ । ଘରେ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ । ପିଲାମାନେ ପଢ଼ାପଢ଼ିରେ ଆଗେଇ ଚାଲିବେ ।



**ବିଛା:** ବନ୍ଧୁ ବାନ୍ଧବଙ୍କ ସହିତ କିଛି କଥା ନେଇ ଭୁଲ୍ ବୁଝାମଣା ସୃଷ୍ଟି ହୋଇପାରେ । କାର୍ଯ୍ୟ କ୍ଷେତ୍ରରେ ଉତ୍ତମ ଫଳ ପାଇବେ । ଖର୍ଚ୍ଚର ପରିମାଣ ଅଧିକ ହେବ । ମନ ଅସ୍ଥିର ରହିବ । ଗୃହେ ଶାନ୍ତି ଲାଭ କରିବେ ।



**ଧନୁ:** ସାମାଜିକ ସ୍ତରରେ ପ୍ରଶଂସିତ ହେବେ । ଦେବ ଦର୍ଶନ ସହିତ ଭ୍ରମଣ ମଧ୍ୟ କରିପାରନ୍ତି । ବେପାର ବାଣିଜ୍ୟ କ୍ଷେତ୍ରରେ ଲାଭବାନ୍ ହେବେ । ରୋଜଗାର ସ୍ଥିର ରହିବ । ଘରେ ଶାନ୍ତିର ବାତାବରଣ ରହିବ ।



**ମକର:** ବିବାଦୀୟ ବିତର୍କ କ୍ଷେତ୍ରରୁ ଦୂରେଇ ରୁହନ୍ତୁ । ବ୍ୟବସାୟ କ୍ଷତିରେ ଚାଲିବ । ଶରୀର ଅସୁସ୍ଥ ହୋଇପାରେ । ଘରେ ପିଲାଙ୍କ ପାଇଁ ଚିନ୍ତିତ ହୋଇପାରନ୍ତି । ଆୟ ସ୍ଥିର ରହିବ ।



**କୁମ୍ଭ:** ଆଜି ଆପଣଙ୍କର ଦିନଟି ଭଲରେ କଟିବ । ଦେହ ଓ ମନ ଭଲ ରହିବ । କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ । ଆର୍ଥିକ ସ୍ଥିତିରେ ଉନ୍ନତି ଦେଖାଦେବ । ପାରିବାରିକ ଜୀବନ ସୁଖମୟ ହେବ ।



**ମୀନ:** ପରିଶ୍ରମ ତୁଳନାରେ ପାରିଶ୍ରମିକ ମିଳିବ ନାହିଁ । ଖର୍ଚ୍ଚର ପରିମାଣ ଅଧିକ ହେବ । ଘରେ କଳହ ହେବ । ଶତ୍ରୁଙ୍କ ଠାରୁ ସତର୍କ ରହିବେ । ଶରୀରରେ ଅସୁସ୍ଥତା ଦେଖାଦେଇପାରେ । ମନ ଅସ୍ଥିର ରହିବ ।

# ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୧ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୭୮, ହିଜରୀ - ୧୪୪୫, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୭ଙ୍କ

**ତା୭।୪।୨୦୨୪, ଚୈତ୍ର ଦି୨୫ନ, ରବିବାର**

**ସୂର୍ଯ୍ୟୋଦୟ- ଘ୦୫।୩୬।୦୭**  **ଚନ୍ଦ୍ରୋଦୟ- ନିଘ୫।୦୬।୦୯**

ତ୍ରୟୋଦଶୀ- ପ୍ରାଘ ୬।୫୪ ଚତୁର୍ଦ୍ଦଶୀ କ୍ଷ ରାଘ ୩।୨୨ । ପୂର୍ବଭାଦ୍ର ନକ୍ଷତ୍ର - ଦିଘ ୧୨।୫୮ ପର୍ଯ୍ୟନ୍ତ । **କୁମ୍ଭ ଚନ୍ଦ୍ର -** ପ୍ରାଘ ୭।୩୯ ପର୍ଯ୍ୟନ୍ତ । **ଚନ୍ଦ୍ର ଶୁଦ୍ଧି-** ମେଷ, ବୃଷ, ସିଂହ, କନ୍ୟା, ବିଛା, ଧନୁ ଓ କୁମ୍ଭ ରାଶିର । ପ୍ରାଘ ୭।୩୯ ଗତେ ମେଷ, ବୃଷ, ମିଥୁନ, କନ୍ୟା, ତୁଳା, ମକର ଓ ମୀନ ରାଶିର । **ଘାତଚନ୍ଦ୍ର-** ମିଥୁନ ଓ ମୀନ ରାଶିର । ପ୍ରାଘ ୭।୩୯ ଗତେ ଧନୁ ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବାଇଗଣ ପ୍ରାଘ ୬।୫୪ ପରେ ବିରି ରାଘ ୩।୨୨ ପରେ ଆମିଷ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୩୮ ଗତେ ଘ ୯।୫୫ ମଧ୍ୟେ । ଦିଘ ୧।୨୨ ଗତେ ଘ ୧।୫୨ ମଧ୍ୟେ । **ପର୍ବୋତ୍ସବ -** ସୁହାଁ ଚତୁର୍ଦ୍ଦଶୀ, ଶିବୋପାସ ବେଢ଼ା ପରିକ୍ରମା ।

30 YEARS
ସମ୍ବାଦ କଳିକା

# ୪ ବର୍ଷ ମଧ୍ୟରେ ଦେଶରେ ଶିକ୍ଷିତ ବେକାରିଙ୍କ ସଂଖ୍ୟା ଦୁଇଗୁଣ ବୃଦ୍ଧି

ବଢୁଛି ଦେଶ। ଅଭିବୃଦ୍ଧି ପଥରେ ଅର୍ଥନୀତି। ୨୦୪୭ ସୁଦ୍ଧା ଭାରତ ଏକ ବିକଶିତ ରାଷ୍ଟ୍ରରେ ପରିଣତ ହୋଇଥିବ। ଖୋଦ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି କଥାକୁ ଦୋହରାଉଛନ୍ତି। ହେଲେ ଦେଶର ବାସ୍ତବ ଚିତ୍ର ଓଲଟା। କାଳ କାଳ ଧରି ଗରିବି ଲୋକଙ୍କ ପିଛା ଛାଡୁ ନ ଥିବାବେଳେ ଏ ଯାଏ ବେକାରି ବେଡିରୁ ମୁକୁଳିପାରୁନି ଦେଶ। ଭାରତର ବେକାରି ସ୍ଥିତିକୁ ନେଇ ଏକ ଚାଞ୍ଚଲ୍ୟକର ରିପୋର୍ଟ ପ୍ରକାଶ ପାଇଛି। ଦେଶରେ ପାଖାପାଖି ୨୭ ପ୍ରତିଶତ ଯୁବବର୍ଗ ରହିଛନ୍ତି, କିନ୍ତୁ ଏହାର ଏକ ବଡ଼ ଅଂଶ ବେରୋଜଗାର। ଦେଶର ୮୩% ଯୁବବର୍ଗ ବେକାର। ଅନ୍ତର୍ଜାତୀୟ ଶ୍ରମ ସଂଗଠନ (ଆଇଏଲ୍ଓ) ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ ଏହା କୁହାଯାଇଛି। କେବଳ ଏତିକି ନୁହେଁ କରୋନା ମହାମାରୀ ପରଠାରୁ ଦେଶରେ ଖୁବ୍ ଦ୍ରୁତ ଗତିରେ ବଢ଼ିବାରେ ଲାଗିଛି ବେକାରିଙ୍କ ସଂଖ୍ୟା। ମାତ୍ର ୪ ବର୍ଷ ମଧ୍ୟରେ ଦେଶରେ ଶିକ୍ଷିତ ବେକାରିଙ୍କ ସଂଖ୍ୟା ଦୁଇଗୁଣ ବୃଦ୍ଧି ଘଟିଛି। ଦେଶର ରାଜ୍ୟଗୁଡିକ ମଧ୍ୟରେ ବିହାର, ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ଝାଡ଼ଖଣ୍ଡ ଓ ଛତିଶଗଡ଼ରେ ବେକାରି ସ୍ଥିତି ଅତି ଦୟନୀୟ ବୋଲି ଏହି ରିପୋର୍ଟରେ କୁହାଯାଇଛି। ଅନ୍ତର୍ଜାତୀୟ ଶ୍ରମ ସଂଗଠନର ଏହି ରିପୋର୍ଟ ନିକଟରେ ଭାରତୀୟ ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ଣ୍ଣର ରଘୁରାମ ରାଜନ୍ ଦେଇଥିବା ମନ୍ତବ୍ୟକୁ ସଠିକ୍ ପ୍ରମାଣିତ କରୁଛି।

ଅନ୍ତର୍ଜାତୀୟ ଶ୍ରମ ସଂଗଠନ ଏବଂ ଇନଷ୍ଟିଚ୍ୟୁଟ୍ ଅଫ୍ ହ୍ୟୁମାନ ଡେଭଲପମେଣ୍ଟ (ଆଇଏଚ୍ଡି)ର ଯୁଗ୍ମ ପ୍ରୟାସରେ ପ୍ରସ୍ତୁତ 'ଭାରତ ନିଯୁକ୍ତି ରିପୋର୍ଟ ୨୦୨୪' ଶୀର୍ଷକ ଏହି ରିପୋର୍ଟରେ ଦେଶର ବେକାରି ସ୍ଥିତିକୁ ନେଇ ବିସ୍ତୃତ ଭାବେ ତଥ୍ୟ ଦିଆଯାଇଛି। ଏହି ରିପୋର୍ଟକୁ ଆଜି ମୁଖ୍ୟ ଅର୍ଥନୀତିଜ୍ଞ ଉପଦେଷ୍ଟା (ସିଇଏ) ଭି. ଅନନ୍ତ ନାଗେଶ୍ୱରନ୍ ଉନ୍ମୋଚନ କରିଛନ୍ତି। ଯଦି ଭାରତରେ ୧୦୦ ଜଣେ ବେରୋଜଗାରି ଅଛନ୍ତି, ତେବେ ଏଥିରୁ ୮୩ ଜଣ କେବଳ ଯୁବ ବର୍ଗର ବୋଲି ରିପୋର୍ଟରେ ଦର୍ଶାଯାଇଛି। ଏହାଛଡା ସେଥିରେ ଅଧିକାଂଶ ଯୁବ ଶିକ୍ଷିତ ବେକାରି। ଆଇଏଲ୍ଓର ରିପୋର୍ଟ ଅନୁସାରେ ୨୦୦୦ ମସିହା ତୁଳନାରେ ଦେଶରେ ବର୍ତ୍ତମାନ ଶିକ୍ଷିତ ବେକାରିଙ୍କ ସଂଖ୍ୟା ଦୁଇଗୁଣ ବୃଦ୍ଧି ହୋଇଛି। ୨୦୦୦ ମସିହାରେ ଶିକ୍ଷିତ ବେରୋଜଗାରୀଙ୍କ ସଂଖ୍ୟା ୩୫.୨ ପ୍ରତିଶତ ରହିଥିଲା। ହେଲେ ୨୦୨୨ରେ ଏହି ସଂଖ୍ୟା ବୃଦ୍ଧି ପାଇ ୬୫.୭ ପ୍ରତିଶତରେ ପହଞ୍ଚିଛି।

ସୂଚନାଯୋଗ୍ୟ ଯେ, ଏହି ଗବେଷଣାରେ ସେହି ଶିକ୍ଷିତ ଯୁବବର୍ଗଙ୍କୁ ସାମିଲ୍ କରାଯାଇଛି ଯେଉଁମାନେ ଅତି କମ୍ରେ ମାଟ୍ରିକ୍ ପାସ୍ କରିଛନ୍ତି। ଆଇଏଲ୍ଓର ଏହି ରିପୋର୍ଟ ଆସିବାର ଦିନକ ପୂର୍ବରୁ ଶ୍ରୀ ରାଜନ କହିଥିଲେ ଯେ ଦେଶର ଅର୍ଥନୈତିକ ଅଭିବୃଦ୍ଧି ନେଇ ଯେଉଁ ପ୍ରଚାର ଚାଲିଛି ତା'କୁ ବିଶ୍ୱାସ କରିବା ଉଚିତ୍ ନୁହେଁ। ଏପରି କରିବା ଭୁଲ୍ ହେବ। ଆମକୁ ପ୍ରଥମେ ଆମର ଅର୍ଥନୀତିରେ ରହିଥିବା ମୂଳ ଢାଞ୍ଚାଗତ ସମସ୍ୟା ଦୂର କରିବା ଆବଶ୍ୟକ। ଆମର ଶିକ୍ଷା ବ୍ୟବସ୍ଥାରେ ସୁଧାର ଆଣିବା ଜରୁରୀ ବୋଲି ସେ କହିଥିଲେ। ରାଜନ୍ଙ୍କ କଥାକୁ ପରୋକ୍ଷରେ ଠିକ୍ ଦର୍ଶାଇ ଆଇଏଲ୍ଓ ତା'ର ରିପୋର୍ଟରେ କହିଛି ଯେ ଦଶମ ଶ୍ରେଣୀ ପରେ ଦେଶରେ ପିଲାମାନଙ୍କର ଅଧାରୁ ପାଠ ଛାଡିବା ହାର ଏବେ ବି ବଡ଼ ସମସ୍ୟା। ଉଚ୍ଚଶିକ୍ଷା କ୍ଷେତ୍ରରେ ଦେଶରେ ଅନେକ ନାମଲେଖା ହେଉଛି, କିନ୍ତୁ ଏହି କ୍ଷେତ୍ରରେ ଶିକ୍ଷାର ସ୍ତର ଚିନ୍ତାଜନକ ରହିଛି।

ଆଇଏଲ୍ଓ ରିପୋର୍ଟରେ ଭାରତୀୟଙ୍କ ଆୟକୁ ନେଇ ମଧ୍ୟ ତଥ୍ୟ ଉପସ୍ଥାପନ କରାଯାଇଛି। ୨୦୧୯ ପରେ ନିୟମିତ ଦରମାପ୍ରାପ୍ତ କର୍ମଚାରୀ ଓ ସ୍ୱୟଂ ରୋଜଗାରକ୍ଷମ କର୍ମଚାରୀଙ୍କ ଆୟ ହ୍ରାସ ପାଇଛି। ଅନ୍ୟପଟେ ଅଣକୁଶଳୀ ଶ୍ରମ ସମ୍ବଳରେ ଠିକା କର୍ମଚାରୀମାନଙ୍କୁ ୨୦୨୨ ପରେ ଠିକ୍ ଭାବରେ ସର୍ବନିମ୍ନ ମଜୁରି ମିଳିନାହିଁ। ଭାରତ ପାଇଁ ବର୍ତ୍ତମାନ ବଡ଼ କଠିନ ସମୟ ରହିଛି। ଏଭଳି ସ୍ଥିତିରେ ଭାରତ ଏହାର ବୃହତ୍ ଯୁବ ଶ୍ରମ ସମ୍ବଳର ଲାଭ ପାଇପାରୁ ନ ଥିବା ଏହି ରିପୋର୍ଟରେ କୁହାଯାଇଛି।

# ତମେ ଯାହାର ନାଥ ସେ କେମିତି ହେବ ଅନାଥ



ରବିନାରାୟଣ ପଟ୍ଟନାୟକ
ପଟିଆ, ଭୁବନେଶ୍ୱର
ମୋ–୯୯୩୮୧୧୩୨୨୬

ଯାହାଙ୍କୁ ଦର୍ଶନ କରିବାକୁ ଭକ୍ତ ବ୍ୟାକୁଳ ହେଇକି ମନ୍ଦିର ଯାଏ କିନ୍ତୁ ତାଙ୍କୁ ଚାହିଁଦେଲା ବେଳକୁ ଏମିତି ଲାଗେ ଯେମିତି ସେ ତମକୁ ଅପେକ୍ଷା କରିକି ରହିଥିଲେ । ମଣିଷ ପାଖରେ ଯେତେବେଳେ ସମସ୍ତ ବିକଳ୍ପ ସରିଯାଏ ସେତେବେଳେ ମଣିଷ ସବୁ ଆଶା ବିଶ୍ୱାସ ଗୋଟେ ଜାଗାରେ ଯାଇକି ରହେ ସେ ହେଉଛନ୍ତି କାଳିଆ ଠାକୁର ଶ୍ରୀ ଜଗନ୍ନାଥ । ଯାହାଙ୍କୁ ମାଗିବାକୁ ଜଣେ ବହୁତ୍ ଭାବିଚିନ୍ତି ଦର୍ଶନ କରିବାକୁ ମନ୍ଦିର ଭିତରକୁ ଯାଏ କିନ୍ତୁ ତାଙ୍କୁ ଅନେଇ ଦେଲେ ସବୁ କିଛି ଭୁଲି ଯାଏ। ଯେମିତି ସେ ସବୁ ଠିକ୍ କରିଦେଇଛନ୍ତି। ମଣିଷର ଭାବନା ବୁଝିପାରନ୍ତି ସେଇଥି ପାଇଁ ତ ପ୍ରତିଦିନ ଏତେ ଗହଳି ହୁଏ ଟିକେ ଦେଖିବାକୁ ତାଙ୍କୁ। ତାଙ୍କୁ ଅନେଇଦେଲେ ଯେ କେହି ଲୋକର ଆଖିରେ ଲୁହ ଆସିଯାଏ। ଯେଉଁମାନେ ସମର୍ପଣ ଭାବନା ନେଇକି ଯାଇଥାନ୍ତି ସେ କେବେ ଖାଲି ହାତରେ ଫେରନ୍ତିନି।

କିଛି ବର୍ଷ ତଳେ ଦିନେ ଜଗନ୍ନାଥଙ୍କ ଦର୍ଶନ ପାଇଁ ଯିବା ସମୟରେ ତାଙ୍କ ମହିମା ଦେଖିଛି । ସବୁବେଳେ ତାଙ୍କ ପ୍ରତି ଅଭିଯୋଗ ଥିଲା ଭଗବାନ୍ ମୋ କଥା ଶୁଣୁ ନାହାନ୍ତି । ତାଙ୍କ ମହିମା ବିଷୟରେ ସମସ୍ତେ ଜାଣନ୍ତି କିନ୍ତୁ ସେଇ ଦିନ ମୁଁ ଅନୁଭବ କରିଛି । ପୁରୀ ଯିବା ପାଇଁ ଦିନେ ମତେ ସୌଭାଗ୍ୟ ମିଳିଲା କିନ୍ତୁ ମନରେ ମହାପ୍ରଭୁଙ୍କ ପ୍ରତି ଅଭିମାନ ଥିଲା ସେ ମୋ ଡାକ ଶୁଣୁ ନାହାନ୍ତି । ମୋ ମନରେ ଥିବା ଏହି ଭାବନା ଯେମିତି ସେ ଜାଣିପାରିଲେ । ମନ୍ଦିର ଭିତରକୁ ଯାଇ ଯେତେବେଳେ ବେଢ଼ା ପରିକ୍ରମା କରି ସାରି ଭିତରକୁ ଗଲି ମନରେ ଥାଏ ଢେର୍ ସାରା ଅଭିମାନ । ଦର୍ଶନ ସାରି ଯେତେବେଳେ ବାହାରକୁ ଆସିଲି ଜଣେ ଆସିକି ମୋ ପାଖରେ ମହାପ୍ରଭୁଙ୍କ ଏକ ଫଟୋଚିତ୍ର ଆଣିକି ଦେଲେ । ମୁଁ ଏହା ଦର କେତେ ବୋଲି ପଚାରିଲି ତାଙ୍କ ଉତ୍ତର ମତେ ଆଶ୍ଚର୍ଯ୍ୟ କରିଥିଲା। ସେ ଉତ୍ତର ଦେଲେ ଆପଣ ରଖନ୍ତୁ ଦର ମୁଁ ପାଇଯିବି। ଯେତେ ଅନୁରୋଧ କଲେ ମଧ୍ୟ ସେ କୌଣସି ମୂଲ୍ୟ ନେବାକୁ ପ୍ରସ୍ତୁତ ହେଲେନି । ସେ ଯେତେ ଶୀଘ୍ର ଆସିଥିଲେ ସେତେ ଶୀଘ୍ର ସେଠାରୁ ଚାଲି ଗଲେ । ସେହି ଫଟୋ ଚିତ୍ର ନେଇକି ମୋ ଘରକୁ ଆସିଲି । ଏହା କିଛି ଦିନ ପରେ ମୁଁ ନିଜେ ଅନୁଭବ କଲି ଯେମିତି ପୂର୍ବ ଅବସ୍ଥାର ପରିବର୍ତ୍ତନ ହୋଇଛି । ସମୟ ଯେତେ ବିତିଲା ପରିବର୍ତ୍ତନ ଆଶ୍ଚର୍ଯ୍ୟ ଭାବରେ ଘଟିଲା। ମୋ ପୂର୍ବ ଅବସ୍ଥା ଯେମିତି ପରିବର୍ତ୍ତନ ହୋଇଗଲା । ତାଙ୍କ କରୁଣା କଥା ଯେତେ କହିଲେ କମ୍ ହେବ ।

ଏମିତି ଜଣେ ଭଗବାନ ଯାହାଙ୍କ ପାଖକୁ ଜଣେ ଭକ୍ତ ଯାଏ ଅଭିଯୋଗ କରିବାକୁ ଆଉ ଅଭିମାନ କରିବାକୁ । ବିଶ୍ୱର କୋଣ ଅନୁକୋଣରୁ ଲୋକଙ୍କ ସୁଅ ଛୁଟି ଆସେ ଟିକେ ତାଙ୍କୁ ଦେଖିବାକୁ । ତାଙ୍କ ଦର୍ଶନ କରିଦେଲେ ଗୋଟେ ପାପୀର ପାପ କ୍ଷୟ ହୁଏ ଆଉ ଜଣେ ଦୁଃଖୀ ନୂଆ ଆଶାର କିରଣ ପାଏ । ପ୍ରତି ଲୋକର ଭାବନା ସହିତ ଜଡ଼ିତ ଠାକୁର ହେଉଛନ୍ତି ଶ୍ରୀ ଜଗନ୍ନାଥ ମହାପ୍ରଭୁ । ସେଇଥି ପାଇଁ ତ ନିଜେ ବାହାରକୁ ବାହାରି ଆସନ୍ତି ବର୍ଷକୁ ଥରେ ରଥଯାତ୍ରା ସମୟରେ ନିଜ ଭକ୍ତକୁ ଦେଖିବାକୁ । ନିଜ ଭକ୍ତର ଭାବନାକୁ ବୁଝିବାକୁ । ପହଣ୍ଡି ସମୟର ଦୃଶ୍ୟ ଆଖି ଝଲସାଇ ଦେଲାପରି । ସତରେ କହିବାକୁ ଗଲେ 'ତମେ ଯାହାର ନାଥ ସେ କେବେବି ହୋଇ ପାରିବନି ଅନାଥ'।

## ଏଣୁ ତେଣୁ



ଦୁର୍ଗାଚରଣ ସାହୁ
ଆଇଏଏସ୍, (ଅବସରପ୍ରାପ୍ତ)
ବିଜେବି ନଗର,
ଭୁବନେଶ୍ୱର
ମୋ : ୮୯୮୪୬୫୫୩୦୩

# କାବ୍ୟ କୌଣ୍ଡିନ୍ୟ–୩୯

## କମ୍ବୁଜ (କମ୍ବୋଡିଆ)ରେ କଳିଙ୍ଗ ରାଜତ୍ୱର, ଇତିହାସ ଓ କଳ୍ପନା ମିଶ୍ରିତ ଗୀତିକାବ୍ୟ

## ଜ୍ଞାତିଜନଙ୍କ କୌଣ୍ଡିନ୍ୟଙ୍କୁ ସାଧୁବାଦ

ଚଳିତ ଗୀତରେ କୌଣ୍ଡିନ୍ୟଙ୍କ ମଧୁମୟ ସଂଭାଷଣ ଶୁଣି ଭାବୀପତ୍ନୀ ସୋମାଙ୍କ କୁଟୁମ୍ବ ଲୋକମାନେ ସଭାରେ କୌଣ୍ଡିନ୍ୟଙ୍କୁ କିପରି ସାଧୁବାଦ ଆଦି ଜଣାଇଲେ ତାହା ପୂର୍ବ ରୀତି ଅନୁସାରେ ଗୀତଟିର ସମସ୍ତ ଧାଡିର ଆଦ୍ୟରେ ଶ/ସ ଅକ୍ଷର ରଖି ଲେଖାଯାଇଛି।

ସାଧୁ ସାଧୁ ଶବ୍ଦେ ହେଲା    ସଭାଗୃହ ପ୍ରକମ୍ପିତ
ଶୁଣିଣ ଗୌରବମୟ    ସେ ବୀରଙ୍କ ପୃଷ୍ଠଚିତ୍ର ।।୧।।
ସର୍ବ ଜ୍ଞାତିଜନ ଦେଲେ    ସାଦରେ ଯେ କରତାଳି
ସଭାଗୃହ ପଡିଉଠେ    ଶଙ୍ଖନାଦରେ ଉଚ୍ଛୁଳି ।।୨।।
ସମସ୍ତ ନାରୀ ଅର୍ପନ୍ତି    ସୁମନ ଦୁର୍ବା ଅକ୍ଷତ
ସମ୍ବର୍ଦ୍ଧନ୍ତି ବୀରେ ହର୍ଷେ    ହୁଳହୁଳିର ସହିତ ।।୩।।
ସୋମାଙ୍କୁ କରି ନିବିଡ    ସ୍ନେହପୂର୍ଣ୍ଣ ଆଲିଂଗନ
ଶୁଭ ମନାସନ୍ତି କହି    ଶୀଘ୍ର ବସ ସିଂହାସନ ।।୪।।
ସାମ୍ରାଜ୍ଞୀ ହେବୁ ପ୍ରଥମେ    ଶେଷେ ସମ୍ରାଟଙ୍କ ରାଣୀ
ସଗର୍ବେ କହିବୁ ଆମ୍ଭ    ନେଆଙ୍ଗ ଯେ ମହାରାଣୀ ।।୫।।
ସୋମା କୌଣ୍ଡିନ୍ୟଙ୍କ ପାଶ    ଆସି ସମସ୍ତ ବୟସ୍କ
ସଂବର୍ଦ୍ଧନ୍ତି ଆଶୀର୍ବାଦ    ଦେଇଣ ଯେ ଏକ ଏକ ।।୬।।



ସଂସାରେ କରି ରାଜତ୍ୱ    ଦର୍ଶାଅ ତୁମ୍ଭ ବୀରତ୍ୱ
ଶୀର୍ଷେ ରଖ ବଂଶନାମ    କର ଆମ୍ଭଙ୍କୁ ଗର୍ବିତ ।।୭।।
ସଭାସ୍ଥଳ ମଧୁମୟ    ମଧୁମୟ ସଭାଜନ
ଶ୍ରବଣେ କୌଣ୍ଡିନ୍ୟଙ୍କ ଏ    ମଧୁଭରା ସଂବୋଧନ ।।୮।।
ସୁମଧୁର ପରିବେଶେ    ମଧୁରିମା ପ୍ରକାଶିଣ
ସଭାରେ ଯେ ନାଗରାଜ    ସାନନ୍ଦେ ଦଣ୍ଡାୟମାନ ।।୯।।
ଶୁଣିବାକୁ ସେ ଭାଷଣ    ସଭା କୋଳାହଳ ଶୂନ୍ୟ
ସହର୍ଷେ ଏ ଗୀତ କରେ    ସମାପ୍ତ ଦୁର୍ଗାଚରଣ ।।୧୦।।

**ଶବ୍ଦାର୍ଥ :**

**ପଦ (୧) ଓ (୩) :** ପୃଷ୍ଠଚିତ୍ର–ପଛର ଇତିହାସ। ସୁମନ ଦୁର୍ବା ଅକ୍ଷତ–ଫୁଲ, ଦୁବଘାସ ଓ ଅରୁଆ ଚାଉଳ।

# ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ମହାନାୟକମାନେ



ହିମାଂଶୁ ଶେଖର ଆଚାର୍ଯ୍ୟ
ସାରସ୍ୱତ ପରିଷଦ, ଜଗତସିଂହପୁର
ମୋ : ୯୯୩୭୧୫୧୦୫୨

ଓଡ଼ିଶାର ଏହି ଘୋର ଦୁର୍ଦ୍ଦିନରେ ଉତ୍କଳ ଗୌରବ ମଧୁସୂଦନ, ଉତ୍କଳମଣି ଗୋପବନ୍ଧୁ, ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ମୟୁରଭଞ୍ଜ ରାଜା ଶ୍ରୀରାମଚନ୍ଦ୍ରଭଞ୍ଜ, କର୍ମବୀର ଗୌରୀଙ୍କର, ବ୍ୟାସକବି ଫକୀରମୋହନ, ସ୍ୱଭାବ ଗଙ୍ଗାଧର ମେହେର, କବିବର ରାଧାନାଥ, ଭକ୍ତକବି ମଧୁସୂଦନ, ପଲ୍ଲୀକବି ନନ୍ଦକିଶୋର, ପଣ୍ଡିତ ଗୋଦାବରୀଶ, ପଣ୍ଡିତ ନୀଳକଣ୍ଠ ପ୍ରମୁଖ ବରପୁତ୍ରମାନଙ୍କର ପ୍ରଚେଷ୍ଟାରେ ୧୯୩୬ ମସିହା ଏପ୍ରିଲ୍ ପହିଲାରେ ଓଡ଼ିଶା ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ରୂପେ ଗଠିତ ହେଲା। ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ଯେଉଁ ବିନ୍ଧାଣିଗଣ ଐକାନ୍ତିକ ଉଦ୍ୟମ, ଏକନିଷ୍ଠ ସାଧନା ଓ ଚରମ ତ୍ୟାଗ ସ୍ୱୀକାର କରିଥିଲେ ସେମାନଙ୍କ ମଧ୍ୟରେ ଉତ୍କଳ ଗୌରବ ମଧୁସୂଦନ ଥିଲେ ଅଗ୍ରଗଣ୍ୟ। ସେ ଥିଲେ ଓଡ଼ିଆ ନବଜାଗରଣର ମୁଖ୍ୟ ପୁରୋଧା । ମୃତପ୍ରାୟ ଓଡ଼ିଆ ଜାତିର ପ୍ରାଣକନ୍ଦରରେ ସେ ଉଜ୍ଜିବୀତ କରିଥିଲେ ଜାତୀୟତାର ମହାମନ୍ତ୍ର, ଶିଖାଇଥିଲେ ସ୍ୱାଭିମାନର ମନ୍ତ୍ର ଏବଂ ଦେଖାଇଥିଲେ ନୂତନ ଦିଗ୍ଦର୍ଶନ। ୧୮୪୮ ମସିହା ଏପ୍ରିଲ୍ ୨୮ତାରିଖରେ ସେ ଜନ୍ମ ଗ୍ରହଣ କରିଥିଲେ। ଖଣ୍ଡବିଖଣ୍ଡିତ ଉତ୍କଳର ଏକତ୍ରୀକରଣ ପାଇଁ ତାଙ୍କରି ନେତୃତ୍ୱରେ ଗଠିତ ହୋଇଥିଲା ଓଡ଼ିଆ ଜାତି ଓ ଜାତୀୟତାର ପ୍ରଥମ ସଂଗଠିତ ପୀଠ ଉତ୍କଳ ସମ୍ମିଳନୀ।

ଦିନ ଥିଲା ପ୍ରାଚୀନ ଉତ୍କଳର ସୀମା ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲା। ଓଡ଼ିଶାର ସାଧବ ପୁଅ ଜାଭା, ସୁମାତ୍ରା, ବାଲି, ସିଂହଳ ଓ ବୋର୍ଣ୍ଣିଓ ପ୍ରଭୃତି ଦୀପପୁଞ୍ଜକୁ ଯାଇ ବିଦେଶରୁ ଧନ ଦୌଲତ ଆଣି ଏ ରାଜ୍ୟକୁ ସମୃଦ୍ଧିଶାଳୀ କରିଥିଲେ। ବୀର ଦୁର୍ଦ୍ଧର୍ଷ ଜାତି ରୂପେ ଓଡ଼ିଆ ମାନେ ସମଗ୍ର ଦେଶରେ ପରିଚିତ ଥିଲେ। ଓଡ଼ିଶାର କଳା, ସଂସ୍କୃତି, ଐତିହ୍ୟ ଓ ଭାସ୍କର୍ଯ୍ୟ ଉନ୍ନତିର ଚରମ ସୀମାରେ ପହଞ୍ଚିଥିଲା। ମାତ୍ର ୧୫୬୮ ଖ୍ରୀଷ୍ଟାବ୍ଦରେ ଓଡିଶାର ଶେଷ ସ୍ୱାଧୀନ ରାଜା ମୁକୁନ୍ଦଦେବଙ୍କ ମୃତ୍ୟୁପରେ ଉତ୍କଳର ଭାଗ୍ୟାକାଶରେ ଘୋର ଦୁର୍ଦ୍ଦିନ ମାଡ଼ି ଆସିଲା। ପ୍ରଥମ ପର୍ଯ୍ୟାୟରେ ଆଫଗାନ୍, ମୋଗଲ ଓ ମରହଟ୍ଟାମାନେ ଓଡ଼ିଶା ଆକ୍ରମଣ କରି ଏହାର ଗୌରବମୟ ଅତୀତକୁ ଧୂଳିସାତ୍ କରିଥିଲେ ଶେଷରେ ୧୮୦୩ ଖ୍ରୀଷ୍ଟାବ୍ଦରେ ଓଡ଼ିଶା ଇଂରେଜମାନଙ୍କ ଶାସନାଧୀନ ହୋଇଥିଲା। ଇଂରେଜମାନଙ୍କ ରାଜତ୍ୱ ସମୟରେ ଓଡ଼ିଶାର ସାମାଜିକ, ଅର୍ଥନୈତିକ, ରାଜନୈତିକ ଓ ସାଂସ୍କୃତିକ ଅବକ୍ଷୟ ଶୋଚନୀୟ ହୋଇପଡ଼ିଥିଲା।

ଓଡ଼ିଶାର ଏହି ଘୋର ଦୁର୍ଦ୍ଦିନରେ ଉତ୍କଳ ଗୌରବ ମଧୁସୂଦନ, ଉତ୍କଳମଣି ଗୋପବନ୍ଧୁ, ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ମୟୁରଭଞ୍ଜ ରାଜା ଶ୍ରୀରାମଚନ୍ଦ୍ରଭଞ୍ଜ, କର୍ମବୀର ଗୌରୀଙ୍କର, ବ୍ୟାସକବି ଫକୀରମୋହନ, ସ୍ୱଭାବ ଗଙ୍ଗାଧର ମେହେର, କବିବର ରାଧାନାଥ, ଭକ୍ତକବି ମଧୁସୂଦନ, ପଲ୍ଲୀକବି ନନ୍ଦକିଶୋର, ପଣ୍ଡିତ ଗୋଦାବରୀଶ, ପଣ୍ଡିତ ନୀଳକଣ୍ଠ ପ୍ରମୁଖ ବରପୁତ୍ରମାନଙ୍କର ପ୍ରଚେଷ୍ଟାରେ ୧୯୩୬ ମସିହା ଏପ୍ରିଲ୍ ପହିଲାରେ ଓଡ଼ିଶା ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ରୂପେ ଗଠିତ ହେଲା। ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ଯେଉଁ ବିନ୍ଧାଣିଗଣ ଐକାନ୍ତିକ ଉଦ୍ୟମ, ଏକନିଷ୍ଠ ସାଧନା ଓ ଚରମ ତ୍ୟାଗ ସ୍ୱୀକାର କରିଥିଲେ ସେମାନଙ୍କ ମଧ୍ୟରେ ଉତ୍କଳ ଗୌରବ ମଧୁସୂଦନ ଥିଲେ ଅଗ୍ରଗଣ୍ୟ। ସେ ଥିଲେ ଓଡ଼ିଆ ନବଜାଗରଣର ମୁଖ୍ୟ ପୁରୋଧା । ମୃତପ୍ରାୟ ଓଡ଼ିଆ ଜାତିର ପ୍ରାଣକନ୍ଦରରେ ସେ ଉଜ୍ଜିବୀତ କରିଥିଲେ ଜାତୀୟତାର ମହାମନ୍ତ୍ର, ଶିଖାଇଥିଲେ ସ୍ୱାଭିମାନର ମନ୍ତ୍ର ଏବଂ ଦେଖାଇଥିଲେ ନୂତନ ଦିଗ୍ଦର୍ଶନ। ୧୮୪୮ ମସିହା ଏପ୍ରିଲ୍ ୨୮ତାରିଖରେ ସେ ଜନ୍ମ ଗ୍ରହଣ କରିଥିଲେ। ଖଣ୍ଡବିଖଣ୍ଡିତ ଉତ୍କଳର ଏକତ୍ରୀକରଣ ପାଇଁ ତାଙ୍କରି ନେତୃତ୍ୱରେ ଗଠିତ ହୋଇଥିଲା ଓଡ଼ିଆ ଜାତି ଓ ଜାତୀୟତାର ପ୍ରଥମ ସଂଗଠିତ ପୀଠ ଉତ୍କଳ ସମ୍ମିଳନୀ। ଏହି ସମ୍ମିଳନୀ ମଣ୍ଡପରେ ଦଣ୍ଡାୟମାନ ହୋଇ ସେ ଓଡ଼ିଆମାନଙ୍କୁ ଉଦାତ୍ତ କଣ୍ଠରେ କହିଥିଲେ

"ଏହି ସମ୍ମିଳନୀ
ଜାତିପ୍ରାଣ ସିନ୍ଧୁ
କୋଟି ପ୍ରାଣ ବିନ୍ଦୁ ଧରେ
ତୋର ପ୍ରାଣ ବିନ୍ଦୁ
ମିଶାଇ ଦେ ଭାଇ
ଡେଇଁ ପଡ଼ି ସିନ୍ଧୁ ନୀରେ।"

ମଧୁସୂଦନର ୧୯୧୭ରେ ମଣ୍ଟେଗୁ ଚେମେଶ୍‌ଫୋର୍ଡ଼ଙ୍କ ସହିତ ସାକ୍ଷାତ କରି ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଗଠନ ପାଇଁ ଦୃଢ଼ ଦାବି ଉପସ୍ଥାପନ କରିଥିଲେ। ୧୯୨୭ ମସିହାରେ ସାଇମନ୍ କମିଶନଙ୍କ ଆଗରେ ଓଡ଼ିଶାର ଦାବି ଯଥାର୍ଥ ବୋଲି ସେ ତାଙ୍କୁ ବୁଝାଇବାରେ ସଫଳ ହୋଇଥିଲେ। ୧୯୩୧ ମସିହାରେ ଓଡ଼ନେଲ୍ କମିଟି ନିକଟରେ ସେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପାଇଁ ନାର୍ଯ୍ୟ ଦାବି ଉପସ୍ଥାପିତ କରି ତାଙ୍କୁ ବୁଝାଇବାରେ ସଫଳ ହୋଇଥିଲେ। ଯାହାର ଫଳ ସ୍ୱରୂପ ୧୯୩୬ ମସିହା ଏପ୍ରିଲ ପହିଲାରେ ମଧୁବାବୁଙ୍କର ସ୍ୱପ୍ନର ଓଡ଼ିଶା ଏକ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶରେ ମାନ୍ୟତା ପାଇଥିଲା। କିନ୍ତୁ ତାପୂର୍ବରୁ ଓଡ଼ିଆ ଜାତୀର ପ୍ରାଣପ୍ରତିଷ୍ଠାତା ମଧୁବାବୁ ୧୯୩୪ ମସିହାରେ ଇହଲୀଳା ସମ୍ବରଣ କରିଥିଲେ।

ଉତ୍କଳର ଏକତ୍ରୀକରଣରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଦାନ ମଧ୍ୟ ଅତୁଳନୀୟ ଥିଲା। ୧୮୭୭ ମସିହାରେ ସେ ଜନ୍ମ ଗ୍ରହଣ କରିଥିଲେ। ବାଲ୍ୟକାଳରୁ ଦେଶ, ଜାତି, ସମାଜ କଥା ସେ ନିରନ୍ତର ଭାବୁଥିଲେ। ମରୁଡ଼ି, ବନ୍ୟାବେଳେ ସେ ବୁଭୁକ୍ଷୁ ଲୋକଙ୍କ ସେବାରେ ବ୍ରତୀ ଥିଲେ। ଯେତେବେଳେ କିଛି ଲୋକ ଉତ୍କଳ ସମ୍ମିଳନୀକୁ ଏକ ବ୍ୟକ୍ତିଗତ ଅନୁଷ୍ଠାନ ବୋଲି ଅପପ୍ରଚାର କରୁଥିଲେ ଠିକ୍ ସେହି ସମୟରେ ଉତ୍କଳମଣି ମଧୁବାବୁଙ୍କୁ ଦୃଢ଼ ସମର୍ଥନ ଦେବା ସହ ଭାଷା ଭିତ୍ତିରେ ଓଡ଼ିଶା ପ୍ରଦେଶ ଗଠନ ପାଇଁ ସେ ବିହାର – ଓଡ଼ିଶା ବିଧାନ ସଭାରେ ଦୃଢ଼ ଦାବି ଉପସ୍ଥାପନ କରିଥିଲେ। ସେହିପରି ନିନ୍ଦୁକମାନଙ୍କୁ ଚୁପ୍ କରିବା ପାଇଁ ସେ କହିଥିଲେ – ଉତ୍କଳର ଏକତ୍ରୀକରଣ ପାଇଁ ଉତ୍କଳ ସମ୍ମିଳନୀର ମହତ୍ୱ ଓଡ଼ିଆ ଜାତିର ଇତିହାସ ରୂପେ ଚିରଦିନ ରହିବ ଏହା ନିଃସନ୍ଦେହ। ଓଡ଼ିଆ ପ୍ରାଣରେ ଦେଶ ପ୍ରେମ ଭାବ ଉଦ୍ରେକ କରିବା ପାଇଁ ସେ କହିଥିଲେ – "ମିଶୁ ମୋର ଦେହ ଏ ଦେଶ ମାଟିରେ

ଦେଶବାସୀ ଚାଲି ଯାଆନ୍ତୁ ପିଠିରେ
ଦେଶରେ ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୁରୁ ତହିଁ ପଡ଼ି ମୋର ମାଂସ ହାଡ଼।"

ମାତ୍ର ମଧୁବାବୁଙ୍କ ପରି ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଦେଖିବା ପାଇଁ ସେ ମଧ୍ୟ ନଥିଲେ। ମଧୁବାବୁଙ୍କ ପୂର୍ବରୁ ସେ ଚାଲିଯାଇଥିଲେ ଆରପାରିକୁ।

ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ଦେଓଙ୍କ ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ ଥିଲା । ୧୯୦୩ ମସିହା କଟକର ଇଦ୍‌ଗା ପଡିଆରେ ଅନୁଷ୍ଠିତ ହୋଇଥିବା ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେସନରେ ସେ ସଭାପତିତ୍ୱ କରିଥିଲେ । ସେହିପରି ଆଉ ଜଣେ ମହାରଥୀ ହେଉଛନ୍ତି ପାରଳାର ମହାରାଜା ଗଜପତି କୃଷ୍ଣଚନ୍ଦ୍ର ଦେବ। ୧୯୩୧ ମସିହାରେ ସାର୍ ଉଇଲିୟମ୍ ଚୋଡ୍ୱେଟଙ୍କ ଅଧ୍ୟକ୍ଷତାରେ ଗଠିତ ସବ୍ କମିଟିର ଗୋଲଟେବୁଲ ବୈଠକରେ ସେ ଓଡ଼ିଆମାନଙ୍କର ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ନିମନ୍ତେ ଦାବି ଉପସ୍ଥାପିତ କରିବାର ସଫଳ ହୋଇପାରିଥିଲେ । ପାରଳାଖେମୁଣ୍ଡିର ଗଜପତି କୃଷ୍ଣଚନ୍ଦ୍ରଙ୍କ ପରି ଖଲିକୋଟ ରାଜା ହରିହର ମର୍ଦ୍ଦରାଜ ଓ ତାଙ୍କର ସୁଯୋଗ୍ୟ ପୁତ୍ର ରାମଚନ୍ଦ୍ର ମର୍ଦ୍ଦରାଜ ମଧ୍ୟ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ନିର୍ଣ୍ଣାୟକ ଭୂମିକା ନେଇଥିଲେ। ଉତ୍କଳ ସମ୍ମିଳନୀ ଆରମ୍ଭ ହେବା ଦିନ ଠାରୁ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ହେବା ପର୍ଯ୍ୟନ୍ତ ସେମାନେ ନିଜକୁ ନିୟୋଜିତ କରିଥିଲେ।

ଓଡ଼ିଶାକୁ ଏକ ସ୍ୱତନ୍ତ୍ର ପ୍ରଦେଶ ରୂପେ ଗଠନ କରିବାରେ କର୍ମବୀର ଗୌରୀଶଙ୍କର ଓଡ଼ିଶାର ଆଉ ଜଣେ ସୁଯୋଗ୍ୟ ସନ୍ତାନ ଥିଲେ। ଓଡିଆ ସମ୍ବାଦ ପତ୍ରର ସେ ହେଉଛନ୍ତି ଆଦିଜନକ। ତାଙ୍କ ପ୍ରକାଶିତ "ଉତ୍କଳ ଦୀପିକା" ପତ୍ରିକ





ଓଡିଆ ଭାଷାକୁ ସମୃଦ୍ଧ ଓ ଯୁଗୋପଯୋଗୀ କରିଥିଲା । ଏହି ପତ୍ରିକା ଜରିଆରେ ଅନେକ ଲେଖା ଆମ୍ଭ ପ୍ରକାଶ କରି ଓଡ଼ିଆ ଭାଷା ସାହିତ୍ୟର ପ୍ରସାର ଓ ପ୍ରଚାର ହୋଇପାରିଥିଲା। ସେହିପରି ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ବ୍ୟାସକବି ଫକୀରମୋହନଙ୍କ ଅବଦାନ ମଧ୍ୟ ଅତୁଳନୀୟ ଥିଲା। ସେ ଥିଲେ ସାହିତ୍ୟ କ୍ଷେତ୍ରରେ କ୍ରାନ୍ତିର ସ୍ରଷ୍ଟା, ଓଡ଼ିଆ ଭାଷା ଆନ୍ଦୋଳନରେ ସେ ନେଇଥିଲେ ପ୍ରମୁଖ ଭୂମିକା। ଆପଣା ଖର୍ଚ୍ଚରେ ଅତି କଷ୍ଟରେ ବାଲେଶ୍ୱରରେ ପ୍ରଥମ ଛାପା କାରଖାନା ବସାଇ ସେ ପ୍ରକାଶ କରିଥିଲେ 'ବୋଧଦାୟିନୀ' ଓ 'ସମ୍ବାଦ ବାହିକା' ନାମକ ସମ୍ବାଦ ଓ ସାହିତ୍ୟ ପତ୍ରିକା। ଏଥିସହିତ ଓଡିଆ ଭାଷା ସାହିତ୍ୟ ସୁରକ୍ଷାରେ ସ୍ୱଭାବ କବି ଗଙ୍ଗାଧର ମେହେର, କବିବର ରାଧାନାଥ ରାୟ,ଭକ୍ତ କବି ମଧୁସୂଦନ ରାଓ, ପଣ୍ଡିତ ଗୋଦାବରୀଶ ମିଶ୍ର ପ୍ରମୁଖଙ୍କ ଉଦ୍ୟମ ବେଶ୍ ପ୍ରଶଂସନୀୟ।

ପୂର୍ଣ୍ଣାଙ୍ଗ ଓଡ଼ିଶା କଥା ଚିନ୍ତାକଲାବେଳେ ଆଉଜଣଙ୍କ ନାମ ଆମ ମନକୁ ଆସେ। ସେ ହେଉଛନ୍ତି ଡକ୍ଟର ହରେକୃଷ୍ଣ ମହତାବ। ୧୮୯୯ ମସିହା ନଭେମ୍ବର ୨୧ ତାରିଖରେ ଅବିଭକ୍ତ ବାଲେଶ୍ୱର ଜିଲ୍ଲାରେ ସେ ଜନ୍ମଗ୍ରହଣ କରିଥିଲେ। ମାତ୍ର ୨୧ ବର୍ଷ ବୟସରେ ମହତାବ ଭାରତୀୟ ରାଜନୀତିରେ ନିଜକୁ ଉତ୍ସର୍ଗ କରିଥିଲେ। ୧୯୨୦ ଅସହଯୋଗ ଆନ୍ଦୋଳନ, ୧୯୩୦–୧୯୪୨ ଭାରତ ଛାଡ଼ ଆନ୍ଦୋଳନରେ ସେ ନିଜକୁ ସାମିଲ କରିଥିଲେ। ସେ ଥିଲେ ଜଣେ ବିଚକ୍ଷଣ ସଂଗଠକ ତଥା ଚିନ୍ତାନାୟକ। ଦେଶୀୟ ରାଜ୍ୟ ମିଶ୍ରଣ ପ୍ରସଙ୍ଗରେ ସେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ସହାୟତାରେ ଓଡ଼ିଶାର ଗଡ଼ଜାତ ରାଜ୍ୟଗୁଡ଼ିକୁ ଓଡ଼ିଶା ରାଜ୍ୟ ସହିତ ମିଶ୍ରଣ କରିବାରେ ଯେଉଁସବୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ ତାହା ଆଜିମଧ୍ୟ ଆଶ୍ଚର୍ଯ୍ୟଜନକ ମନେହୁଏ।ପରବର୍ତ୍ତୀ ସମୟରେ ନବ ଓଡିଶାର ନିର୍ମାଣରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଅବଦାନକୁ ଏ ଜାତି କେବେ ଭୁଲିପାରିବନାହିଁ। ଓଡିଆ ଜାତିକୁ ଏକ ବୀର ଜାତିର ପରିଚୟ ଦେବାରେ ତାଙ୍କର ଭୂମିକା ଅନସ୍ୱୀକାର୍ଯ୍ୟ । ଏଥିସହିତ ଓଡିଶାକୁ ସ୍ୱତନ୍ତ୍ର ପ୍ରଦେଶ କରିବାରେ ଓ ପରବର୍ତ୍ତୀ ପର୍ଯ୍ୟାୟରେ ନବ ଓଡିଶାର ନିର୍ମାଣରେ ଆଉ କେତେଜଣ ଯୋଗଜନ୍ମା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରେ ମୟୁରଭଞ୍ଜ ରାଜା ରାମଚନ୍ଦ୍ର ଦେବ, ରାଜା ବିକ୍ରମ ଦେବ, ଲିଙ୍ଗରାଜ ମିଶ୍ର, ବ୍ରଜ ସୁନ୍ଦର ଦାସ, ଆଚାର୍ଯ୍ୟ ହରିହର, କୃପାସିନ୍ଧୁ ମିଶ୍ର,ନବକୃଷ୍ଣ ଚୌଧୁରୀ, ଜଗବନ୍ଧୁ ସିଂ, ନିତ୍ୟାନନ୍ଦ କାନୁନ୍‌ଗୋ ଓ ତାରିଣୀ ଚରଣ ରଥଙ୍କ ନାମ ଉଲ୍ଲେଖ ଯୋଗ୍ୟ।

ପ୍ରତିବର୍ଷ ପବିତ୍ର ଉତ୍କଳ ଦିବସ ପାଳନ ଅବସରରେ ସେହିମାନେ ହିଁ ସ୍ୱତଃ ମନେ ପଡ଼ିଯାଆନ୍ତି। ଏହି ଦିନରେ ସେମାନଙ୍କ ପ୍ରତି ସମ୍ମାନ ଓ ଶ୍ରଦ୍ଧାଞ୍ଜଳି ଅର୍ପଣ ପୂର୍ବକ ଗୌରବମୟ ଆମ ଅତୀତର କଥା ଓ ଗାଥାକୁ ସ୍ମରଣ କରିବାକୁ ଆମପାଇଁ ପୁଣି ଥରେ ଏକ ସୁଯୋଗ ଆସିଛି। ଆମେ ସଂକଳ୍ପ ନେବା ଆମ ନିଜ ଭାଷା, ସାହିତ୍ୟ ଓ ସଂସ୍କୃତିକୁ ଚିହ୍ନି ଆମର ପୂର୍ବ ଗୌରବ ଫେରାଇ ଆଣିବାକୁ ନିଷ୍ଠାପର ଭାବେ ଉଦ୍ୟମ କରିବା। ତାହେଲେ ଯାଇ ଆମେ ଆମର ପୂର୍ବ ସୂରୀମାନେ ଦେଖିଥିବା ସ୍ୱପ୍ନ ସାକାର କରିବା ସଙ୍ଗେ ସଙ୍ଗେ ଆମ ରାଜ୍ୟକୁ ପ୍ରଗତି ପଥରେ ଆଗେଇ ନେବା।

# ଉଠିବୁ ଆଉ ତୁ କେତେ ଦିନେ ?



ଡାକ୍ତର ଅଂଶୁମାନ କର
ଏନ୍–୧/୧୮୩, ନୟାପଲ୍ଲୀ
ମୋ. : ୯୭୭୮୦୩୦୪୯୪

ପରାଧୀନ ଭାରତର ପ୍ରଥମ ଭାଷାଭିତ୍ତିକ ରାଜ୍ୟ ଉତ୍କଳ, ଫିରିଙ୍ଗି ରାଜୁତିରେ ନିଜ ଭାଷାର ସୌରଭ ଓ ଗୌରବକୁ ବୁଝିପାରି ଅଣଓଡ଼ିଆ ଭାଷା ପ୍ରାନ୍ତରୁ ନିଜକୁ ସ୍ୱତନ୍ତ୍ର କରି ପାରିଥିଲା। ମାତ୍ର ଦୁଃଖର କଥା ସେଇ ସ୍ୱାଧୀନ ଭାଷିୟ ଉତ୍କଳ ପ୍ରଦେଶର ବୀର କଳିଙ୍ଗ ଆଦି ଗର୍ବରେ 'ମୁଁ ଓଡ଼ିଆ' କହିବାକୁ ହେଲେ ବି ମୁ ଓଡ଼ିଆ ପଢ଼ି କହୁଛି। ପ୍ରବଳ ପରାକ୍ରମି ମୁଗଲ ଠାରୁ ଆରମ୍ଭ କରି ଇଂରେଜ ପର୍ଯ୍ୟନ୍ତ ଯେଉଁ ରାଜ୍ୟର ବୀର, ଯୋଦ୍ଧାଙ୍କ ଆଗରେ ଅନେକ ଥର ମୁଣ୍ଡ ନୂଆଁଇଛନ୍ତି ସେଇ ପାଇକ ରକ୍ତର ବଂଶଜ ମାନେ ଆଜି ନିଜକୁ ଜାତି, ଧର୍ମ, ଦଳ, ମତ ଆଦିରେ ହଜେଇ ଦେଇଛନ୍ତି। 'ପାଇକ ବିଦ୍ରୋହ' କ'ଣ କେବଳ ଗୋଟିଏ ସ୍ମାରକୀ ଷ୍ଟାମ୍ପ ଓ କିଛି ସ୍ମାରକୀ ଭାଷଣରେ ସୀମିତି ହେବାର ଥିଲା ?

ଆଜକୁ ୫ବର୍ଷ ତଳେ ମୁଁ ଦିଲ୍ଲୀରେ ବାସ କରୁଥିବା ବେଳେ ପ୍ରଥମ କରି ଶୁଣିଥିଲା ଗୋଟିଏ ହୁଙ୍କାର ' ପାଇକ ବିଦ୍ରୋହ ହେଉଛି ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ' ରାଷ୍ଟ୍ରପତିଙ୍କ ଠାରୁ ଆରମ୍ଭ କରି ଗ୍ରାମ ପଞ୍ଚାୟତ ପର୍ଯ୍ୟନ୍ତ ସମସ୍ତେ ଏକ ସ୍ୱର ଏକ ନିଷ୍ଠାର ସହ କହିଲେ ୧୮୧୨ର ପାଇକ ବିଦ୍ରୋହ ଓଡ଼ିଶା ନୁହେଁ ବରଂ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ। କିନ୍ତୁ ଧିରେ ଧିରେ ଏହି ବିଦ୍ରୋହର ସମୃଦ୍ଧ ଇତିହାସ ୨୦୦ ବର୍ଷର ଆଗ ପାହଚରେ ଅଲୋଡ଼ା ହେଲା ଭଳି ପ୍ରତିତ ହେଉଛି। ୨୦୧୮ରୁ ଆଜି ୨୦୨୪, ୬ବର୍ଷ ବିତି ଗଲାଣି, ଆମ ପାଠ୍ୟ ପୁସ୍ତକ, ଆମ ଜାତୀୟ ଇତିହାସର ବ୍ୟାଖ୍ୟାନରେ ପାଇକ ବିଦ୍ରୋହ ଏହାର ଉପଯୁକ୍ତ ସ୍ଥାନ ପାଇ ପାରିଲା ନାହିଁ।

କେତେ ମନ୍ତ୍ରୀ, କେତେ ଯନ୍ତ୍ରୀ ଗଲେଣି ସେ ଯମୁନାର ଧାରରେ, ମାତ୍ର ଓଡ଼ିଆ ଜାତିର କୀର୍ତ୍ତି ଆଜିବି ବି ସାନ୍ତ୍ୱନା ପୁରସ୍କାର କିମ୍ବା ଆଶ୍ୱସନାର ମାନପାତ୍ର ଖଣ୍ଡିଏ ପାଇ ବସିଛି। 'ଆମେ ଓଡ଼ିଆ ଭାରି ବଢ଼ିଆ' କହି ଦେଇ ନିଜକୁ ଆତ୍ମ ସନ୍ତୋଷ ଦେଇ ପଖାଳ ଖଣ୍ଡେ ଖାଇ ଶୋଇ ଯାଇଥାନ୍ତେ ଯଦି ବକ୍ସି ଜଗବନ୍ଧୁ ଦାସ, ବୀର ଚାଖି ଖୁଣ୍ଟିଆ, ସୁରେନ୍ଦ୍ର ସାଏ ଆଦି ବୀର ମାନେ ତାହେଲେ ଆଜି ପ୍ରକୃତରେ 'ଓଡ଼ିଆ ଏକଟା ଭାଷା ନଏ' ବହୁଥିବ ସେଇ ବଙ୍ଗୀୟ ଲେଖକମାନଙ୍କ କଥନ ସତ୍ୟ ହୋଇଥାନ୍ତ। ଯଦି ତୁଚ୍ଛା ଆଶ୍ୱସନା ପାଇ ମଧୁସୂଦନ ଦାସ ଘରେ ବସି ଇଂରେଜ ସାହେବଙ୍କ ପ୍ରତୀକ୍ଷା କରିଥାନ୍ତେ ତାହେଲେ ଓଡ଼ିଆ ଏକ ସ୍ୱତନ୍ତ୍ର ପ୍ରଦେଶ କଦାପି ହୋଇ ନଥାନ୍ତା।

ଆଜି ଆଉ କେଇ ବର୍ଷ ଗଲେ ଆମେ ଶତାବ୍ଦୀ ଉତ୍ସବ ପାଳନ କରିବୁ। କିନ୍ତୁ ଭାଷା ଉତ୍ସବ ଭଳି ଶତାବ୍ଦୀ ଉତ୍ସବ ବେଳକୁ ଆମର ଲିପି, ଆମର ବର୍ଣ୍ଣନା, ଆମ ଉଚ୍ଚାରଣ ଯେ ଆଉ କେଉଁ ରୂପ ନେବ ତାହା କଳ୍ପନା ବାହାରେ। ' ବାପା' 'ମାଆ' 'ନନା' 'ବୋଉ' ଡାକ ତ ହେଲେ ବି ଆଜି ପ୍ରଚଳିତ କିନ୍ତୁ 'ନୂଆ ବୋଉ' 'ଦଦେଇ' 'ଜେଠେଇ' ଭଳି ଶବ୍ଦ ଧୀରେ ଧୀରେ ଅସ୍ତଗାମି। ଆଜି ବି ଆମ ପିଲାଏ ରାଣୀ ଝାନ୍ସୀ ହେବା ପସନ୍ଦ କରିବେ କିନ୍ତୁ ରମାଦେବୀ, ଶୈଳବାଳା କେତେ ଜଣ ହେଉଛନ୍ତି ? ଗୋଟିଏ ମଞ୍ଚରେ ଆମେ ଘଣ୍ଟା ଘଣ୍ଟା ଧରି ଗୋଟିଏ ଚଳଚ୍ଚିତ୍ରର ଆଲୋଚନା କରି ପାରିବା ମାତ୍ର ୧୦ ମିନିଟ୍ ଭଞ୍ଜ ସାହିତ୍ୟ, ପଞ୍ଚସଖା ସାହିତ୍ୟ ବିଷୟରେ କହିବା ଛାଡ଼ି ପଢ଼ିବି ପାରିବେ ନାହିଁ।

କ'ଣ ଏଇ ଦିନ ପାଇଁ ମୋଗଲର ତଲବାର, ମରହଟ୍ଟାର ତୋପ ଓ ଇଂରେଜର ଗୁଳି ଖାଇଥିଲେ ଜୟୀ ରାଜଗୁରୁ, କୃତିବାସ ପାଟ୍ଟଶାଣି। କ'ଣ ଏଥିପାଇଁ ମୁକୁନ୍ଦ ଦେବ ପାଲଟି ଥିଲେ ବିଧର୍ମୀ ?

କଳିଙ୍ଗ–ଉତ୍କଳ–ଓଡ଼ିଶା ହେଉଛି ସେଇ ଭୂମି ଯିଏ ଚଣ୍ଡାଶୋକକୁ କରିଥିଲା ଧର୍ମାଶୋକ, ଐର ଖାରବେଳଙ୍କ ଠାରୁ ଆରମ୍ଭ କରି କପିଳେନ୍ଦ୍ର ଦେବଙ୍କ ଭଳି ଅଜୟ ଶାସକ ଗଙ୍ଗାଠାରୁ ଗୋଦାବରୀ ଜୟ କରିଥିଲେ ସମୁଦ୍ରରେ ବାଣିଜ୍ୟ କରି ସମୃଦ୍ଧ ସମାଜ ଓ ଉତ୍କୃଷ୍ଟ କଳାର ସଂସ୍କୃତି ଠିଆ କରିଥିଲୁ ଆମେ। ଭଞ୍ଜଙ୍କ ଶବ୍ଦାବଳୀ, କୋଣାର୍କର ଶିଳ୍ପ ଓ ସର୍ବୋପରି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅନନ୍ୟ ଦର୍ଶନ ଶାସ୍ତ୍ରର ସମୃଦ୍ଧ ଥିଲା ଆମର ଜାତି। ଏଇ ଇତିହାସକୁ ସେଦିନ ମନେ ପକେଇ ମଧୁବାବୁ ଲେଖିଲେ

'ଉଠରେ ଉଠରେ ଉତ୍କଳ ସନ୍ତାନ
ଉଠିବୁ ଆଉ ତୁ କେତେ ଦିନେ
ପୁରୁବ ଗୌରବ ପୁରୁବ ମହିମା
ପଡୁନାହିଁ କିରେ ତୋର ମନେ '
କିନ୍ତୁ ଆଜି କ'ଣ ଆମେ ଉଠି ପାରିଛେ ?
ଆଉ କେତେ ଦିନେ ଉଠି ପାରିବା ?

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy    E-mail : sambadkalikanews@gmail.com    City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

## ଭାବନାର ଉପକୂଳେ

*ଶରତ ଦାଶ*



କେତେ ପଥ ଅଛି ବାକି
କିଏ ଅବା କହିବ ବୁଝାଇ
ଲକ୍ଷ୍ୟ ଆଉ କେତେ ଦୂର
କେତେଦୂର ବରଗଛ ଛାଇ

ପରିବର୍ତ୍ତନର ସ୍ରୋତେ
ଭାସିଗଲା କେତେ ଯେ ଅତୀତ
କେତେ ପ୍ରିୟ ଆପଣାର ଜନେ
ଗଲେ ହଜି ହୋଇଲେ ଅପ୍ରାପ୍ତ

କେତେ ଗ୍ରୀଷ୍ମ କେତେ ବର୍ଷା
କେତେ ଶୀତ ସହିତ ବସନ୍ତ

ଆସି ଗଲେ ଫେରି କାହିଁ
ମିଳେ ନାହିଁ ଯାର ଆଦିଅନ୍ତ

ଜୀବନ ପାଦପ ଦିନେ
ଫଳ ପୁଷ୍ପେ ଥିଲା ବିମଣ୍ଡିତ
ସବୁଜ ଧରଣୀରାଣୀ
ଗାଉଥିଲା ମଳୟ ସଙ୍ଗୀତ

ନାହିଁ ଆଉ ସେ ବୟସ
ହୋଇଛି ଯା କାଳ କବଳିତ
ନାହିଁ ନଭେ ଇନ୍ଦ୍ରଧନୁ
ଆଲୋକର ବିଭା ଅସ୍ତମିତ

ଆୟୁଷ ହୋଇଛି କ୍ଷୀଣ
ବୟସର ଅପରାହ୍ନ କାଳେ
ସ୍ୱପ୍ନରେ ବିଭୋର ଆଉ
ହୁଏ ନାହିଁ ମନ କୁତୁହଳେ

ସବୁଜ ଧରିତ୍ରୀ ଏବେ
ଦିଶିଲାଣି ମଳିନ ଧୂସର
ଜ୍ୟୋତିହୀନ ନୟନରେ
ନାହିଁ ଆଉ ରଙ୍ଗର ଆସର

ଦିଗନ୍ତ ବି ନାହିଁ ଦୂର
ଦୃଶ୍ୟ ହୁଏ ଅତି ପରିଷ୍କାର
ସରି ଆସେ ଲୀଳା ଖେଳା
ସ୍ୱପ୍ନ ସବୁ ନିଷ୍ପ୍ରଭ ଅସାର

ଅତୀତର ସ୍ମରଣରେ
ପ୍ରାଣେ ଉଠେ ସହସ୍ର ତରଙ୍ଗ
ନୟନୁ ସ୍ରାବିତ ଅଶ୍ରୁ
ପୋଛି ନିଏ ଜୀବନର ରଙ୍ଗ

ଆକାଶ ବିବର୍ଣ୍ଣ ଦିଶେ
ହୃଦେ ଜାଗେ ଅଦ୍ଭୁତ ବାସନା
ଆଉ ଥରେ ଫେରିବ କି
ଗଲାଦିନ ସ୍ୱପ୍ନେ ଆନମନା

ଝଡ଼ିଲା ପତ୍ର କି କେବେ
ଆଉଥରେ ଶୋଭିବ ବୃକ୍ଷରେ
ଯେତେ ଲୁହ ଗଡ଼ାଇଲେ
ଅନୁଭୂତ ଅତୀତ କି ଫେରେ ।

*ଭୁବନେଶ୍ୱର*

## ଅସରନ୍ତି ଆଶା

*ତୋଫାନ କୁମାର ମହାପାତ୍ର*

ଶୁଷ୍କ ଓଠ ଧାରେ ହସ ଟିକେ
ସ୍ୱଳ୍ପ ଜୀବନରେ ଇଚ୍ଛା ଯେତେ,
କେମିତି କେଜାଣି ରହେ ବାକି
ସ୍ଥୁଳ ଜୀବନରେ ଆଶା କେତେ । ୦

ପଙ୍କଜ ଆଶାରେ ଜଳାଶୟ ତୀରେ
ମଧୁପ ଆସେନା କେବେ,
ଭ୍ରମର ବିରହେ ଉପବନପରେ
ପୁଷ୍ପ ମନ ଦୁଃଖେ ଭାବେ । ୧



ଋତକେ ଋହିଁଛି ବରଷାର ମାର୍ଗ
ଅପଲକ ନୟନରେ,
ମରୁଭୂମି ପରେ ଜଳ ଆଶେ ଭ୍ରମେ
ମୃତ୍ୟୁର ବାହାନରେ । ୨



ସଂସାର ଧାଉଁଛି ଜୀଇଁବା ଆଶାରେ
ବିବେକକୁ କରି ବନ୍ଦୀ,
ଜୀବନ ଧାଉଁଛି ଜିତିବା ଆଶାରେ
ବିଜୟ ମୁକୁଟ ପିନ୍ଧି । ୩

ଅସରନ୍ତି ଆଶା ମରେ ନାହିଁ କେବେ
ଚିରଞ୍ଜିବୀ ସଂସାରରେ,
ମାୟାରେ ନିଜର ବଶ କରେ ସବୁ
ଦିଏ ମୃତ୍ୟୁ ଉପହାରେ । ୪

*ବିଶନପୁର, କୃଷ୍ଣାନନ୍ଦପୁର, ଜଗତସିଂହପୁର- ୭୫୪୧୩୫*
*ମୋ- ୭୨୦୫୩୦୨୬୯୦*

## ନିଆଁ



*ଡ. ଦୀପକ କୁମାର ମିଶ୍ର*

କିଛି ନିଆଁ ଜଳେ ଚୁଲିରେ
ଆଉ କିଛି ଜଳେ ଡିବି ହୋଇ ରାତିରେ
ଯାହା କିଛି ଅଳ୍ପସ୍ୱଳ୍ପ ବଳେ
ଜଳେ ହୁତୁହୁତୁ ଭୋକିଲା ପେଟରେ
ଛାତିରେ କିନ୍ତୁ ବହୁଦିନୁ
ଆଉ ଜଳୁ ନାହିଁ ନିଆଁ
ଯେବେଠୁ ତୁମେ ପର କରି ଋଲିଗଲ
ବନି ଜଣେ ଦୋବେଇ କନିଆଁ
ବାପାଙ୍କୁ ମୁଖାଗ୍ନି ଦେଲା ପରେ
ପାଳଲୁଣ୍ଡାରେ କୁହୁଳେଇ
ବଳେଇ ରଖିଚି କିଛି ନିଆଁ
ଯାହା ମତେ ଆଜି ବି ଜଳାଏ
କହେ ସବୁ ନିଆଁର ପୂର୍ଣ୍ଣାହୂତି
କେବଳ ମଶାଣି ଭୂଇଁରେ
ରାତିର ରାସ୍ତାକଡ଼ ବତିଖୁଣ୍ଟରୁ
ଯେଉଁ ନିଆଁ ଗଣ୍ଡେ ଆଣିଥିଲି
ତାହା ମଶାଲଟିଏ ଜାଳି ଖର୍ଚ୍ଚ କରିଦେଲି
ଗଣିକାମାନଙ୍କର ଗଣଦୌଡ଼ରେ
ଯେଉଁଠି ଦେହ ଅପେକ୍ଷା
ବେଫିକର ବେଶୀ ଜଳେ
ଲଙ୍ଗଳା ହେଉଥିବା କିଛି ତଥାକଥିତ
ସମ୍ଭ୍ରାନ୍ତ ମଣିଷମାନଙ୍କର
କପଡ଼ା ଓ କପଟପଣିଆ
ଉହ୍ଲେଇ ନିଆଁ ତ ଜଳୁଚି
ଗାଁ ମୁଣ୍ଡରେ ରାତିସାରା
ଯିବାକୁ ନା ବେଳ ଅଛି ନା ଅଛି ଇଚ୍ଛା ।

*ଭୁବନେଶ୍ୱର*
*ମୋ-୮୨୮୦୨୧୧୦୦୦*



## ଫୁଲ

*ମୀନକେତନ ପଶାୟତ*



ଫୁଲ ରଖିବ ଫୁଲ
ରଙ୍ଗ ବେରଙ୍ଗର ଫୁଲ
ନାନା କିସମର ଫୁଲ

କୋଉ ଫୁଲ ରଖିବ ?
କଢ଼ିଟିଏ, ଦରଫୁଟା ନା
ସଜ ଫୁଟା ଫୁଲଟିଏ

ଗେଡ଼ି ଗୋରା ତକ ତକ ଫୁଲ
ଟିକିଏ ଡେଙ୍ଗୀ ହଳଦୀ ଗୁରୁଗୁରୁ ଫୁଲ
ନା ଆଣ୍ଠୁ ପର୍ଯ୍ୟନ୍ତ କେଶର ଲମ୍ବିଥିବା
ନାଲି ଟୁକୁ ଟୁକୁ ଫୁଲ
ଖୁବ ସତେଜ ଖୁବ ନରମ
ଗାଲରେ ତାର ଲିଲିହସର ଗାଡ଼
ଖୁବ ସ୍ୱାସ୍ଥ୍ୟବତୀ ଆଙ୍ଖା
ଭରିଲା ଭରିଲା ଦିହ
ପାଖୁଡ଼ାରେ ଲାଗିନି ଟିକିଏ ବି ଦାଗ
ଅଣ୍ଟାରେ ପଡିନି ଭାଙ୍ଗ
ଛାତିରେ ବସିନି ଭଅଁର
କି ବାଜିନି ଡେଣା
ଚିତ୍ରିତ ପ୍ରଜାପତିର
ଅନାଘ୍ରାତ ଫୁଲ ଆଙ୍ଖା
ଅନାଘ୍ରାତ ଫୁଲ
ଖୁବ ନିରିମାଖି ଖୁବ କୋମଳ
ଫୁଲ ରଖିବ ଫୁଲ

ଦିନସାରା ତୁମେ ଯାହା ବି କରିପାର
ଥୋଇପାର ଈଶ୍ୱରଙ୍କ ପାଦ ତଳେ
ବାନ୍ଧିପାର
ପ୍ରଣୟର ରଙ୍ଗୀନ ମଣି ବନ୍ଧରେ
ଖୋସିପାର
ପ୍ରଣୟିନୀର ମତୁଆଲା କବରୀରେ
ବିଛେଇ ପାର
ସହିଦ ଅବା ବରପୁତ୍ରଙ୍କ ଚଲାପଥରେ
ଟେକିଦେଇ ପାର
ନେତା କି ଅଭିନେତାଙ୍କ
କର୍କଶ ପାପୁଲିରେ

ନ ହେଲେ
ସମର୍ପଣର ଅଞ୍ଜଳିରେ ଭରିପାର
ପୁଷ୍ପାଞ୍ଜଳି ରୂପେ
ଦିନ ସାରା ତୁମେ ଯାହାବି କରିପାର

ସେମିତି କର
ତୁମେ ଯେମିତି ଋହଁ
ତାର ଦଳା ମକଚ ନରମ ଦିହ
ଦେଇପାରେ ତୁମକୁ ପାର୍ଥିବ ସୁଖ
ଯାହା କଲେ ବି
ସେ ମୁହଁ ଖୋଲେନି
ନତମୁଖି ହୋଇ ବାଣ୍ଟୁଥାଏ
ସୁଗନ୍ଧର ବିହ୍ୱଳପଣ

ଯାହାର ଯେମିତି ଖୁସି
ତୁମେ ବ୍ୟବହାର କରିପାର
ହେଲେ ମନେରଖ
ଫୁଲଟିଏ ସିଏ
ପଦାର୍ଥ ନୁହେଁ
ସେ ତ ଦୟାର ମୂର୍ତ୍ତିଟିଏ
ଉଦାରତାର ଦେବୀଟିଏ

ଯିଏ ଦେଇପାରେ ମୁକ୍ତି
ବାଣ୍ଟିପାରେ ଶାନ୍ତି
ସାଜି ପାରେ ବର୍ତ୍ତିକା
ତୁମ ସଂସାରର ଅନ୍ଧାର ଗଳିରେ

ସାବଧାନ !
ତାକୁ ଖିନଭିନ କରନି
ତା ଭିତରେ ଲୁଚିଛି କଣ୍ଟାର ସଳିତା
ତା ଭିତରେ ଜଳୁଛି ଅନିର୍ବାଣ ଶିଖା

ଫୁଲ ରଖିବ ଫୁଲ
ମମତାର ଫୁଲ
କବିତାର ଫୁଲ
ଦେବତାର ଫୁଲ
ନା ନା ରକମର ଫୁଲ ।

*କ୍ୱା.ନ.- ଏଫ୍.ଏଲ.- ୧୧, ବାସନ୍ତୀ ନଗର, ରାଉରକେଲା- ୧୨*
*ମୋ- ୯୯୩୭୮୭୭୫୨୯*

## ତୁ, ନୋହୁ ବୋଝ

*ରତ୍ନପ୍ରଭା ବାଇ*

ନାରୀ - ସର୍ବ ଶକ୍ତିର ଅଧିକାରିଣୀ ତୁ,
ସବୁଠି ରହୁଛୁ ପୁରି,
ହେଲେ - ତୋ ସ୍ଥିତି ଆଜି କେଉଁଠି ?
କେବେ ଶୋଷଣ ଧର୍ଷଣ ଯଜ୍ଞେ ହେଉଛୁ ତୁ ଆହୂତି

ତୁ, ଝିଅଟିଏ ବୋଲି
ବାଟ ଘାଟ, ଘର ଆଉ ବାହାର
ପ୍ରତିଟି ସ୍ଥାନ ଅସୁରକ୍ଷିତ
କେଉଁଠି, ଶୈଶବ ତୋର, ଦରପୋଡ଼ା ଅଙ୍ଗାର ତ
କେଉଁଠି ହେଇଯାଉ ଖୁବ ଅବହେଳିତ



ତୁ, ସୃଷ୍ଟିର ମୂଳାଧାର
ମାଟି ଆଉ ମଞ୍ଜିର ସମ୍ପର୍କର ସମାହାର

ଏବେ ତୁ, ନିଜକୁ ବୁଝ
ସବୁ ପ୍ରଶ୍ନର ଉତ୍ତର ଖୋଜ,
ପ୍ରତିବାଦ ସ୍ୱରେ, ସମାଜ ସମ୍ବିଧାନରୁ
ଲିଭାଇ ଦିଅ କଠୋର ଶବ୍ଦକୁ
ବାପା ମାଆଙ୍କର, କି ଏଇ ସମାଜର
ତୁ, ନୋହୁ ବୋଝ

ତୁ, ନୋହୁ ଅବଳା ଦୁର୍ବଳା
ତୁ, ସୀତା, ସାବିତ୍ରୀ, ଶକ୍ତିମୟୀ, ଧର୍ଯ୍ୟଶୀଳା,
ତୁ, ରାଣୀ ଲକ୍ଷ୍ମୀ ବାଇ, ତୁ ରାଣୀ ଶୁକ ଦେଇ
ତୁ, ଜାୟା, ଜନନୀ, ଭଗିନୀ
ରୋଷେଇ ଶାଳରୁ, ରଣାଙ୍ଗନ ଯାଏ
ଶୁଭିଲାଣି ତୋର ପାଦ ଧ୍ୱନୀ ।

*ବର୍ଣ୍ଣାଳୀ ସାହିତ୍ୟ ସଂସଦ, ତାଳଚେର ଟାଉନ୍, ଅନୁଗୁଳ*
*ମୋ-୯୩୩୭୯୭୨୭୪୯*

## ଆଜି ବି ଜଳୁଛି ନାରୀ

*ମିନାକ୍ଷୀ ଦ୍ୱିବେଦୀ*

ଆଜି ବି ଜଳୁଛି ନାରୀ...
ଆଇନର ଶୋଷଣ ତରାଜୁ
ମାପି ପାରୁନି ନାରୀର ମହତ୍ତ୍ୱ, ମର୍ଯ୍ୟାଦା ତାର ଅସ୍ମିତା
କେତେବେଳେ ଅଧା ମରଣରେ,
କେତେବେଳେ ବେକରେ
ଫାଶୀର ମେଖଳା,
କେତେବେଳେ ଅର୍ଦ୍ଧ ଦଗ୍ଧ
ଶୋଷିତ ହୃଦୟରେ ନିଆଁ
ତ କେତେବେଳେ ଦି'ପହରିଆ ବୈଶାଖ ଝାଞ୍ଜିରେ
ମ୍ୟୁନିସପାଲିଟି ଅଳିଆଗଦାରେ ସଢୁଥିବା କନ୍ୟା ଭ୍ରୁଣ,
ଆଉ କେତେବେଳେ
ପ୍ରସବ ରୁମ୍‌ରେ ଛଟପଟ ହେଉଥିବା
ଅନୁଢା କିଶୋରୀର କୋହ,
ଦୁଇଟୋପା ଲୁହ ଶୁଖିବା ପୂର୍ବରୁ
ଆକାଶରେ ପ୍ରଶସ୍ତ ଶୂନ୍ୟତା
ଶୂନ୍ୟ ଭୂମି ଉପରେ ଆକାଶରୁ ଅଗ୍ନି ବର୍ଷା,
ଅତ୍ୟାଋରୀ ମୁହୂର୍ତ୍ତ ଝୁଲେଇ ରଖନ୍ତି



ନିର୍ମମ ସତ୍ୟର ସ୍ଥୁଳ ଅନୁଭବକୁ...
ରାବଣର ଶଠତାରେ ଶିକାର ଆଜିର ରାଜ ନନ୍ଦିନୀ
ଏବେବି ପଶାପାଳିର ଦୃପ୍ତ ଡାକ,
କୁରୁ ସଭାରେ କୂଳବଧୂର କାନ୍ଦ
ପରାହତ ଅପରାହ୍ନରେ
ଡର ହତାସ ହାତ ଧରାଧରି ନାଚି ଉଠନ୍ତି,
ଶତ ଶତ ନିର୍ଭୟାର ବୁକୁ ଫଟା କ୍ରନ୍ଦନ
ଝରିଲା ପତ୍ରର ଆୟୁଷରେ
ଲେଉଟାଣି ଛାଇର ନିର୍ମମ ହତ୍ୟା,
ସମୟର ଈଶ୍ୱର ତ
ତରାଜୁ ଧରନ୍ତି ନାହିଁ,..
କି' ଅବା ହବ ମିମାଂସା ?
ଜୀବନର ହୁଲି ଡଙ୍ଗା ଅସହାୟ, ଟଳମଳ
ଏବେ ଖାଲି ହାତ ଗୋଡ ଋଲୁ ନଥିବା
ଟେଳେ କୁଶବିଦ୍ଧ ମାଂସ ପିଣ୍ଡୁଳା
ନା ଅଛି ସ୍ୱାଦ ନା ଅଛି ସ୍ୱପ୍ନ
ନା ଅଛି ସ୍ୱର ଉତ୍ତୋଳନର ସାମର୍ଥ୍ୟ ।



*ମୋ- ୭୯୭୮୦୮୨୮୩୪*



## ନିଃଶୁଳ୍କ !

*ଅଧ୍ୟାପକ କୈଳାସ ଚନ୍ଦ୍ର ସାହାଣୀ*

ଟିକେ ଝାଡ଼ିଦିଅ ସେ ବେଡ଼ସିଟ
ସେଠି ଲାଗିଥିବ ହୁଏତ ପତ୍ନୀର ଅଲରା କେଶ
ଆଉ ଗୋଟେ ଅତର ଗନ୍ଧ,
ମଉଳି ଯାଇଥିବା ଗଜରାର ଅବଶେଷ,
ପ୍ରେମର ଦୁଧ ଠେକିରୁ ଉତୁରି ପଡିଥିବ
କିଛି ଅନାଲୋଚିତ ଆଳସ୍ୟ !

ଟିକେ ଜମାଟ ବନ୍ଧା ବରଫକୁ ତରଳାଇ ଦିଅ
ସେଠି ଫସିଲ ପାଲଟିଯାଇଥିବ ପିଲାଦିନ,
ଛିଣ୍ଡା କନ୍ଥାସାରା ମୂତର ଗନ୍ଧ
ବୋଉର ଲୁଗା ପାଲଟିଥିବ ପାରିଶୁଆ
ତେଲ ହଳଦୀର ମଲୁଖରେ
ଲୁଚିଥିବ ନିଶୁଳ୍କ ଆଦର,
ମମତାରେ ଜରଜର ଗୋଟେ ଦେବୀର
ରକ୍ତିମ ପାଦଚିହ୍ନ !

ଚିପୁଡି ଦିଅ ସେ ଖୋର୍ଦ୍ଧାର ନାଲି ଗାମୁଛା
ପୋଷେ ରକ୍ତ ପାଲଟି ଯାଇଥିବ ଝାଳ,
କାନ୍ଧରେ ନାଉ ହୋଇଥିବ ଗୋଟେ ରଜାପୁଅ,
କେବେ ଘୋଡ଼ା ଚଢୁଥିବ ସେ
ଗାମୁଛାକୁ ଲଗାମ କରି,
ଶୁଣୁଥିବ କା'ପତେ, ବା'ପତେର ଗୀତ
ଗୋଡ ଅଗରେ ବସି ଝୁଲୁଥିବ
ଲିଲି ହସର ଆଗାମୀ ସକାଳ !

ଗୋଟେ ଏକାନ୍ନବର୍ତ୍ତୀ ପରିବାରର ଜୀବାଶ୍ମ ଖୋଜ
ସେଠି ଲୁଚିଥିବ ଗୋଟେ ମିଠାପଣ
ଭାଇଋରାର ବିଶ୍ୱାସ,
ସଞ୍ଜ ସଳିତାର ମହମହ ବାସ
ଗୋଧୂଳି ବେଳାର ବଂଶୀ ଧ୍ୱନ
ଅଗଣାରେ ଗପର ଆସର,
ବକ୍ତା ଶ୍ରୋତାଙ୍କ ମଧୁର ଆଳାପ
ଟାକୁଆ କୁମରଠୁ
ରଜା ପୁଅର ପ୍ରଣୟ,
କଲୁରୀ ବେଙ୍ଗରୁ
ବୁଢ଼ୀ ଅସୁରୁଣୀ ଗପର ଇସ୍ତାହାର !

କେବେ ଆମ୍ବ ତୋଟାରୁ ଭାସି ଆସୁଥିବ
ମୁଠାଏ ମଳୟ ପବନ
ବାଟରେ ବଟବୃକ୍ଷର ନିରବ ଆମନ୍ତ୍ରଣ
ନଈରେ ମାଛରଙ୍କାଙ୍କ ମେଳା
ହାଟ, ଘାଟ, ତୁଠରେ
ଘୋ ଘୋ ଶବ୍ଦଙ୍କ ମେଖଳା
ସବୁତ ନିଶୁଳ୍କ ଥିଲା,
ପଦେ ମିଠା କଥାରେ ବତୁରି ଯାଉଥିଲା ମାଟି
ଶିଳା ପାଲଟୁଥିଲା ଶାଳଗ୍ରାମ !
ଏ ଅତୀତର ଗୌରବ ଏବେ ନିଶ୍ଚିହ୍ନ କ୍ରମଶଃ
ବିକାଶର ମହାମନ୍ତ୍ରରେ
ସବୁଠି ଶୁଳ୍କର ପ୍ରାବନ୍ଧ
ଅଦୂରରୁ ଭାସିଆସେ ଖାଲି
ହଜୁଥିବା ମଣିଷ ପଣିଆର ତୀବ୍ର ଗନ୍ଧ !!

*ଲକ୍ଷ୍ମୀ ନଗର, ବଡବିଲ, କେନ୍ଦୁଝର*
*ମୋ- ୯୪୩୭୮୪୩୨୧୯*

## ବିତର୍କ



*ଆଦ୍ୟାଶା ମହାପାତ୍ର*

ଗାନ୍ଧୀ କେବଳ ଏକ ନାମ ନୁହେଁ ଏକ ଦର୍ଶନ । ସେଇ ଦର୍ଶନକୁ ଭିତ୍ତି କରି ଏଇ ସ୍ୱାଧୀନ ଦେଶରେ ପାଦ ରଖିଥିଲା । ତତ୍କାଳୀନ ରାଜନୀତି ହେଲେ କିଛି ନ୍ୟସ୍ତ ସ୍ୱାର୍ଥ ଗୋଷ୍ଠୀଙ୍କ ଚକ୍ରାନ୍ତରେ ଗାନ୍ଧୀ ଜୀବନ ହରାଇଥିଲେ । ହେଲେ ଗାନ୍ଧୀବାଦ ଚିର ସମୁଜ୍ଜଳ ସବୁଦିନ ପାଇଁ ଗାନ୍ଧୀ ଜନମାନସରେ ଜୀବିତ

- ଗାନ୍ଧୀଙ୍କୁ କାହିଁକି ମାରିଦିଆ ଯାଇଥିଲା ଜଣାଥିବା ଦରକାର । ଆଗରୁ ଲୋକେ କିଛି ଜାଣୁନଥିଲେ କି ବୁଝୁନଥିଲେ । ସବୁ କିଛି ଲୁଋଇ ରଖାଯାଇଥିଲା ଗାନ୍ଧୀଙ୍କ ବିଷୟରେ । ଏବେ ତାଙ୍କ କାରନାମା ପଦାକୁ ବାହାରି ଆସିଛି ଯେତେବେଳେ ତାକୁ ଗ୍ରହଣ କରିବାକୁ କୁଣ୍ଠିତ କାହିଁକି ? ତାଙ୍କ ପାଇଁ ହିଁ ଏ ଦେଶର ଏମିତି ଦୁର୍ଦ୍ଦଶା ରୋହନଙ୍କ ପରେ ନିଜ ବକ୍ତବ୍ୟ ରଖିଲେ ନରେନ ।

- ତା ମାନେ ତୁମେମାନେ କହୁଚ ନାଥୁରାମ ଯେଉଁ କାମ କରିଛି ଠିକ୍ କରିଛି । ମୁଖ ବିକୃତି କରି କହିଲେ ରୋହନ ।

- ବିଲ୍‌କୁଲ୍ ଠିକ୍ ଆଉ କିଛି ଦିନ ସେ ରହିଥିଲେ ଆମ ଦେଶର ଆହୁରି କ୍ଷତି ହୋଇଥାନ୍ତା..! ମୁସଲମାନ ମାନଙ୍କୁ ସନ୍ତୁଷ୍ଟ କରିବାକୁ ଗାନ୍ଧୀ କାହିଁକି ଏ ଦେଶରୁ ଏକ ବଡ଼ ରକମର ଧନରାଶି ପାକିସ୍ତାନକୁ ଦେବା ପାଇଁ ଜିଦ୍ ଧରିଥିଲେ ? କାହିଁକି ଅନଶନରେ ବସିଥିଲେ ? ସେଇ ଟଙ୍କା ବ୍ୟୟ କରି ମୁସଲମାନ ମାନେ ନିରିହ ହିନ୍ଦୁମାନଙ୍କ ଉପରେ ଅତ୍ୟାଋର କରିଥିଲେ ।

- ଯଦି ସେଇଟା ଅନ୍ୟାନ୍ୟ ନେତୃବୃନ୍ଦଙ୍କୁ ପସନ୍ଦ ନଥିଲା, ତେବେ କାହିଁକି ଗାନ୍ଧୀଙ୍କ ଇଛାକୁ ପୂରଣ କରାଗଲା ? ସେତେବେଳେ କାହିଁକି ଚୁପ୍ ଥିଲେ ସେମାନେ । ଗାନ୍ଧୀ ଯଦି ଅନଶନରେ ବସିଥିଲେ, ସେମାନେ ବି ତାଙ୍କ ବିରୋଧରେ ଅନଶନରେ ବସି ପାରିଥାନ୍ତେ । ହୁଏତ କିଛି ସୁଫଳ ମିଳିଥାନ୍ତା ।

ଅନ୍ୟ କିଛି ବିକଳ୍ପ ବି ଚିନ୍ତା କରାଯାଇ ପାରିଥାନ୍ତା । ଏଇ କଥାକୁ ଆଳ କରି ତାଙ୍କୁ ହତ୍ୟା କରି ଦିଆଗଲା ଯାହା ଏକ ସୁଚିନ୍ତିତ ଚକ୍ରାନ୍ତ ଥିଲା ।

- ଖାଲି ଏଇ ଗୋଟିଏ ଘଟଣା ନୁହେଁ, ଗାନ୍ଧୀଙ୍କ ବିଷୟରେ ଅନାଲୋଚିତ କିଛି ବିଷୟ ଏବେ ପୁସ୍ତକ ରୂପେ ଉପଲବ୍ଧ । ପଢିଲେ ସବୁ କଥା ଆମୂଳଚୁଳ ବୁଝିହେବ । ପ୍ରାୟ ପ୍ରତି ଘଟଣାରେ ଗାନ୍ଧୀ ମୁସଲମାନମାନଙ୍କ ପ୍ରତି ସମ୍ବେଦନଶୀଳ ଥିଲେ । ଏମିତିକି ହିନ୍ଦୁ ନାରୀମାନଙ୍କ ପ୍ରତି ସେମାନେ କୁତ୍ସିତ ବ୍ୟବହାର କରିଥିଲେ। ତଥାପି ଗାନ୍ଧୀ ଚୁପ୍ ଥିଲେ ।

- ହୁଏତ ଗାନ୍ଧୀ ଜାଣିଥିଲେ ସେଭଳି କିଛି ଘଟଣା ମୁସଲମାନ ମହିଳାଙ୍କ କ୍ଷେତ୍ରରେ ମଧ୍ୟ ଘଟିଛି । ମାତ୍ର ତାହା ବିଶ୍ୱ ସମୁଦାୟକୁ ଜଣାଇବାକୁ ଋହୁଁନଥିଲେ ।

- ମିଛ । ଏସବୁ ବେକାର କଥା । କୌଣସି ଘଟଣା ପ୍ରମାଣ ଆଧାରିତ ହେବା ଦରକାର । ଆମେ ଯାହା କହୁଛୁ ସବୁ ପ୍ରମାଣ ଆଧାରିତ, ନିଛକ ସତ୍ୟ ।

- ସେତେବେଳେ କଥା ତ ପୁରୁଣା । ଏବେ ତ ଗୁଜରାଟରେ ଜଣେ ମୁସଲମାନ ମହିଳାଙ୍କୁ ଲାଂଛିତ କରାଗଲା ଏବଂ ମାନ୍ୟବର ନ୍ୟାୟାଳୟ ଯେଉଁମାନଙ୍କୁ ଦୋଷୀ ସାବ୍ୟସ୍ତ କଲେ ସେମାନେ ତ ସମସ୍ତେ ହିନ୍ଦୁ ପୁଣି ପୁରା ସଜା କାଟିବା ପୂର୍ବରୁ ସେମାନଙ୍କୁ ଜେଲ୍‌ରୁ ମୁକ୍ତ କରାଗଲା । ଏସବୁ କି ପ୍ରକାର ନ୍ୟାୟ ? ତେଣୁ ନିର୍ଯାତନା କ୍ଷେତ୍ରରେ କେବଳ ନାରୀକୁ ହିଁ ସାମ୍ନାରେ ରଖି କଥାବାର୍ତ୍ତା କରିବା ଠିକ୍ ଜାତି ବା ଧର୍ମ ଆଧାରରେ ନୁହେଁ ।

- କିନ୍ତୁ ଗାନ୍ଧୀଙ୍କ ଅହିଂସା ନୀତି ସ୍ୱୟଂ ସମ୍ପୂର୍ଣ୍ଣ ନଥିଲା । ନାଥୁରାମଙ୍କ ଭଳି କେତେ ଲୋକଙ୍କ ମନରେ ସେ ହିଁ ବିଦ୍ୱେଷ ଭରିବାର ପ୍ରକ୍ରିୟା ଜାରି ରଖିଥିଲେ ।

- ଦେଶର ଐକ୍ୟ ସେ ଋହୁଁଥିଲେ । ହେଲେ କିଛି ଲୋକ ନିଜ ସ୍ୱାର୍ଥ ସିଦ୍ଧି ଋହୁଁଥିଲେ । ଯେଉଁମାନଙ୍କ ପ୍ରୋତ୍ସାହନରେ ନାଥୁରାମ ଏ କାଣ୍ଡ କରି ବସିଲା ସେମାନେ ବି ନାଥୁରାମ ଠାରୁ ନିଜକୁ ଦୂରେଇ ନେଇଥିଲେ । ସେତେବେଳେ ବିଚରା ଏକା ପଡ଼ିଯାଇଥିଲା । ଏବେ ପୁଣି କିଛି ଲୋକ ନିଜର ଫାଇଦା ପାଇଁ ନାଥୁରାମକୁ ଆଦର୍ଶ ବୋଲି ମାନିନେଇଛନ୍ତି । ଯେଉଁମାନେ ଗାନ୍ଧୀଙ୍କୁ ଏବେ ବଦନାମ କରିବାକୁ ସବୁ ପ୍ରକାର ପ୍ରଯତ୍ନ କରୁଛନ୍ତି, ସେମାନେ ଖୁବ୍ ସୁବିଧାବାଦୀ । ରୋହନ ବ୍ୟଙ୍ଗୋକ୍ତି କରି କହିଗଲେ ଏକା ନିଃଶ୍ୱାସକେ ।

ଏତିକି କଥା ନରେନଙ୍କୁ ଆହୁରି ଉତ୍ତ୍ୟକ୍ତ କରିବାକୁ ଯଥେଷ୍ଟ ଥିଲା ।

- କ'ଣ ସୁବିଧାବାଦୀ ? ଏସବୁ ମିଛ କଥା । ସତ କଥା ଏବେ ସାମ୍ନାକୁ ଆସିଛି ଗାନ୍ଧୀଙ୍କ ବିଷୟରେ । ତଥ୍ୟ ପ୍ରମାଣ ଆଧାରିତ ସବୁକଥା ଲିପିବଦ୍ଧ ହୋଇସାରିଛି । ସତ୍ୟାଗ୍ରହର ଡିଣ୍ଡିମ ପିଟୁଥିବା ଲୋକ ଯେ ମିଥ୍ୟାବାଦୀ ପ୍ରମାଣିତ ହୋଇଛନ୍ତି ଏବେ ସେଥିପାଇଁ କିଛି ଲୋକ ନିଜକୁ ଅସୁରକ୍ଷିତ ମନେ କରୁଛନ୍ତି ।

- ଗାନ୍ଧୀ ଯଦି ଖରାପ ଥିଲେ ତାଙ୍କୁ କାହିଁକି ଜାତିର ପିତା, ମହାତ୍ମା ଆଦି ଉପାଧି ପ୍ରଦାନ କରାଯାଇଥିଲା ? ସୁଭାଷ ବୋଷ, ରବୀନ୍ଦ୍ରନାଥ ଟାଗୋର ଆଦି ମହାନ ବ୍ୟକ୍ତିତ୍ୱ ଏତେ ବୋକା ନଥିଲେ । ଦେଶବାସୀଙ୍କ ଆଖିରେ ଅନ୍ଧପୁଟୁଳି ବନ୍ଧା ନଥିଲା ।

ଏବେ ଯେଉଁ କାହାଣୀ ଗାନ୍ଧୀଙ୍କ ନାମକୁ କଳୁଷିତ କରିବାକୁ ଲେଖା ଯାଇଛି ସବୁ ମନଗଢା ଇତିହାସକୁ ବିକୃତ କରିବାକୁ ଚେଷ୍ଟା କରାଯାଉଛି ।

- ବିଲକୁଲ ନୁହେଁ । ଅସଲ କାହାଣୀକୁ ଲୁଋ ଯାଇଥିଲା ଆଉ ଥରେ ଜୋର୍ ଦେଇ କହିଲେ ନରେନ ।

- ଏବେ ତିନି ତୁଣ୍ଡରେ ଛେଳିକୁ କୁକୁର ବୋଲି କହିବାକୁ ବାଧ୍ୟ କରାଯାଉଛି । ସେଇ ଗାନ୍ଧୀଙ୍କୁ ଆଗରେ ରଖି ତୁମେମାନେ ହିଁ ଲୋକଙ୍କ ହୃଦୟ ଜିତିବାକୁ ଋହୁଁଛ । ଗାନ୍ଧୀଙ୍କ ଚଷମା, ଗାନ୍ଧୀଙ୍କ ବାର୍ତ୍ତା, ଗାନ୍ଧୀଙ୍କ ଲାଠି ସବୁ ତ ତୁମେମାନେ ହିଁ ରାଜନୈତିକ ଫାଇଦା ପାଇଁ ବ୍ୟବହାର କରି ଋଲିଛ । ଏସବୁ କେବଳ ଶସ୍ତା ରାଜନୀତି ।

ନରେନକୁ ପୁଣି ଥରେ ଉତ୍ତେଜିତ କରାଇବାକୁ ଚେଷ୍ଟା କରୁଥିଲେ ରୋହନ ।

- ଏଇଟା ମିଛ କଥା । ତୁମ ଦଳ ହିଁ ଗାନ୍ଧୀଙ୍କ ନାମକୁ ବ୍ୟବହାର କରି, ତାଙ୍କର ଉତ୍ତରାଧିକାରୀ କହି ବହୁ ବର୍ଷ ଧରି ଦେଶକୁ ଶାସନ କରୁଥିଲେ । ବଂଶବାଦ ରାଜନୀତି ଆଉ ଚଳିବ ନାହିଁ । ଏବେ ଆମର ପାଳି । ଆଗାମୀ ନିର୍ବାଚନରେ ତୁମ ଦଳ ନିଶ୍ଚିହ୍ନ ହୋଇଯିବାଟା ନିଶ୍ଚୟ ।

- ଗାନ୍ଧୀଙ୍କ ନାମକୁ ଧରି ଯଦି ଆମ ଦଳ ଜିତୁଥିଲା, ସେଇଟା ହିଁ ବଡ଼ ପ୍ରମାଣ ଯେ ଦେଶ ଗାନ୍ଧୀଙ୍କୁ ଭଲପାଉଥିଲା । କିଏ ମାନୁ ବା ନମାନୁ ଏଇଟା ନିରାଟ ସତ ଯେ ଏଇ ଦେଶକୁ ଏକାଠି କରି ସ୍ୱାଧୀନତା ସଂଗ୍ରାମକୁ ଆଗକୁ ନେବାରେ ଗାନ୍ଧୀଙ୍କ ନେତୃତ୍ୱ ହିଁ ସଫଳତା ପାଇଥିଲା କହିଲେ ରୋହନ ।

- ଯେତିକି ହୋଇଯାଇଛି, ବହୁତ । ତୁମ ଦଳର ନାମ ନିଶାନ ଏଥର ନିର୍ବାଚନରେ ସଫା ହୋଇଯିବ । ଆଉଥରେ ଜୋର୍‌ରେ କହିଲେ ନରେନ ।

- ଯେଉଁ ଲୋକକୁ ଦାଗୀ, ବ୍ୟଭିଋରି କହି ଆମକୁ ବଦନାମ କରିବାକୁ ଚେଷ୍ଟା କରୁଥିଲ ଏବେ ସେଇ ଲୋକକୁ କୋଳେଇ ନେବାକୁ ସାମାନ୍ୟତମ କୁଣ୍ଠାବୋଧ ହେଉନି ତୁମ ଦଳର । ପୁଣି ସି.ବି.ଆଇ, ଇ.ଡି ଇତ୍ୟାଦିକୁ ବ୍ୟବହାର କରି, ମିଛ କେଶରେ ଫସାଇବାର ଭୟ ଦେଖାଇ ଆମ ଦଳର ନିର୍ବାଚିତ ପ୍ରତିନିଧିଙ୍କୁ ହାତେଇବାକୁ ଚେଷ୍ଟା କରୁଛି ତୁମ ଦଳ । ସେଥିପାଇଁ ତୁମର ଏ ବହପ । ଏ ତ କୁତ୍ସିତ ରାଜନୀତି ପ୍ରତ୍ୟାରୋପ ଲଗାଇଲେ ରୋହନ ।

କହିବା ବାହୁଲ୍ୟ ନିର୍ବାଚନର ଅବ୍ୟବହିତ ପୂର୍ବରୁ ଉପରୋକ୍ତ ବିତର୍କ ଦୃଶ୍ୟମାନ ହେଉଥିଲା ଟିଭି ଚ୍ୟାନେଲରେ, ଦୁଇ ଅଲଗା ଦଳର ନେତା ନରେନ ଓ ରୋହନଙ୍କ ଭିତରେ । ବିଷୟ ଥିଲା ଗାନ୍ଧୀ ଓ ରାଜନୀତି ।

ଏଇ ବିତର୍କର ପରଦିନ ସବୁ ଖବରକାଗଜ, ସବୁ ଟିଭି ଚ୍ୟାନେଲରେ ଗୋଟିଏ ଖବର ସବୁ ଲୋକଙ୍କୁ ଆକୃଷ୍ଟ ଓ ଆଶ୍ଚର୍ଯ୍ୟ ଚକିତ କରିଥିଲା । ନରେନ ଏବଂ ରୋହନ ନିଜ ନିଜର ଦଳ ଛାଡି ବିପକ୍ଷ ଦଳରେ ଯୋଗଦେଇ ନିର୍ବାଚନ ରଣଭୂମିରେ ଅବତୀର୍ଣ୍ଣ ହୋଇଥିଲେ ।

ରାଜନୀତିରେ ସବୁ ସମ୍ଭବ । ଲୋକ ମୁଖରେ ଆଉଥରେ ଚର୍ଚ୍ଚାର ଖୋରାକ ପାଲଟିଥିଲା ।

*ନୂଆପଡା, କଟକ*

# ବିଜ୍ଞାପନ ପାଇଁ ଗୀତ ଗାଇଲେ ଧୋନି



**ନୂଆଦିଲ୍ଲୀ**

ଚେନ୍ନାଇ ସୁପର କିଙ୍ଗ (ସିଏସକେ) ୱିକେଟ୍‌ରକ୍ଷକ ମହେନ୍ଦ୍ର ସିଂହ ଧୋନି ଚଳିତ ବର୍ଷ ସିଏସକେର ଅଧିନାୟକ ପଦ ଛାଡ଼ି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିଲେ। ଆଇପିଏଲ ଆରମ୍ଭ ହେବାର ଠିକ୍ ପୂର୍ବରୁ ସେ ଋତୁରାଜ ଗାଏକ୍ୱାଡ୍‌କୁ ଦାୟିତ୍ୱ ଦେଇ ଅଧିନାୟକତ୍ୱ ଛାଡ଼ିଥିଲେ। ଏହା ପୂର୍ବରୁ ତାଙ୍କୁ ଧୂମପାନ କରୁଥିବା ଦେଖାଯାଇଥିଲା। ୨୦୨୪ରେ ଅନେକ ଅଧିନାୟକଙ୍କ ଭଳି କାମ କରୁଥିବା ଧୋନି ଏବେ ଗୀତ ଗାଉଥିବା ଦେଖାଯାଇଛି। ଏକ ସାଇକେଲର ବିଜ୍ଞାପନ ପାଇଁ ସେ ଗୀତ ଗାଉଥିବା ଜଣାପଡ଼ିଛି। ଭାଇରାଲ ଭିଡିଓରେ ଦେଖାଯାଉଛି ଯେ, ଏକ ଜଙ୍ଗଲିଆ ରାସ୍ତାରେ ସାଇକେଲ ଚଲାଇ ସେ ଗୀତ ଗାଉଛନ୍ତି। ବିଜ୍ଞାପନ ପାଇଁ ସେ ନିଜେ ଗୀତ ଗାଇଥିବା ଭିଡିଓ ଦେଖି ଜଣାପଡ଼ୁଛି। ସେ 'ବୋଲେ ଯୋ କୋଏଲ ବାଗୋ ମେଁ' ଗୀତ ଗାଉଥିବା ଦେଖିବାକୁ ମିଳିଛି।

ଉଲ୍ଲେଖଯୋଗ୍ୟ, ୪୨ ବର୍ଷୀୟ ଧୋନି ୨୦୦୮ ମସିହାରୁ ହିଁ ଚେନ୍ନାଇ ସୁପରକିଙ୍ଗର ଅଭିନ୍ନ ଅଙ୍ଗ ହୋଇ ରହିଆସିବା ସହ ତାଙ୍କ ନେତୃତ୍ୱରେ ଦଳ ୫ ଆଇପିଏଲ୍ ଓ ୨ ଋମ୍ପିଅନ୍ସ ଲିଗ୍ ଟ୍ରଫି ଜିତିଛି। ଗତବର୍ଷ ଧୋନିଙ୍କ ଅଧିନାୟକତ୍ୱରେ ହିଁ ଅହମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମ୍‌ରେ ଗୁଜରାଟ ଟାଇଟାନ୍ସକୁ ହରାଇ ସିଏସ୍‌କେ ପଞ୍ଚମ ଥର ପାଇଁ ଆଇପିଏଲ ବିଜେତା ହୋଇଥିଲା। ଧୋନି ୨୫୦ ଆଇପିଏଲ ମ୍ୟାଚ୍ ଖେଳି ୩୮.୭୯ ହାରରେ ୫,୦୮୨ ରନ କରିଛନ୍ତି। ସେଥିମଧ୍ୟରେ ରହିଛି ୨୪ ଅର୍ଦ୍ଧଶତକ। ୨୩୫ ମ୍ୟାଚ୍‌ରେ ସିଏସକେର ନେତୃତ୍ୱ ନେଇଛନ୍ତି। ତାଙ୍କ ଅଧିନାୟକତ୍ୱରେ ସିଏସକେ ୨୦୧୦ରୁ ୨୦୧୩ ପର୍ଯ୍ୟନ୍ତ ଲଗାତାର ମୋଟ୍ ୧୦ଟି ଫାଇନାଲ ଖେଳିଛି। ଦୁଇଥର ଉପବିଜେତା ହୋଇଛି।

# ଆଇପିଏଲ-୨୦୨୪: ଚେନ୍ନାଇକୁ ୬ ୱିକେଟରେ ପରାସ୍ତ କଲା ହାଇଦ୍ରାବାଦ

**ହାଇଦ୍ରାବାଦ**

ଆଇପିଏଲ-୨୦୨୪ର ୧୮ତମ ମ୍ୟାଚରେ ଚେନ୍ନାଇକୁ ୬ ୱିକେଟରେ ପରାସ୍ତ କରିଛି ହାଇଦ୍ରାବାଦ। ଦ୍ୱିତୀୟ ପାଳିରେ ହାଇଦ୍ରାବାଦ ୧୮.୧ ଓଭରରେ ୪ ୱିକେଟ ହରାଇ ୧୬୬ ରନ୍ କରି ବିଜୟ ହୋଇଛି। ହାଇଦ୍ରାବାଦ ପକ୍ଷରୁ ଆଡେନ ମାର୍କ୍ରାମ ୫୦ ରନ୍ କରିଥିବାବେଳେ ଟ୍ରାଭିସ ହେଡ୍ ୩୧ ରନ୍ ଓ ଅଭିଷେକ ଶର୍ମାଙ୍କ ଦମ୍‌ଦାର ୧୨ ବଲରେ ୩୭ ରନ୍ କରି ହାଇଦ୍ରାବାଦକୁ ବିଜୟ ଦେଇଥିଲେ। ଅନ୍ୟପଟେ ଚେନ୍ନାଇ ପକ୍ଷରୁ ମୋଇନ ଅଲି ୨ଟି ୱିକେଟ ନେଇଥିବା ବେଳେ ମହେଶ ଥିକଶାନା, ଦୀପକ ଚହର ୧-୧ ୱିକେଟ ନେଇଥିଲେ। ଏହି ବିଜୟ ସହ ହାଇଦ୍ରାବାଦ ୪ ଅଙ୍କ ସଂଗ୍ରହ କରି ଟେବୁଲ ତାଲିକର ପଞ୍ଚମରେ ରହିଛି।



ପ୍ରଥମ ପାଳିରେ ସନରାଇଜର୍ସ ହାଇଦ୍ରାବାଦ ଟସ୍ ଜିତି ଚେନ୍ନାଇ ସୁପରକିଙ୍ଗସଙ୍କୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲା। ପ୍ରଥମେ ବ୍ୟାଟିଂ କରି ଥିବା ଚେନ୍ନାଇ ଏକ ଭଲ ଆରମ୍ଭ କରିଥିଲେ ବି ରାଚିନ ରବୀନ୍ଦ୍ର ମାତ୍ର ୧୨ ରନ କରି ଆଉଟ ହୋଇଥିଲେ। ଋତୁରାଜ ଗାଏକ୍ୱାଡ ୨୬ରନ ଓ ଆଜିଙ୍କ୍ୟ ରାହାଣେ ୩୫ରନ କରିଥିଲେ। ସେହିପରି ଶିବମ ଦୁବେ ୪୫ ରନ କରିଥିବାବେଳେ ରବୀନ୍ଦ୍ର ଜାଡେଜା ୩୧ରନ କରିଥିଲେ। ଦଳ ୨୦ ଓଭରରେ ୫ ୱିକେଟ ହରାଇ ୧୬୫ ରନ କରିଥିଲା। ଡାରିଲ ମିଚେଲ ୧୩ ରନ କରିଥିଲେ। ଓ ଧୋନି ୧ ରନ କରିଥିଲେ। ହାଇଦ୍ରାବାଦ ପକ୍ଷରୁ ଟି.ନଟରାଜନ, ଭୁବନେଶ୍ୱର କୁମାର, ପାଟ କମିନ୍ସ, ଶେହବାଜ ଅହମ୍ମଦ ଓ ଜୟଦେବ ଉନାଦକଟ୍ ଗୋଟିଏ ଲେଖାଏଁ ୱିକେଟ ନେଇଥିଲେ।

# ଫିଫା ମାନ୍ୟତାରେ ଭାରତ ଖସିଲା

**ନୂଆଦିଲ୍ଲୀ**

ଫିଫା ମାନ୍ୟତାରେ ଭାରତୀୟ ପୁରୁଷ ଫୁଟ୍‌ବଲ୍ ଦଳର ଅବନତି ଘଟିଛି। ଭାରତୀୟ ଦଳ ୪ଟି ସ୍ଥାନ ତଳକୁ ଖସି ୧୨୧ତମ ସ୍ଥାନରେ ରହିଛି। ଫିଫା ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟରେ ଆଫଗାନିସ୍ଥାନଠୁ ୧-୨ ଗୋଲ୍‌ରେ ପରାଜିତ ହେବା ପରେ ଭାରତର ଏଭଳି ଅବନତି ହୋଇଛି। ପ୍ରଶିକ୍ଷକ ଇଗୋର ଷ୍ଟିମାକ୍‌ଙ୍କ ଅଧୀନରେ ଭାରତୀୟ ଦଳ ଗତବର୍ଷ ଶୀର୍ଷ ୧୦୦ ଜଣଙ୍କ ମଧ୍ୟରେ ସ୍ଥାନ ପାଇଥିଲା। ଇଣ୍ଟରକଣ୍ଟିନେଣ୍ଟାଲ୍ କପ୍, ତ୍ରିରାଷ୍ଟ୍ରୀୟ ଶୃଙ୍ଖଳା, ସାଫ୍ ଋମ୍ପିଅନ୍‌ସିପ୍‌ରେ ଉନ୍ନତ ପ୍ରଦର୍ଶନ କରି ଭାରତ ଏଭଳି ବଡ଼ ସଫଳତା ପାଇଥିଲା। ଏଏଫ୍‌ସି ଏସିଆ କପ୍‌ରେ ଅଷ୍ଟ୍ରେଲିଆ, ଉଜ୍‌ବେକିସ୍ତାନ ଓ ସିରିଆଠୁ ପରାଜିତ ହୋଇ ଭାରତ ଗ୍ରୁପ୍‌ର ନିମ୍ନରେ ରହିଥିଲା। ଯେଉଁଥିପାଇଁ ଦଳର ମାନ୍ୟତା ୧୧୭କୁ ଖସିଆସିଥିଲା।



ପରେ ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟରେ ଆଫଗାନିସ୍ତାନ ସହିତ ଗୋଲ୍‌ଶୂନ୍ୟ ରଖିବା ପରେ ଘରୋଇ ମ୍ୟାଚ୍‌ରେ ଏହି ଦଳଠୁ ପରାଜିତ ହୋଇଥିଲା। ଫିଫା ମାନ୍ୟତାରେ ବିଶ୍ୱକପ୍ ବିଜେତା ଆର୍ଜେଣ୍ଟିନା ଶୀର୍ଷରେ ଥିବା ବେଳେ ଫ୍ରାନ୍ସ, ଇଂଲଣ୍ଡ, ବେଲଜିୟମ୍, ବ୍ରାଜିଲ୍ ଶୀର୍ଷ ୫ ମଧ୍ୟରେ ଅଛନ୍ତି।

# କେବଳ ରୋହିତ ଶର୍ମା ନୁହନ୍ତି, ବୁମ୍‌ରା ଓ ସୂର୍ଯ୍ୟକୁମାର ମଧ ଛାଡ଼ିପାରନ୍ତି ମୁମ୍ବାଇ ଇଣ୍ଡିଆନ୍ସର ହାତ

**ନୂଆଦିଲ୍ଲୀ**

ଆଇପିଏଲ-୨୦୨୪ ଆରମ୍ଭ ହେବା ପୂର୍ବରୁ ମୁମ୍ବାଇ ଇଣ୍ଡିଆନ୍ସ ଆଲୋଚନାର ବିଷୟ ପାଲଟିଛି। ରୋହିତ ଶର୍ମାଙ୍କୁ ଅଧିନାୟକ ପଦରୁ ହଟାଇ ଦିଆଯିବା, ହାର୍ଦ୍ଦିକ ନୂତନ ଅଧିନାୟକ ହେବା ଏବଂ ବର୍ତ୍ତମାନ ଦଳରେ ରୋହିତଙ୍କ ନିଷ୍ପତ୍ତିକୁ ସମ୍ମାନ ନହେବା ଖବର ଏମ୍‌ଆଇ ଫ୍ରାଞ୍ଚାଇଜ୍‌ର ଭବିଷ୍ୟତ ବିଷୟରେ କହିବା ଆରମ୍ଭ କରିଛି। କିଛି ରିପୋର୍ଟ ଅନୁଯାୟୀ, ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଅଧିନାୟକତ୍ୱରେ ରୋହିତ ଶର୍ମା ଆଦୌ ଖୁସି ନୁହଁନ୍ତି, ତେଣୁ ଆଇପିଏଲ ୨୦୨୪ ଶେଷରେ ମୁମ୍ବାଇ ଇଣ୍ଡିଆନ୍ସ ଛାଡି ଋଲିଯିବାର ଗୁଜବ ବୃଦ୍ଧି ପାଇବାରେ ଲାଗିଛି। ବର୍ତ୍ତମାନ ରୋହିତ ଶର୍ମାଙ୍କ ବ୍ୟତୀତ ଜସପ୍ରୀତ ବୁମ୍‌ରା ଏବଂ ସୂର୍ଯ୍ୟକୁମାର ଯାଦବଙ୍କ ନାମ ମଧ ଏହି ତାଲିକାରେ ସ୍ଥାନ ପାଇଛି, ଯିଏ ସିଜିନ୍ ଶେଷ ହେବା ପରେ ଏମ୍‌ଆଇ ଫ୍ରାଞ୍ଚାଇଜ ଛାଡ଼ି ପାରନ୍ତି।



ବର୍ତ୍ତମାନ ଏକ ରିପୋର୍ଟରେ କୁହାଯାଇଛି ଯେ କେବଳ ରୋହିତ ଶର୍ମା ନୁହଁନ୍ତି ଜସପ୍ରୀତ ବୁମ୍‌ରା ଏବଂ ସୂର୍ଯ୍ୟକୁମାର ଯାଦବ ମଧ ଆଇପିଏଲ ୨୦୨୪ ପରେ ମୁମ୍ବାଇ ଇଣ୍ଡିଆନ୍ସ ଛାଡ଼ି ପାରନ୍ତି। ଏମ୍‌ଆଇ ସହିତ ରୋହିତଙ୍କର ୧୪ ବର୍ଷର ଅଭିଜ୍ଞତା, ସୂର୍ଯ୍ୟକୁମାର ଯାଦବଙ୍କର ୯ବର୍ଷ ଏବଂ ଜସପ୍ରୀତଙ୍କର ଏହି ଦଳ ସହିତ ୧୨ବର୍ଷର ଅଭିଜ୍ଞତା ଅଛି। କଳ୍ପନା ଜଳ୍ପନା ହେଉଛି ଯେ ହାର୍ଦ୍ଦିକ ଏବଂ ଦଳ ପରିଋଳନା ସହ ପାର୍ଥକ୍ୟ ହେତୁ ରୋହିତ ଶର୍ମା ଫ୍ରାଞ୍ଚାଇଜ ଛାଡ଼ିବା ପାଇଁ ଏକ ବଡ଼ ନିଷ୍ପତ୍ତି ନେଇ ପାରନ୍ତି। ଏହା ବ୍ୟତୀତ ମୁମ୍ବାଇ ଇଣ୍ଡିଆନ୍ସର ଅଧିନାୟକତ୍ୱ ରୋହିତଙ୍କୁ ପୁନର୍ବାର ହସ୍ତାନ୍ତର କରାଯାଇପାରେ ବୋଲି ଖବର ମଧ ଆସିଛି।

# ଦିବ୍ୟାଙ୍ଗଙ୍କୁ ଆତ୍ମନିର୍ଭରଶୀଳ କରୁଛି 'ପାରାକ୍ରୀଡ଼ା'

**ଭୁବନେଶ୍ୱର**

ଓଡ଼ିଶାରେ ପାରା କ୍ରୀଡ଼ାର ଲୋକପ୍ରିୟତା ଦିନକୁ ଦିନ ବଢ଼ିବଢ଼ି ଋଲିଛି। ଦିବ୍ୟାଙ୍ଗଙ୍କ ପାଇଁ କ୍ରୀଡ଼ା ଆତ୍ମନିର୍ଭରଶୀଳ ହେବାର ଏକ ବଡ଼ ମାଧ୍ୟମ ହୋଇଋଲିଛି। ସେହିଭଳି କ୍ରୀଡ଼ାକୁ ଅସ୍ତ୍ର କରି ସେମାନେ ନିଜ ନିଜ ଦକ୍ଷତାର ପରିପ୍ରକାଶ କରିପାରୁଛନ୍ତି। ବହୁ ଜାତୀୟ ଓ ଅନ୍ତର୍ଜାତୀୟ କ୍ରୀଡ଼ା ପ୍ରତିଯୋଗିତାର ସଫଳ ଆୟୋଜନ ସହ ବିଶ୍ୱସ୍ତରୀୟ କ୍ରୀଡ଼ା ଭିତ୍ତିଭୂମି ସୃଷ୍ଟି କରି ଦେଶରେ ଏକ ନମ୍ବର କ୍ରୀଡ଼ା ରାଜ୍ୟର ମାନ୍ୟତା ପାଇ ସାରିଥିବା ଓଡ଼ିଶା ପାରା କ୍ରୀଡ଼ା କ୍ଷେତ୍ରରେ ମଧ କ୍ରମଶଃ ଏକ ବଡ଼ ଶକ୍ତି ଭାବେ ଉଭା ହେବାରେ ଲାଗିଛି। ବ୍ୟାଡମିଣ୍ଟନ୍, ଦୌଡ଼କୁଦ, ଅସି ଋଳନା, ସନ୍ତରଣ ଆଦି ଖେଳରେ ଓଡ଼ିଶାର ଦିବ୍ୟାଙ୍ଗ କ୍ରୀଡ଼ାବିତ୍‌ମାନେ କେବଳ ଜାତୀୟ ନୁହେଁ, ଅନ୍ତର୍ଜାତୀୟ ସ୍ତରରେ ମଧ ରାଜ୍ୟ ପାଇଁ ଗର୍ବ ଓ ଗୌରବ ଆଣୁଛନ୍ତି। ଏଥିଲାଗି ଓଡ଼ିଶା ପାରା କ୍ରୀଡ଼ରେ ଏବେ ସେ ସୁବର୍ଣ୍ଣ ସମୟ ଋଲିଛି, ସେଥିରେ ଦ୍ୱିମତ ନାହିଁ। ପ୍ରତିଭାବାନ ଖେଳାଳିଙ୍କ ଭଣ୍ଡାର ସହ ନିଯୁକ୍ତି, ଆର୍ଥିକ ପ୍ରୋତ୍ସାହନ ଓ ସରକାରୀ ତଥା ବେସରକାରୀସ୍ତରରୁ ସମର୍ଥନ ଲାଗି ଓଡ଼ିଶା ପାରାକ୍ରୀଡ଼ାବିତ୍‌ମାନେ କେବଳ କ୍ରୀଡ଼ା ପ୍ରତିଯୋଗିତା ନୁହଁ କ୍ରୀଡ଼ା ପରିଋଳନାରେ ମଧ ସକ୍ରିୟ ଭୂମିକା ତୁଲାଇବା ଆରମ୍ଭ କରିଛନ୍ତି।

ଓଡ଼ିଶାରେ ପାରା କ୍ରୀଡ଼ାର ପରମ୍ପରା ବହୁ ପୁରୁଣା। ତଥାପି ମଧ ଅଲିମ୍ପିକ୍ସଠାରୁ ଆରମ୍ଭ କରି ବିଶ୍ୱପ୍ରତିଯୋଗିତାରେ ପ୍ରମୋଦ ଭଗତଙ୍କ ଅପାର ସଫଳତା ହିଁ ରାଜ୍ୟରେ ପାରାକ୍ରୀଡ଼ାକୁ ଐତିହାସିକ ମୋଡ଼ ଦେଇଛି। ଅନ୍ତର୍ଜାତୀୟ କ୍ରୀଡ଼ା ପ୍ରତିଯୋଗିତାଗୁଡ଼ିକରେ ଲଗାତାର ସଫଳତା ପାଇ ପ୍ରମୋଦ ରାଜ୍ୟର ପାରାକ୍ରୀଡ଼ାବିତ୍‌ଙ୍କ ପାଇଁ ସବୁଠାରୁ ବଡ଼ ଆଦର୍ଶ ଭାବେ ଉଭା ହୋଇଛି। ତାଙ୍କ ସଫଳତାକୁ ପାଥେୟ କରି ପାରାକ୍ରୀଡ଼ା ପ୍ରତି ଅଧିକରୁ ଅଧିକ ଦିବ୍ୟାଙ୍ଗ ଆକୃଷ୍ଟ ହେଉଛନ୍ତି। ଦୌଡ଼କୁଦରେ ଜୟନ୍ତୀ ବେହେରା, ସୁଚିତ୍ରା ପରିଡ଼ା, ସ୍ୱାଧୀନ ମହାର, ବ୍ୟାଡ଼ମିଣ୍ଟନ୍‌ରେ ଦୀପରଞ୍ଜନ ବିଶୋଇ, ଶୁଭ୍ରଜିତ ମହାରଣା, ଦିଲେଶ୍ୱର ରାଓ, ହ୍ୱିଲଚେୟାର ଫେନ୍ସିଂରେ ରାଖାଲ ସେଠୀ, ଭି ରମେଶ



ରାଓ, ପ୍ରଫୁଲ୍ଲ କୁମାର ଖଣ୍ଡାୟତରାୟ, ପୂଜାସ୍ୱିନୀ ନାୟକ, ଶୀଳା ମନ୍ତ୍ରୀ, ପବିତ୍ର ସାହୁ, ପାରା ଭାରୋତ୍ତୋଳନରେ ଗଦାଧର ସାହୁ, ଚନ୍ଦନ କୁମାର ବେହେରାଙ୍କ ଭଳି ଖେଳାଳି ସଫଳତାର ନୂଆ ଧାରା ସୃଷ୍ଟି କରିଛନ୍ତି। ନିକଟରେ ଅନୁଷ୍ଠିତ ପାରା ଅଲିମ୍ପିକ୍ସ କମିଟି ଅଫ ଇଣ୍ଡିଆ (ପିସିଆଇ) ନିର୍ବାଚନରେ ଓଡ଼ିଶାର ସୁନୀଲ ପ୍ରଧାନ କୋଷାଧ୍ୟକ୍ଷ ନିର୍ବାଚନ ହେବା ମଧ ରାଜ୍ୟ ପାରା କ୍ରୀଡ଼ା ପାଇଁ ଗର୍ବ ଓ ଗୌରବର କଥା ହୋଇଛି। ଆଗାମୀ ସମୟରେ ଆହୁରି ଅନେକ ଖେଳାଳି ପାରା-କ୍ରୀଡ଼ାରେ ଓଡ଼ିଶା ପାଇଁ ସୁନାମ ଆଣିବାର ଯଥେଷ୍ଟ ସମ୍ଭାବନା ରହିଛି।

ସେହିଭଳି ଅନ୍ୟ ଖେଳ ସହ ଦୃଷ୍ଟିବାଧିତ କ୍ରିକେଟ୍‌ରେ ମଧ ଓଡ଼ିଶାର ଉପସ୍ଥିତି ଦିନକୁ ଦିନ ସମୃଦ୍ଧ ହେବାରେ ଲାଗିଛି। ମହମ୍ମଦ ଜାଫର ଇକବାଲ, ସୁଖରାମ ମାଝୀ, ନକୁଳ ବଡ଼ନାୟକ, ଲିଙ୍ଗରାଜ ରାଉତରାୟ, ପଙ୍କଜ ଭୂଏ, କାଳିଆ ପ୍ରଧାନ, ଦେବରାଜ ବେହେରାଙ୍କ ଭଳି ଖେଳାଳି କେବଳ ଭାରତୀୟ ଦୃଷ୍ଟିବାଧିତ ଦଳରେ ସ୍ଥାନ ପାଇ ନାହାନ୍ତି; ବରଂ ଏମାନଙ୍କ ମଧ୍ୟରୁ ଅନେକ ବିଶ୍ୱକପ ଜିତିବାର ସୌଭାଗ୍ୟ ବି ପାଇଛନ୍ତି। ମହିଳା ଦୃଷ୍ଟିବାଧିତ କ୍ରିକେଟ୍‌ରେ ମଧ ଓଡ଼ିଶା ଖେଳାଳିମାନେ ଚମତ୍କାରିତା ଦେଖାଇବା ଆରମ୍ଭ କରିଛନ୍ତି। ଇଂଲଣ୍ଡର ବର୍ମିଂହାମଠାରେ ଅନ୍ତର୍ଜାତୀୟ ଦୃଷ୍ଟିବାଧିତ କ୍ରୀଡ଼ା ମହାସଂଘ ଦ୍ୱାରା ଆୟୋଜିତ ବିଶ୍ୱ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ଜିତିଥିବା ଭାରତୀୟ ଦଳରେ ପଦ୍ମିନୀ ସାହୁ, ବାସନ୍ତୀ ହାଁସଦା, ଝିଲି ବିରୁଆ, ଫୁଲ ସୋରେନଙ୍କ ଭଳି ଖେଳାଳି ସ୍ଥାନ ପାଇବା ପରେ ରାଜ୍ୟ ଦୃଷ୍ଟି ବାଧିତ କ୍ରିକେଟ ଇତିହାସରେ ନୂଆ ଫର୍ଦ୍ଦ ଯୋଡ଼ି ହୋଇଛି। ଅଧିକାଂଶ ଦିବ୍ୟାଙ୍ଗ କ୍ରୀଡ଼ାବିତ୍‌ମାନେ ଗରିବ ପରିବାରରୁ ଆସିଥିଲା ବେଳେ ସେମାନଙ୍କ ସଂଘର୍ଷ ଓ ସଫଳତାର କାହାଣୀ ଅନ୍ୟମାନଙ୍କ ପାଇଁ ଆଦର୍ଶ ଓ ଉଦାହରଣ ପାଲଟିଛି। ସେମାନେ କ୍ରୀଡ଼ା ମାଧ୍ୟମରେ ଆର୍ଥିକ ଭାବେ ସୁଦୃଢ଼ ହେବା ସହ କାହା ଉପରେ ବୋଝ ପାଲଟୁନାହାନ୍ତି। ସଫଳତାର ସହ ନିଜ ସାମାଜିକ ଦାୟିତ୍ୱ ମଧ ତୁଲାଉଛନ୍ତି। ଏହି କ୍ଷେତ୍ରରେ ଚେସ୍ ତାରକା ଭାଇ ସୌନ୍ଦର୍ଯ୍ୟ ଓ ପ୍ରତୁର୍ଯ୍ୟ ପ୍ରଧାନଙ୍କୁ ଉଦାହରଣ ଭାବେ ନିଆଯାଇପାରେ। ଏହି ଦୁଇ ଭାଇ କେବଳ ଚେସ୍ ବୋର୍ଡରେ ଯାଦୁ ଦେଖାଇ ନାହାନ୍ତି, ପ୍ରାଶାସନିକ କ୍ଷେତ୍ରରେ ମଧ ନିଜ ଦକ୍ଷତାର ବଳିଷ୍ଠ ପରିଚୟ ଦେଇ ସମସ୍ତଙ୍କ ପ୍ରିୟ ପାତ୍ର ହୋଇଛନ୍ତି।

ଓଡ଼ିଶାରେ ପାରା କ୍ରୀଡ଼ା ପ୍ରତି ଆକର୍ଷଣ ଓ ପାରା କ୍ରୀଡ଼ାବିତ୍‌ଙ୍କ ସଫଳତା ପଛରେ ତିନିଟି କାରଣ ରହିଛି ବୋଲି ଜଣେ ସଫଳ ପାରାକ୍ରୀଡ଼ାବିତ୍ ନିଜ ନାମ ଗୋପନ ରଖି କହିଛନ୍ତି ସେ କହିଛନ୍ତି, ଓଡ଼ିଶା ସରକାର ଏବେ ସାଧାରଣ କ୍ରୀଡ଼ାବିତ୍‌ଙ୍କ ଭଳି ପାରା କ୍ରୀଡ଼ା ସଫଳତାକୁ ମଧ ଗୁରୁତ୍ୱ ଦେଉଛନ୍ତି। ସମାନ ପ୍ରୋତ୍ସାହନ ଓ ପୁରସ୍କାର ରାଶି ପ୍ରଦାନ କରୁଛନ୍ତି। ପାରା କ୍ରୀଡ଼ାବିତ୍‌ଙ୍କ ଲାଗି ଋକିରି ବ୍ୟବସ୍ଥା କରିଥିଲା ବେଳେ ନିକଟରେ ଦୃଷ୍ଟିବାଧିତ କ୍ରିକେଟର୍‌ମାନେ ମଧ ଏଥିରୁ ଲାଭ ଉଠାଇବା ଆରମ୍ଭ କରିଛନ୍ତି। ତୃତୀୟ କଥା ହେଲା ପ୍ରମୋଦ ଭଗତଙ୍କ ବିଶ୍ୱସ୍ତରୀୟ ସଫଳତା। ଅଲିମ୍ପିକ୍ସରେ ପ୍ରମୋଦଙ୍କ ସଫଳତା ସହ ତାଙ୍କୁ କୋଟି କୋଟି ଟଙ୍କାର ଆର୍ଥିକ ପୁରସ୍କାର ମିଳିବା ମଧ ପ୍ରେରଣାର ଉତ୍ସ ଭାବେ କାମ କରୁଛି। ଏଥିଲାଗି ପ୍ୟାରିସ ସହ ଆଗାମୀ ପାରାଲିମ୍ପିକ୍ସଗୁଡ଼ିକରେ ଓଡ଼ିଆଙ୍କ ପ୍ରତିନିଧିତ୍ୱ ବଢ଼ିବାର ଯଥେଷ୍ଟ ସମ୍ଭାବନା ରହିଛି।

# ପନ୍ତଙ୍କ ଉଚ୍ଚତାକୁ ନେଇ ପରିହାସ କରିଥିବା ଅଭିଯୋଗ ଉପରେ ମୁହଁ ଖୋଲିଲେ ଉର୍ବଶୀ



**ନୂଆଦିଲ୍ଲୀ**

ସୋସିଆଲ ମିଡିଆରେ ଭାରତୀୟ କ୍ରିକେଟର ଋଷଭ ପନ୍ତ ଓ ଅଭିନେତ୍ରୀ ଉର୍ବଶୀ ରେତେଲାଙ୍କ ବିଷୟରେ ଅନେକ କଥା ଚର୍ଚ୍ଚା ହେଉଥିଲା। ଉର୍ବଶୀ ଏକ ସାକ୍ଷାତ୍‌କାରରେ କହିଥିଲେ ଯେ, ସେ ଯେତେବେଳେ ସୁଟିଂରେ ଦିଲ୍ଲୀ ଯାଇଥିଲେ, ସେତେବେଳେ ଆରପି ନାମକ ଜଣେ ବ୍ୟକ୍ତି ଏକ ହୋଟେଲରେ ତାଙ୍କର ଯତ୍ନ ନେଇଥିଲେ। ଲୋକ ଆର୍‌ପିର ଅର୍ଥ ଋଷଭ ପନ୍ତ ବୋଲି ଅନୁମାନ କରିନେଇଥିଲେ। ହେଲେ ପନ୍ତ ଏହାକୁ ଉର୍ବଶୀଙ୍କର ଏକ ପବ୍ଲିସିଟି ଷ୍ଟଣ୍ଟ ବୋଲି କହିଥିଲେ। ଏହା ପରେ ମଧ ସୋସିଆଲ ମିଡିଆରେ ଉଭୟଙ୍କ ମଧ୍ୟରେ ବିବାଦ ଅନେକ ଥର ଦେଖିବାକୁ ମିଳିଥିଲା। ଏଥର ମାମଲା କିନ୍ତୁ ଭିନ୍ନ। ଉର୍ବଶୀ ପନ୍ତଙ୍କ ଉଚ୍ଚତାକୁ ନେଇ ତାଙ୍କୁ ଥଟ୍ଟା କରିଥିବା ଅଭିଯୋଗ ହୋଇଛି। ଲୋକମାନେ ଅନୁଭବ କରୁଛନ୍ତି ଯେ ଅଭିନେତ୍ରୀ ପୁଣିଥାର ପନ୍ତଙ୍କୁ ଟାର୍ଗେଟ କରିଛନ୍ତି। ଦର୍ଶକମାନେ କହୁଛନ୍ତି ଯେ ଉର୍ବଶୀ କ୍ରିକେଟରଙ୍କ ଉଚ୍ଚତାକୁ ପରିହାସ କରୁଛନ୍ତି। ମାତ୍ର ଅଭିନେତ୍ରୀ ସୋସିଆଲ ମିଡିଆରେ ଏକ ପୋଷ୍ଟ୍ ଲେଖି ସ୍ପଷ୍ଟୀକରଣ ଦେଇଛନ୍ତି। ଉର୍ବଶୀ ଏକ ଲମ୍ବା ପୋଷ୍ଟ କରିଛନ୍ତି ଏବଂ ଲେଖିଛନ୍ତି ଯେ ସେ ବିଜ୍ଞାପନରେ ଯାହା ଦେଖାଇଛନ୍ତି ତାହା କେବଳ ସ୍କ୍ରିପ୍ଟର ଏକ ଅଂଶ।

ନିକଟରେ ଉର୍ବଶୀଙ୍କୁ ଏକ ବିଜ୍ଞାପନରେ ଦେଖିବାକୁ ମିଳିଥିଲା ଯେଉଁଥିରେ ସେ ଅଭିନେତା, ବ୍ୟବସାୟୀ, ଗାୟକ ଏବଂ କ୍ରିକେଟରଙ୍କ ବିଷୟରେ କହୁଛନ୍ତି। ସେ କହୁଛନ୍ତି, ମୁଁ ବ୍ୟବସାୟୀ, ଅଭିନେତା ଏବଂ କିଛି କ୍ରିକେଟରଙ୍କ ସମେତ ଅନେକ ଲୋକଙ୍କୁ ଭେଟିଥିଲି ଏବଂ ସେମାନଙ୍କ ମଧ୍ୟରୁ ଅନେକ ମୋ ଉଚ୍ଚତାର ନୁହଁନ୍ତି।

## ଜାତୀୟ ଯୋଗାସନ ପ୍ରତିଯୋଗିତାରେ ବାଳିକା ପ୍ରତିଯୋଗୀଙ୍କ କୃତିତ୍ୱ

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

ଜାତୀୟ ଯୋଗାସନ ପ୍ରତିଯୋଗିତାରେ କେନ୍ଦ୍ରାପଡ଼ା ଜିଲ୍ଲାର ବାଳିକା ପ୍ରତିଯୋଗୀଙ୍କୁ ସଫଳତା ମିଳିଛି। ମୋଟ୍ ୬ଟି ରୌପ୍ୟ ଓ ୭ଟି କାଂସ୍ୟ ପଦକ ଜିତି ରାଜ୍ୟ ତଥା ଜିଲ୍ଲା ପାଇଁ ଜିଲ୍ଲାର ବାଳିକା ପ୍ରତିଯୋଗୀ ଗୌରବ ସାଉଁଟିଛନ୍ତି ବୋଲି ସୂଚନା ଦେଇଛନ୍ତି ଜିଲ୍ଲା କ୍ରୀଡ଼ା ଅଧିକାରୀ। ଜାତୀୟ ଯୋଗାସନ ସ୍ପୋର୍ଟସ୍ ଫେଡେରେସନ୍ ପକ୍ଷରୁ ଛତିଶଗଡ଼ର ଭିଲାଇଠାରେ ଅନୁଷ୍ଠିତ ଚତୁର୍ଥ ଯୋଗାସନ ସ୍ପୋର୍ଟସ୍ ପ୍ରତିଯୋଗିତାରେ କେନ୍ଦ୍ରପଡ଼ା ଜିଲ୍ଲାରୁ ୧୦ଜଣ ବାଳିକା ପ୍ରତିଯୋଗୀ ଓ ଦୁଇ ଜଣ ଅଫିସିଆଲ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ସବ୍-ଜୁନିଅର ବାଳିକା ବିଭାଗର ଆର୍ଟିଷ୍ଟିକ୍ ପେୟାର ବର୍ଗରେ ଶ୍ରେୟା ନାୟକ ଓ ତନିସା ତନ୍ମୟିନୀ କାଂସ୍ୟ ପଦକ ଜିତିଥିବା ବେଳେ ସବ୍-ଜୁନିଅର ବାଳିକା ବିଭାଗ ଆର୍ଟିଷ୍ଟିକ୍ ଗ୍ରୁପ୍ ବର୍ଗରେ ଶ୍ରେୟା ନାୟକ, ତନିସା ତନ୍ମୟିନୀ, ଗାୟତ୍ରୀ, ପ୍ରିୟଙ୍କା, ଶୁଭଶ୍ରୀ ରାଉତଙ୍କୁ ତୃତୀୟ ସ୍ଥାନ ଅଧିକାର କରି କାଂସ୍ୟ ପଦକ ଜିତିଥିଲେ। ସେହିପରି ଜୁନିୟର୍ ବାଳିକା ବିଭାଗରେ ଆର୍ଟିଷ୍ଟିକ୍ ବ୍ୟକ୍ତିଗତ ବର୍ଗରେ ଟୁଇଙ୍କିଲ୍ ସ୍ୱାଇଁ ଦ୍ୱିତୀୟସ୍ଥାନ ଅଧିକାର କରି ରୋପ୍ୟ ପଦକ ଜିତିଥିଲେ। ଜୁନିୟର୍ ଆର୍ଟିଷ୍ଟିକ୍ ଦଳଗତ ବର୍ଗରେ ଟୁଇଙ୍କିଲ୍ ସ୍ୱାଇଁ, ଅର୍ପିତା ସ୍ୱାଇଁ, ସ୍ମୃତିରେଖା ପାଣି, ସୋନାଲିନ୍ ଏବଂ ଉଷାରାଣୀ ଦ୍ୱିତୀୟ ସ୍ଥାନ ଅଧିକାର କରି ରୌପ୍ୟ ପଦକ ଜିତିଥିଲେ। ଏହି ପ୍ରତିଯୋଗିତାରେ ପ୍ରଜ୍ଞାପାରମିତା ପାଣି ପ୍ରଶିକ୍ଷକ ଭାବେ ଯୋଗ ଦେଇଥିବା ବେଳେ ସଞ୍ଜୟ କୁମାର ମଥାନ ବିଚାରକର ଦାୟିତ୍ୱ ନିର୍ବାହ କରିଥିଲେ।

# ଗୋରୁ ବୋଝେଇ ଗାଡ଼ିକୁ ନେଇ କେନ୍ଦୁଝରରେ ପ୍ରବଳ ଉତ୍ତେଜନା



**କେନ୍ଦୁଝର, ନ୍ୟୁଜ୍**

୪୯ ନମ୍ବର ଜାତୀୟ ରାଜପଥ ଗୋରୁ ବ୍ୟବସାୟୀଙ୍କ ପାଇଁ ଗୋ କରିଡ଼ର ସାଜିଥିବା ବେଳେ ସ୍ଥାନୀୟ ପୋଲିସ ଗୋରୁ ବ୍ୟବସାୟୀଙ୍କୁ ସବୁବେଳେ ସହଯୋଗ କରୁଥିବା ଅଭିଯୋଗ ହୋଇଆସୁଛି। ଶୁକ୍ରବାର ସେଭଳି କିଛି ଘଟଣାକୁ ନେଇ ଗୋସେବକ ଏବଂ ପୋଲିସ ସହିତ ପ୍ରବଳ ହଟ୍ଟଗୋଳ ହୋଇଥିବା ଭିଡିଓ ଭାଇରାଲ ହେଉଛି। ସୂଚନା ଅନୁସାରେ କେନ୍ଦୁଝର ଜିଲ୍ଲାର ତେଲକୋଇ ବ୍ଲକ ଅନ୍ତର୍ଗତ ଜନସନପୁର ନିକଟରୁ ଦୁଇଟି କଣ୍ଟେନର ପୋଲିସ ହାତରେ ଧରା ପଡ଼ିଛି। ଏହି କଣ୍ଟେନର ଦୁଇଟି ଭିତରେ ୧୫୦ଟି ଗୋରୁଙ୍କୁ ଉଦ୍ଧାର କରାଯାଇଛି। ତେଲକୋଇ ଅଞ୍ଚଳର ବିଭିନ୍ନ ସ୍ଥାନରୁ ଗୋରୁ ଚୋରା ଋଲାଣ କରି ପଶ୍ଚିମବଙ୍ଗକୁ ଏହି କଣ୍ଟେନର ମାଧ୍ୟମରେ ନିଆଯାଉଥିବା ଅନେକ ସମୟରେ ଅଭିଯୋଗ ହେଉଥିଲା। ଶୁକ୍ରବାର କେନ୍ଦୁଝର ପୋଲିସ ଏହି କଣ୍ଟେନର ଭିତରେ ଗୋରୁ ଭର୍ତ୍ତି କରି ନିଆଯାଉଥିବା ସୂଚନା ପାଇ ଜନସନପୁର ଗ୍ରାମ ନିକଟରେ ଅଟକାଇଥିଲା। ଏହି କଣ୍ଟେନର ଗୁଡ଼ିକୁ ସୁରକ୍ଷା ଦେଉଥିବା କିଛି ମାଫିଆ ଏକ ବୋଲେରୋ ଯୋଗେ ଘଟଣା ସ୍ଥଳରୁ ଫେରାର ହୋଇ ଯାଇଥିଲା ବେଳେ ପୋଲିସ ଡ୍ରାଇଭର ଓ କିଛି ଗୋରୁ ବେପାରୀଙ୍କୁ ଅଟକ ରଖିଛି ପୋଲିସ। ଏହି ଅଞ୍ଚଳରେ ପଶ୍ଚିମବଙ୍ଗ ଅଞ୍ଚଳର ଗୋରୁ ମାଫିଆ ସକ୍ରିୟ ରହୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

# ଶଶାଙ୍କ ବ୍ୟାଟିଂ ଦେଖି ଖୁସିରେ ନାଚି ଉଠିଲେ ପ୍ରୀତି ଜିଣ୍ଟା

**ନୂଆଦିଲ୍ଲୀ**

ଗୁରୁବାର ଆଇପିଏଲ ୨୦୨୪ରେ ପଞ୍ଜାବ କିଙ୍ଗସ ସବୁଠୁ ବଡ଼ ଲକ୍ଷ୍ୟ ହାସଲ କରିଛି। ଅହମ୍ମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଏକ ରୋମାଞ୍ଚକର ମ୍ୟାଚ୍‌ରେ ପଞ୍ଜାବ କିଙ୍ଗସ ଗୋଟିଏ ବଲରେ ଗୁଜୁରାଟ ଟାଇଟାନ୍ସକୁ ତିନି ୱିକେଟରେ ପରାସ୍ତ କରିଛି।

ଅଲରାଉଣ୍ଡର ଶଶାଙ୍କ ସିଂ ପଞ୍ଜାବ କିଙ୍ଗ୍ସର ବିଜୟର ହିରୋ ଥିଲେ, ଯିଏ ୬ଟି ଚୌକା ଓ ୪ଛକା ସହାୟତାରେ ୨୯ବଲରେ ଅପରାଜିତ ୬୧ ରନ ସ୍କୋର କରିଥିଲେ। ତାଙ୍କ ଇନିଂସ ସହାୟତାରେ ପଞ୍ଜାବ କିଙ୍ଗ୍ସ ସଫଳତାର ସହ ୨୦୦ ରନ ହାସଲ କରିଥିଲା। ଏକ ସମୟରେ ପଞ୍ଜାବ ଦଳ ୭୦ ରନ ପାଇଁ ଋରିଟି ୱିକେଟ ହରାଇଥିଲା। ଏବଂ ପରେ ଲାଗୁଥିଲା ଯେ କ୍ରମାଗତ ତୃତୀୟ ପରାଜୟର ସାମ୍ନା କରିବାକୁ ପଡିବ। ତେବେ ଶଶାଙ୍କ ସିଂ ଏବଂ ଆଶୁତୋଷ ଶର୍ମାଙ୍କର ଅନ୍ୟ ଉଦ୍ଦେଶ୍ୟ ଥିଲା ଏବଂ ଉଭୟ ପଞ୍ଜାବକୁ ଏକ ରୋମାଞ୍ଚକର ବିଜୟ ଆଡ଼କୁ ନେଇଥିଲେ। ଯେତେବେଳେ ଶଶାଙ୍କ ସିଂ ଦର୍ଶନ ନାଲକାଣ୍ଡେଙ୍କ ଓଭରର ପଞ୍ଚମ ବଲରେ ବିଜୟ ରନ ସ୍କୋର କରିଥିଲେ, ପଞ୍ଜାବ କିଙ୍ଗ୍ସର ସହ-ମାଲିକ ତଥା ବଲିଉଡ ଅଭିନେତ୍ରୀ ପ୍ରୀତି ଜିଣ୍ଟା ଆନନ୍ଦରେ ନିଜ ଚେୟାରରୁ ଡେଇଁପଡି ଷ୍ଟାଣ୍ଡରୁ ବିଜୟ ଉତ୍ସବ ପାଳନ କରିବାକୁ ଲାଗିଲେ। ପ୍ରୀତି ଜିଣ୍ଟାଙ୍କ ଏହି ମଜାଳିଆ ଶୈଳୀର ଭିଡିଓ ଭାଇରାଲ ହୋଇଛି।

# ବଲାଙ୍ଗୀ ମହୋତ୍ସବ କାର୍ଯ୍ୟାଳୟ ଉଦ୍‌ଘାଟିତ



**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ମୟୂରଭଞ୍ଜ ଜିଲ୍ଲାରେ ଓଡ଼ିଆ ଭାଷା ସାହିତ୍ୟ, କଳା ସଂସ୍କୃତି ଏବଂ ପର୍ଯ୍ୟଟନର ସୁରକ୍ଷା ଏବଂ ବିକାଶ ନିମନ୍ତେ ବିଗତ ୨୦୦୩ ମସିହା ଠାରୁ ବାରିପଦାର ବାବା ବୁଢା ରାଉଳ ମଠ ନିକଟ ବୁଢାବଳଙ୍ଗ, ଚିପଟ ଏବଂ ଇଟାଯୋଡ଼ି ନଦୀର ତ୍ରିବେଣୀ ସଙ୍ଗମ ପୀଠରେ ମୟୂରଭଞ୍ଜ ଜିଲ୍ଲାର ମହାନ ଗଣ ପର୍ବ ମୟୂରଭଞ୍ଜ ବାଲି ମେଳା ବଲାଙ୍ଗୀ ମହୋତ୍ସବ ପାଳିତ ହୋଇ ଆସୁଥିବା ବେଳେ, ଚଳିତ ଥର ୨୨ତମ ରାଜ୍ୟ ସ୍ତରୀୟ ବଲାଙ୍ଗୀ ମହୋତ୍ସବ-୨୦୨୪ ମହା ବିଷୁବ ପଣା ସଂକ୍ରାନ୍ତି ତଥା ଓଡ଼ିଆ ନବ ବର୍ଷ ପାଳନ ଉପଲକ୍ଷେ ଆସନ୍ତା ଏପ୍ରିଲ ୧୪ରୁ ୧୮ ତାରିଖ ପର୍ଯ୍ୟନ୍ତ ୫ଦିନ ଧରି ପାଳିତ ହେବ। ସେହିପରି ପ୍ରତିଭା ଚୟନ ପାଇଁ ଅନୁଷ୍ଠିତ ହେଉଥିବା ବଲାଙ୍ଗୀ ଟେଲେଣ୍ଟ ହଣ୍ଟ ମେଗା ଅଡିସନ କାର୍ଯ୍ୟକ୍ରମ ଏପ୍ରିଲ ୭ତାରିଖ ରବିବାର ଦିନ ଡିଭାଇନ ଇଞ୍ଜିନିୟରିଙ୍ଗ କଲେଜ ପରିସରରେ ଅନୁଷ୍ଠିତ ହେବ। ଏହି ଅବସରରେ ମହୋତ୍ସବ କମିଟି ପକ୍ଷରୁ ବାରିପଦା କଚେରୀ ନିକଟରେ ମହୋତ୍ସବ କାର୍ଯ୍ୟ ପରିଋଳନା ପାଇଁ ଏକ ଅସ୍ଥାୟୀ କାର୍ଯ୍ୟାଳୟ ଖୋଲା ଯାଇଛି। କାର୍ଯ୍ୟାଳୟ ଉଦଘାଟନୀ ଉତ୍ସବରେ ମହୋତ୍ସବ କମିଟିର ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକ, ଅଧ୍ୟକ୍ଷ ଅରବିନ୍ଦ ଦାସ, ଉପାଧ୍ୟକ୍ଷ ରାଜୀବ ଲୋଚନ ସେନାପତି, କାର୍ଯ୍ୟକାରୀ ସମ୍ପାଦକ ଦୀପକ କୁମାର ନାୟକ, କୋଷାଧ୍ୟକ୍ଷ ଲିଙ୍ଗରାଜ ମିଶ୍ର, ବଲାଙ୍ଗୀ ସେନାର ଅଧ୍ୟକ୍ଷ କୁମରେଶ ନାୟକ, ବଳରାମ ବେହେରା, ସତ୍ୟ ନାରାୟଣ ବେହେରା, ପ୍ରଦୀପ ପଲେଇ, କିଶୋର ମହାନ୍ତି, ମୋତି ପ୍ରକାଶ ଦାସ, ପିତାମ୍ବର ମଲ୍ଲିକ, ନରେନ୍ଦ୍ର ମୋହନ ସେନାପତି, ମିଥୁନ ବାରିକ, ଦିଲ୍ଲୀପ ପାତ୍ର, ରମାକାନ୍ତ ରାଉତ, ଗୋଲୋକ ମହାନ୍ତି ପ୍ରମୁଖ ବହୁ ସଦସ୍ୟ ଯୋଗଦେଇଥିଲେ. ଆଗାମୀ ଏପ୍ରିଲ ୧୩ ତାରିଖ ପର୍ଯ୍ୟନ୍ତ ପ୍ରତିଦିନ ସନ୍ଧ୍ୟା ୭ଟାରୁ ରାତ୍ର ୯.୩୦ ମିନିଟ ପର୍ଯ୍ୟନ୍ତ କାର୍ଯ୍ୟାଳୟ ଖୋଲା ରହିବ ବୋଲି ଜଣାଯାଇଛି।

# ୧୨୫ ବର୍ଷରେ 'ରେବତୀ' : ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଜାତୀୟ ଆଲୋଚନାଚକ୍ର

**ବାଲେଶ୍ୱର, ନ୍ୟୁଜ୍**

ଫକୀରମୋହନ ବିଶ୍ୱ-ବିଦ୍ୟାଳୟରେ ବ୍ୟାସକବି ଫକୀର ମୋହନ ସେନାପତିଙ୍କ ଦ୍ୱାରା ଲିଖିତ କାଳଜୟୀ ଗଳ୍ପ 'ରେବତୀ'ର ୧୨୫ତମ ବର୍ଷ ପୂର୍ତ୍ତି ଅବସରରେ ଏକ ଦ୍ୱି-ଦିବସୀୟ ଜାତୀୟ ଆଲୋଚନା ଚକ୍ର ଫକୀରମୋହନ ବିଶ୍ୱବିଦ୍ୟାଳୟରେ ସ୍ନାତକୋତ୍ତର ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ଆୟୋଜିତ ହୋଇଯାଇଛି। ଏହାର ଉଦ୍‌ଘାଟନୀ ଉତ୍ସବରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ ବୈଠକର ଆନୁଷ୍ଠାନିକ ଶୁଭାରମ୍ଭ ହୋଇଅଛି। ମୁଖ୍ୟ ଅତିଥି ବିଶିଷ୍ଟ କଥାଶିଳ୍ପୀ ତରୁଣକାନ୍ତି ମିଶ୍ର, ସମ୍ମାନିତ ଅତିଥି ଭାବେ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ସବ୍ୟସାଚୀ ପଟ୍ଟନାୟକ, ମୁଖ୍ୟ ବକ୍ତା ଭାବେ




ବିଶିଷ୍ଟ ଲେକା ଓ ଶିକ୍ଷାବିତ ଡ. ଅପର୍ଣ୍ଣା ମହାନ୍ତି, ଭିତ୍ତି ପ୍ରବକ୍ତା ଭାବରେ ଭାଷା ସାହିତ୍ୟ ବିଭାଗର ବିଭାଗୀୟ ପ୍ରାଧ୍ୟାପକ ପ୍ରଫେସର କୃଷ୍ଣଚନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦାନ କରିଥିଲେ। ସଭାରେ ଭାଷା ସାହିତ୍ୟ ବିଭାଗର ବିଭାଗୀୟ ମୁଖ୍ୟ ପ୍ରଫେସର ଦେବାଶିଷ ପାତ୍ର ପ୍ରାରମ୍ଭିକ ସୂଚନା ପ୍ରଦାନ ଏବଂ ସଭା ସଂଯୋଜନା କରିଥିବା ବେଳେ ବିଭାଗୀୟ ଅଧ୍ୟାପକ ଡକ୍ଟର ଜୟନ୍ତ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ପର୍ଯ୍ୟାୟକ୍ରମେ ସେମାନଙ୍କ ଦୃଷ୍ଟିରେ ରେବତୀ, ଭାରତୀୟ ସାହିତ୍ୟରେ ରେବତୀ ପ୍ରସଙ୍ଗଙ୍କୁ ନେଇ ଆଲୋଚନାଚକ୍ର ଅନୁଷ୍ଠିତ ହେବା ସହିତ 'ରେବତୀ' ପ୍ରସଙ୍ଗଙ୍କୁ ନେଇ ଏକ କବିତାପାଠ ମଧ ଆୟୋଜନ କରାଯାଇଥିଲା। ସନ୍ଧ୍ୟାରେ ବିଭାଗର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା 'ରେବତୀ'ର ନାଟ୍ୟରୂପ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଦେଶର ବିଭନ୍ନ ପ୍ରାନ୍ତରୁ ଆଲୋଚକ, ଛାତ୍ରଛାତ୍ରୀ ଏବଂ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା ଛାତ୍ରଛାତ୍ରୀମାନେ ଯୋଗଦାନ କରି ସଭା କାର୍ଯ୍ୟକୁ ସାଫଲ୍ୟ କରିଥିଲେ।



# ଡ୍ରେନ୍‌ରେ ପଡ଼ି ମରିବା ଅସମ୍ଭବ, କେବଳ ସିଏମ୍‌ସିକୁ ବଦନାମ କରିବା ପାଇଁ ଏହା ଏକ ଷଡ଼ଯନ୍ତ୍ର : ମେୟର ସୁବାସ ସିଂ

**କଟକ, ନ୍ୟୁଜ୍‌ବ୍ୟୁରୋ**



କଟକର ନୂଆବଜାର ମହିମା ନଗର ଅଞ୍ଚଳରେ ନାଳରେ ପଡ଼ି ଯୁବକଙ୍କ ମୃତ୍ୟୁ ଘଟଣାକୁ ନେଇ ସିଏମ୍‌ସି ମେୟର ସୁବାସ ସିଂ ନିଜର ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି ଯେ, ଯେଉଁଠି କୁକୁର ବିଲେଇ ମରିବେନି ସେଠି ଜଣେ ଯୁବକ ପଡ଼ିଲେ କେମିତି ? ଏହା ମୁକୁଳା ନାଳର ଦୋଷ ନୁହଁ ବରଂ ଏହା ଅନ୍ୟ କାରଣ ବୋଲି କହିଛନ୍ତି ମେୟର ସୁବାସ ସିଂ। ଦେଢ଼ ଫୁଟ୍ ଓସାରର ଡ୍ରେନ୍‌ରେ ଜଣେ ମଣିଷ ପଡ଼ିବା ଅସମ୍ଭବ ଓ ସେଥିରେ କମ୍ ପାଣି ରହିଛି, ତେଣୁ ଡ୍ରେନ୍‌ରେ ପଡ଼ି ମରିବା ଅସମ୍ଭବ। କେବଳ ସିଏମ୍‌ସିକୁ ବଦନାମ କରିବା ପାଇଁ ଏହା ଉଦ୍ଦେଶ୍ୟମୂଳକ ବୋଲି କହିଛନ୍ତି ମେୟର। ବର୍ତ୍ତମାନ ପଙ୍କ ଉଝୁଳା କାର୍ଯ୍ୟ ଜାରି ରହିଛି। ସେଥିପାଇଁ ଅଧିକାଂଶ ଡ୍ରେନ୍‌ରୁ ସ୍ଲାବ କଢ଼ା ଯାଇଛି। ପଙ୍କ କଢ଼ା ସରିବା ପରେ ପୁଣି ସ୍ଲାବ୍‌କୁ ରଖାଯାଉଛି, ତେଣୁ ଏହି ଡ୍ରେନ୍‌ରେ ପଡ଼ି ମରିବା ଅସମ୍ଭବ। ମଦ ପିଇ କିମ୍ବା ଅନ୍ୟ କେଉଁ କାରଣରୁ ଯୁବକଙ୍କ ମୃତ୍ୟୁ ହୋଇଛି। ଏହାପରେ ସେ ଡ୍ରେନ୍‌ରେ ପଡିଛନ୍ତି। ତେଣୁ ଏହା ପାଇଁ ସିଏମ୍‌ସିକୁ ବଦନାମ କରିବା ଅନୁଚିତ ବୋଲି କହିଛନ୍ତି ମେୟର। ଗୁରୁବାର ରାତିରେ ନାଳରେ ପଡ଼ି ଯାଇଥିବା ବେଳେ ଶୁକ୍ରବାର ସକାଳୁ ସ୍ଥାନୀୟ ଲୋକେ ମୃତଦେହକୁ ଦେଖିଥିଲେ। ବହୁଦିନ ଧରି ସ୍ଲାବ ଉଠାଯାଇଥିବା ଯୋଗୁଁ ମୁକୁଳା ପଡ଼ିଥିଲା ନାଳଟି। ଘଟଣା ସ୍ଥଳରେ ସିଆରଆରଆଇ ଥାନା ପୋଲିସ ପହଞ୍ଚି ମୃତଦେହକୁ ଉଦ୍ଧାର କରି ମେଡ଼ିକାଲ ପଠାଇଥିଲା। ପୂର୍ବରୁ କଟକ ସହରରେ ଅନେକ ଏଭଳି ଘଟଣା ଘଟିବାର ଦୃଶ୍ୟ ସାମ୍ନାକୁ ଆସିଲାଣି। ମହାନଗର ନିଗମ କେବଳ ବିକାଶ ଚିନ୍ତାରେ ବ୍ୟସ୍ତ ଥିଲା ବେଳେ ଏପଟେ ମୁକୁଳା ନାଳ ଚିନ୍ତା ପାସୋରି ଗଲା ଭଳି ମନେ ହେଉଛି। ଯଦି ପୂର୍ବ ଘଟଣା ଦେଖିବା ତେବେ ବିଡ଼ାନାସୀରେ ମୁକୁଳା ଡ୍ରେନ୍‌ରେ ବାଳକ ପଡି ମୃତ୍ୟୁ ଘଟଣା ଘଟିଥିଲା। ଖେଳୁଥିବା ଅବସ୍ଥାରେ ନାଳକୁ ଖସି ପଡ଼ିବା ପରେ ଘଟଣା ସ୍ଥଳରେ ତା'ର ମୃତ୍ୟୁ ଘଟିଥିଲା। ସେହିପରି ମାଲଗୋଦାମ ଅଞ୍ଚଳର ଶାଖା ନାଳରେ ଜଣେ ଅଜଣା ଯୁବକଙ୍କ ମୃତ ଦେହ ଭାସିବାର ନଜର ଆସିଥିଲା। ଏହାଛଡା ଝୋଲାସାହି ଅଞ୍ଚଳରେ ମଧ୍ୟ ବଡ଼ ମୁକୁଳା ଡ୍ରେନ୍‌ରେ ପଡ଼ି ପ୍ରାଣ ହରାଇଥିଲେ ଜଣେ ଯୁବକ। ଏତେ ସାରା ଘଟଣା ଘଟିବା ପରେ ମଧ୍ୟ ସିଏମ୍‌ସିର କାର୍ଯ୍ୟକଳାପ ଉପରେ ସାଧାରଣରେ ପ୍ରଶ୍ନ ଉଠିଛି।

# କେନ୍ଦୁଝର ଜିଲ୍ଲାର ନିର୍ବାଚନ ପରିଚାଳନା ସମ୍ବନ୍ଧରେ ସୂଚନା ଦେଲେ ଜିଲ୍ଲାପାଳ

**କେନ୍ଦୁଝର, ନ୍ୟୁଜ୍**



ଶୁକ୍ରବାର କେନ୍ଦୁଝରେ ଜିଲ୍ଲାପାଳ ବିଶାଳ ସିଂହ ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ଜିଲ୍ଲାର ନିର୍ବାଚନ ପରିଚାଳନା ନିମନ୍ତେ ପ୍ରଶାସନିକ ସ୍ତରରେ ଚାଲିଥିବା ପ୍ରସ୍ତୁତି ସମ୍ବନ୍ଧରେ ସବିଶେଷ ସୂଚନା ପ୍ରଦାନ କରିଛନ୍ତି। ଭାରତ ମୁଖ୍ୟ ନିର୍ବାଚନ ଆୟୁକ୍ତଙ୍କ ଘୋଷଣା ଅନୁଯାୟୀ କେନ୍ଦୁଝର ଲୋକସଭା ଆସନ, ଜିଲ୍ଲାର ୬ ଗୋଟି ବିଧାନସଭା କ୍ଷେତ୍ର ଏବଂ ଏହି ସଂସଦୀୟ କ୍ଷେତ୍ରରେ ଅନ୍ତର୍ଭୁକ୍ତ ମୟୂରଭଞ୍ଜ ଜିଲ୍ଲାର କରଞ୍ଜିଆ ବିଧାନସଭା ମଣ୍ଡଳୀ ନିମନ୍ତେ ଏପ୍ରିଲ ୨୯ରେ ବିଜ୍ଞପ୍ତି ପ୍ରକାଶ ପାଇବ। ପ୍ରାର୍ଥୀମାନେ ନିଜର ନାମାଙ୍କନ ପତ୍ର ମଇ ୬ ପର୍ଯ୍ୟନ୍ତ ଦାଖଲ କରିପାରିବେ ଏବଂ ୯ ତାରିଖ ସୁଦ୍ଧା ପ୍ରାର୍ଥୀପତ୍ର ପ୍ରତ୍ୟାହାର କରି ପାରିବେ। ମଇ ୨୫ରେ ନିର୍ବାଚନ ଅନୁଷ୍ଠିତ ହୋଇ ୪ ତାରିଖରେ ଫଳାଫଳ ଘୋଷଣା ହେବ। ନିର୍ବାଚନ ଆଦର୍ଶ ଆଚରଣ ବିଧି ଲାଗୁ ହେବା ପରେ ଜିଲ୍ଲା ସ୍ତରରେ ପୋଲିସ, ଅବକାରୀ, ବନ ଓ ସିଟି ଓ ଜିଏସ୍‌ଟି ବିଭାଗର ଅଧିକାରୀଙ୍କୁ ନେଇ ବିଭିନ୍ନ ସ୍କ୍ୱାଡ୍ ଗଠନ କରାଯାଇ ଖିଲାପକାରୀଙ୍କୁ ଧରିବା ଲାଗି ଜୋରସୋର ଧରପଗଡ଼ ଚାଲୁ ରହିଛି। ଇଭିଏମ ଓ ଭିଭିପାଟର ପ୍ରଥମ ରାଣ୍ଡମମାଇଜେସନ ଚଳିତ ମାସ ୮ ତାରିଖ ଦିନ ୧୧:୦୦ ସମୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଦରବାର ହଲ୍‌ରେ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ଉପସ୍ଥିତିରେ ସମ୍ପାଦିତ କରାଯାଇ ରିଟର୍ଣ୍ଣିଙ୍ଗ ଅଫିସରଙ୍କ ଅଧୀନ ଷ୍ଟ୍ରଙ୍ଗ ରୁମ୍‌କୁ ପ୍ରେରଣ କରାଯିବ। ନିର୍ବାଚନକୁ ଅବାଧ ଓ ନିରପେକ୍ଷ କରିବା ପାଇଁ ବୈଷୟିକ ଜ୍ଞାନକୌଶଳ ଉପଯୋଗର ମାଧ୍ୟମ ସାଜିଥିବା ସି-ଭିଜିଲ ଆପ୍ଲିକେସନ ମାଧ୍ୟମରେ ଏଯାବତ୍ ୩୭ଟି ଅଭିଯୋଗ ପ୍ରାପ୍ତ ହୋଇଛି, ଯାହାର ଯଥାରୀତି ତ୍ୱରିତ ସମାଧାନ ମଧ୍ୟ କରାଯାଇଛି। ଜିଲ୍ଲାରେ ସର୍ବମୋଟ୍ ୧୭୯ଟି ଗମ୍ଭୀର/ସମ୍ବେଦନଶୀଳ ମତଦାନ କେନ୍ଦ୍ର ରହିଛି। ଜିଲ୍ଲାର ସମସ୍ତ ବିଧାନସଭା ନିର୍ବାଚନ ମଣ୍ଡଳୀର ଷ୍ଟ୍ରଙ୍ଗ ରୁମ୍ ପୂର୍ଣ୍ଣ କାର୍ଯ୍ୟକ୍ଷମ ରହିଛି। ଜିଲ୍ଲାରେ ନିର୍ବାଚନର ସୁପରିଚାଳନା ନିମନ୍ତେ ବିଭିନ୍ନ କକ୍ଷ ଯଥା ସୁବିଧା ସେଲ୍, ଜିଲ୍ଲା ଯୋଗାଯୋଗ କେନ୍ଦ୍ର, ଆଦର୍ଶ ଆଚରଣ ବିଧି କକ୍ଷ, ମିଡ଼ିଆ ସାର୍ଟିଫିକେସନ ଆଣ୍ଡ ମନିଟରିଂ କମିଟି ଓ ସମନ୍ୱିତ ପରିଚାଳନା ଗୃହ ଇତ୍ୟାଦି କାର୍ଯ୍ୟ କରୁଛି। ଯେଉଁ ଭୋଟରଙ୍କ ପାଖରେ ନିଜର ଭୋଟ ପରିଚୟପତ୍ର ନାହିଁ ସେମାନେ ଭାରତ ନିର୍ବାଚନ ଆୟୋଗଙ୍କ ଦ୍ୱାରା ଅନୁମୋଦିତ ଆଧାର, ପ୍ୟାନ, ଡ୍ରାଇଭିଂ ଲାଇସେନ୍ସ ଆଦି ଭଳି ମୋଟ୍ ୧୨ ଗୋଟି ପରିଚୟପତ୍ର ମଧ୍ୟରୁ ଗୋଟିଏ ଦେଖାଇ ଭୋଟ ଦେଇ ପାରିବେ। ଭୋଟରମାନଙ୍କ ମଧ୍ୟରେ ମତାଧିକାର ସାବ୍ୟସ୍ତ କରିବା ଲାଗି ସଚେତନତା ସୃଷ୍ଟି ପାଇଁ ବିଭିନ୍ନ କାର୍ଯ୍ୟପନ୍ଥା ବାବଦରେ ଜିଲ୍ଲାପାଳ ଶ୍ରୀ ସିଂହ ସୂଚନା ଦେଇଥିଲେ। ଆହୁରି ମଧ୍ୟ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ଭୋଟର, ନିର୍ବାଚନ ପରିଚାଳନା ନିମନ୍ତେ ନିୟୋଜିତ କର୍ମଚାରୀମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିବା ଜିଲ୍ଲାପାଳ କହିଥିଲେ।

ଜିଲ୍ଲାପାଳ କାର୍ଯ୍ୟାଳୟ ସ୍ଥିତ ମିନି କନଫରେନ୍ସ ହଲରେ ଅନୁଷ୍ଠିତ ହୋଇଥିବା ଏହି ଗଣମାଧ୍ୟମ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ କେନ୍ଦୁଝର ଆରକ୍ଷୀ ଅଧିକ୍ଷକ ନୀତିନ କୁଶଲକର, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ବିଷ୍ଣୁ ପ୍ରସାଦ ଆର୍ଯ୍ୟ ଏବଂ ଡେପୁଟି କଲେକ୍ଟର (ନିର୍ବାଚନ) ବିକାଶ ଚନ୍ଦ୍ର ସାହୁ ଉପସ୍ଥିତ ଥିଲେ।

# ଗୁଣାତ୍ମକ ବିଜୁଳି ସେବାକୁ ଟିପିଏନଓଡିଏଲର ଗୁରୁତ୍ୱ

**ବାଲେଶ୍ୱର, ନ୍ୟୁଜ୍**



ଟିପି ନର୍ଦ୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ (ଟିପିଏନଓଡିଏଲ) ପକ୍ଷରୁ ଗ୍ରୀଷ୍ମ ଋତୁରେ ଉପଭୋକ୍ତାଙ୍କୁ ନିରନ୍ତର ଓ ଗୁଣାତ୍ମକ ବିଜୁଳି ସେବା ଯୋଗାଇବା ପାଇଁ ବଳିଷ୍ଠ ପଦକ୍ଷେପ ଗ୍ରହଣ କରାଯାଇଛି। ଚଳିତ ବର୍ଷ ଗ୍ରୀଷ୍ମ ଋତୁରେ ଶୀର୍ଷ ଚାହିଦା ୧୩୯୩ ମେଗାୱାଟ ହେବା ନେଇ ଆକଳନ କରିବା ସହ ଏହାର ମୁକାବିଲା ପାଇଁ ପ୍ରସ୍ତୁତି ଜାରି ରଖିଛି। ମିଳିଥିବା ସୂଚନା ମୁତାବକ ୩୩ କେଭି, ୧୧ କେଭି ତାର, ଟ୍ରାନ୍ସଫର୍ମର ପ୍ରତିଷେଧକମୂଳକ ଓ ବିଭ୍ରାଟ ଜନିତ ରକ୍ଷଣାବେକ୍ଷଣ ଓ ଫ୍ୟୁଜ୍ କଲ୍ ଅଭିଯୋଗର ତ୍ୱରିତ ମୁକାବିଲା ଏବଂ ସବ୍‌ଷ୍ଟେସନଗୁଡ଼ିକର ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି ପାଇଁ ଟିପିଏନ୍‌ଓଡିଏଲ ପକ୍ଷରୁ ବିଜ୍‌ନେସ୍ ଆସୋସିଏଟସ୍‌ମାନଙ୍କୁ ନିଯୁକ୍ତ କରାଯାଇଛି। ସେହିପରି ଚବିଶ ଘଣ୍ଟିଆ ପିଏସ୍‌ସିସି କେନ୍ଦ୍ରୀୟ ନିୟନ୍ତ୍ରଣ କକ୍ଷ ଭାବେ ପରିଚାଳନା ସାଙ୍ଗକୁ ଏକ ଉତ୍ସର୍ଗୀକୃତ ୨୪ ଘଣ୍ଟିଆ କଲ ସେଣ୍ଟର ସ୍ଥାପନ କରାଯାଇଛି। ସ୍ଥାନୀୟ ଟିମ୍ ଓ ବାଲେଶ୍ୱର ପିଏସ୍‌ସିସିର ମୁଖ୍ୟ ନିୟନ୍ତ୍ରଣ କକ୍ଷ ସହ ସମନ୍ୱୟ ରକ୍ଷା କରିବା ପାଇଁ ସର୍କଲ ଓ ଡିଭିଜନ ସ୍ତରୀୟ ନିୟନ୍ତ୍ରଣ କକ୍ଷ ସ୍ଥାପନ ମଧ୍ୟ କରାଯାଇଛି। ୧୧ କେଭି ଓ ଏଲ୍‌ଟି ତାରର ରକ୍ଷଣାବେକ୍ଷଣ ପାଇଁ ଏଏମ୍‌ସି ଅଧୀନରେ ୨୫୮ ଯାନ ସହିତ ୭ ହଜାର ୪୬୪ ବିଏ କର୍ମଚାରୀଙ୍କୁ ସହରା ଲରେ ୨୪ ଘଣ୍ଟା ଏବଂ ଗ୍ରାମାଞ୍ଚଳରେ ୧୨ ଘଣ୍ଟା ପାଇଁ ନିୟୋଜନ କରାଯାଇଛି। ପିଏସ୍‌ଏସ ଓ ୩୩ କେଭି ଲାଇନ୍‌ର ରକ୍ଷଣାବେକ୍ଷଣ ଲାଗି ଅତିରିକ୍ତ ଯାନ ସହିତ ବିଏ କର୍ମଚାରୀ ମଧ୍ୟ ମୁତୟନ କରାଯାଇଛି। ଜରୁରୀକାଳୀନ ସ୍ଥିତି ପାଇଁ ଡିଜି ସେଟ୍ ବ୍ୟବସ୍ଥା ସାଙ୍ଗକୁ ଯେକୌଣସି ପ୍ରକାର ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ଲାଗି ଉପକରଣର ଏକ ସ୍ୱତନ୍ତ୍ର ଭଣ୍ଡାର ସ୍ଥାପନ କରାଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଜନସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଗ୍ରାଧିକାର ଭିତ୍ତିରେ ବିଦ୍ୟୁତ ଯୋଗାଣ ସ୍ୱାଭାବିକ କରିବା, ଜରୁରୀକାଳୀନ ସମୟରେ ଓସ୍‌ଡମା ସହ ସମ୍ପର୍କ ସ୍ଥାପନର ବ୍ୟବସ୍ଥା ସାଙ୍ଗକୁ ସୁରକ୍ଷା କ୍ଷେତ୍ରରେ ମଧ୍ୟ ବ୍ୟାପକ ପ୍ରସ୍ତୁତି ହୋଇଛି। ତେବେ ଗ୍ରୀଷ୍ମ ପ୍ରବାହରେ ଶୀର୍ଷ ବିଜୁଳି ଚାହିଦା ମେଣ୍ଟାଇବା ଲାଗି ସବୁ କ୍ଷେତ୍ରରେ ସମ୍ପୂର୍ଣ୍ଣ ପ୍ରସ୍ତୁତ ଓ ନିରବଚ୍ଛିନ୍ନ ବିଜୁଳି ଯୋଗାଇବା ଲାଗି ସମସ୍ତ ପ୍ରସ୍ତୁତି ଜାରି ରଖିଥିବା ଟିପିଏନଓଡିଏଲ ପକ୍ଷରୁ କୁହାଯାଇଛି। ସାଂପ୍ରତିକ ଗ୍ରୀଷ୍ମ ପ୍ରବାହର ପ୍ରତିକୂଳ ସ୍ଥିତିରେ ଉପଭୋକ୍ତାଙ୍କୁ ନିରବଚ୍ଛିନ୍ନ ବିଜୁଳି ସେବା ଯୋଗାଇବା ପାଇଁ ନିୟୋଜିତ ହୋଇଥିବା କର୍ମଚାରୀମାନଙ୍କର ସୁରକ୍ଷା ଓ ସ୍ୱାସ୍ଥ୍ୟବସ୍ଥାକୁ ମଧ୍ୟ ଟିପିଏନଓଡିଏଲ ଗୁରୁତ୍ୱ ଦେଉଛି।

# ନିଖିଲ ପଓ୍ୱନ କଲ୍ୟାଣ ଯାଜପୁର ଜିଲ୍ଲାର ନୂତନ ଜିଲ୍ଲାପାଳ ଭାବେ ଯୋଗ ଦେଲେ



**ଯାଜପୁର, ନ୍ୟୁଜ୍‌ବ୍ୟୁରୋ**

ଯାଜପୁର ନୂତନ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ଭାବେ ୨୦୧୨ କ୍ୟାଡର ଆଇଏଏସ୍ ଅଧିକାରୀ ନିଖିଲ ପଓ୍ୱନ କଲ୍ୟାଣ ଯୋଗଦାନ କରି ଡା. ଶୁଭଙ୍କର ମହାପାତ୍ର, ଆଇଏଏସ୍‌ଙ୍କ ଠାରୁ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଶ୍ରୀ କଲ୍ୟାଣ ପୂର୍ବରୁ ଓଡ଼ିଶା ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗରେ ନିର୍ଦ୍ଦେଶକ ପଦବୀରେ କାର୍ଯ୍ୟ ନିର୍ବାହ କରୁଥିଲେ। ଏହା ପୂର୍ବରୁ ସେ କଟକ ମହାନଗର ନିଗମ ଆୟୁକ୍ତ ଭାବେ ଦାୟିତ୍ୱ ନିର୍ବାହ କରି ଜନସାଧାରଣଙ୍କ ପ୍ରିୟଭାଜନ ହେବା ସହ ଜଣେ ଦକ୍ଷ ପ୍ରଶାସନିକ ଅଧିକାରୀ ଭାବେ ବେଶ୍ ସୁନାମ ଅର୍ଜନ କରିଛନ୍ତି। ଶୁକ୍ରବାର ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଙ୍କ ଦର୍ଶନ ସାରି ଜିଲ୍ଲା କାର୍ଯ୍ୟାଳୟରେ ପହଞ୍ଚିବା ପରେ ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ ଶୁଭେନ୍ଦ୍ର କୁମାର ସାମଲ, ଅତିରିକ୍ତ ଜିଲ୍ଲାପାଳ, ପ୍ରଶାସନ ନବକ୍ରିଷ୍ଣ ଜେନା, ଅତିରିକ୍ତ ଜିଲ୍ଲାପାଳ, କଳିଙ୍ଗ ନଗର ଲଙ୍କେଶ୍ୱର ଅମାତ, ଜିଲ୍ଲାପାଳଙ୍କ ସ୍ୱତନ୍ତ୍ର ଅଧିକାରୀ କୁଳମଣି ନାୟକଙ୍କ ସମେତ ଜିଲ୍ଲା କାର୍ଯ୍ୟାଳୟର ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀମାନେ ନୂତନ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କୁ ସ୍ୱାଗତ ଜଣାଇଥିଲେ।

# ହରଭଙ୍ଗାରୁ ଧରାପଡ଼ିଲେ ଆଉଜଣେ ନକଲି ଶିକ୍ଷୟିତ୍ରୀ

**ବୌଦ୍ଧ, ନ୍ୟୁଜ୍‌ବ୍ୟୁରୋ**

ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ୍‌ରୁ ଆଉଜଣେ ନକଲି ଶିକ୍ଷୟିତ୍ରୀ ଧରାପଡ଼ିଛନ୍ତି। ଜାଲ୍ ଓଟିଇଟି ସାର୍ଟିଫିକେଟ ବଳରେ ସେ ଚାକିରି ହାତେଇଥିବା ଜଣାପଡ଼ିବା ପରେ ବ୍ଲକ୍ ଶିକ୍ଷାଧିକାରୀ ଅଜୟ ଲୁହା ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କ ବିରୋଧରେ ପୁରୁଣାକଟକ ଥାନାରେ ଏତଲା ଦେଇଛନ୍ତି।

ସୂଚନା ଅନୁସାରେ, ନୟାଗଡ଼ ଜିଲ୍ଲା ଫତେଗଡ଼ ଥାନା ଅନ୍ତର୍ଗତ ଗୋଲାପୋଖରୀ ଗ୍ରାମର ଶିକ୍ଷୟିତ୍ରୀ ଜଣକ ହରଭଙ୍ଗା ବ୍ଲକ୍ ଆଢ଼େଣିଗଡ଼ ପଞ୍ଚାୟତ ରାଣୀଗଞ୍ଜ ଉଚ୍ଚପ୍ରାଥମିକ ସ୍କୁଲର ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟରତ ଥିଲେ। ସେ ୨୦୧୨ ମସିହାରେ ଶିକ୍ଷୟିତ୍ରୀ ଭାବେ ଚାକିରିରେ ଯୋଗ ଦେଇଥିଲେ। ୨୦୧୯ ମସିହାରେ ଜାଲ୍ ଓଟିଇଟି ସାର୍ଟିଫିକେଟ ଆଧାରରେ ସେ ଚାକିରିରେ ନିୟମିତ ହୋଇଥିଲେ। ମାତ୍ର ତାଙ୍କର ଓଟିଇଟି ସାର୍ଟିଫିକେଟ ଯାଞ୍ଚ ପରେ ଜାଲଥିବା ଧରାପଡ଼ିଥିଲା। ଏନେଇ ଓଡ଼ିଶା ମାଧ୍ୟମିକ ଶିକ୍ଷାବୋର୍ଡର ପରୀକ୍ଷା ନିୟନ୍ତ୍ରକ ଜିଲ୍ଲା ଶିକ୍ଷା ବିଭାଗକୁ ଶିକ୍ଷୟିତ୍ରୀଙ୍କ ଓଟିଇଟି ଶିକ୍ଷାଗତ ପ୍ରମାଣପତ୍ର ଜାଲ୍ ବୋଲି ରିପୋର୍ଟ ଦେବା ପରେ ବିଇଓ ଥାନାରେ ଏତଲା ଦେଇଥିଲେ। ସୂଚନାଥାଉ କି, ୨୦୨୧ରେ ହରଭଙ୍ଗା ବ୍ଲକ୍‌ରେ ଜାଲ୍ ଓଟିଇଟି ସାର୍ଟିଫିକେଟ ହାତେଇଥିବା ପ୍ରସଙ୍ଗରେ ବ୍ଲକ ଶିକ୍ଷାଧିକାରୀ ୨୨ଜଣ ଠିକା ଗଣଶିକ୍ଷକଙ୍କୁ ଚାକିରିରୁ ବହିଷ୍କୃତ କରିଥିଲେ। ଜିଲ୍ଲାରେ ଗୋଟିଏ ପରେ ଗୋଟିଏ ଜାଲ୍ ସାର୍ଟିଫିକେଟ ଗୁମର ସାମନାକୁ ଆସୁଥିବା ବେଳେ ଏହାର ଚେରକୁ ଖୋଜି ବାହାର କରିବାରେ ଜିଲ୍ଲା ପ୍ରଶାସନ ବିଫଳ ହୋଇଛି। ଏହାର ଖୋଳତାଡ଼ ହେବା ଜରୁରୀ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି। ଏ ସମ୍ପର୍କରେ ଗୋଷ୍ଠୀ ଶିକ୍ଷାଧିକାରୀ ଶ୍ରୀ ଲୁହାଙ୍କୁ ପଚାରିବାରୁ ଥାନାରେ ଏତଲା ଦିଆଯାଇଛି, ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କ ବିରୋଧରେ ବିଭାଗୀୟ ପ୍ରସିଡିଂ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଜଳିଲା ଭୁବନେଶ୍ୱର...

ଟିଟିଲାଗଡ଼, ସମ୍ବଲପୁର, ରାଉରକେଲା ଓ ଖୋର୍ଦ୍ଧାରେ ଦିନର ସର୍ବୋଚ୍ଚ ତାପମାତ୍ରା ୪୧ ଡିଗ୍ରୀ ରହିପାରେ। ରବିବାର ଓ ସୋମବାର ରାଜ୍ୟର କିଛି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବା ପାଣିପାଗ ବିଭାଗ ଆକଳନ କରିଛି। ସେହିପରି କିଛି ସ୍ଥାନରେ ବିଜୁଳି ମାରିବା ସହିତ କୁଆପଥର ବର୍ଷା ହୋଇପାରେ ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି।

## ବ୍ରିଟିଶ ଖବରକାଗଜର...

ରିପୋର୍ଟରେ ଏଭଳି ୨୦ଟି ହତ୍ୟାକାଣ୍ଡ ବିଷୟରେ ଉଲ୍ଲେଖ କରାଯାଇଛି। ଖବରକାଗଜ କହିଛି ଯେ ବିଗତ କିଛି ବର୍ଷ ହେଲା ଭାରତ ଏହି ହତ୍ୟାକାଣ୍ଡ ଘଟାଇଥିବା ଅଭିଯୋଗ ହୋଇଆସିଛି, କିନ୍ତୁ ପ୍ରଥମ ଥର ପାଇଁ ଗୁଇନ୍ଦା ବିଭାଗ ସହ ଜଡ଼ିତ ଲୋକମାନେ ଏହି ଅପରେସନ ବିଷୟରେ ଆଲୋକପାତ କରିଛନ୍ତି। ତେବେ ଭାରତ ସରକାର ଏହି ରିପୋର୍ଟକୁ ଖଣ୍ଡନ କରିଛନ୍ତି। ଏପରି ଅପରେସନ କରି ଲୋକଙ୍କୁ ହତ୍ୟା କରିବା ଭାରତର ନୀତି ନୁହେଁ ବୋଲି ସେ କହିଛନ୍ତି।

## ୯ଟି ବିଧାନସଭା...

ସ୍ୱରୂପ ଦାସ, କଟକ-ବାରବାଟୀ ପାଇଁ ପ୍ରକାଶ ବେହେରା, ସାଲେପୁର ପାଇଁ ପ୍ରଶାନ୍ତ ବେହେରା ଓ ଜୟଦେବ ପାଇଁ ନବକିଶୋର ମଲ୍ଲିକଙ୍କୁ ଟିକେଟ ଦେଇଛନ୍ତି। ସୂଚନାଯୋଗ୍ୟ ଓଡ଼ିଶା ବିଧାନସଭା ନିର୍ବାଚନ ପାଇଁ ବିଜେଡି ପ୍ରଥମ ପର୍ଯ୍ୟାୟରେ ୭୨ ଜଣ ପ୍ରାର୍ଥୀଙ୍କ ନାମ ଘୋଷଣା କରିଥିଲା। ସେହିପରି ଦଳ ଦ୍ୱିତୀୟ ପର୍ଯ୍ୟାୟରେ ୨୭ ଜଣ ପ୍ରାର୍ଥୀଙ୍କୁ ଟିକେଟ ଦେଇଥିଲା ତେବେ ୩ଟି ପର୍ଯ୍ୟାୟରେ ମୋଟ ୧୦୮ ଜଣ ପ୍ରାର୍ଥୀଙ୍କ ନାମ ଘୋଷଣା ପରେ ଏବେ ୩୯ଟି ଆସନରେ ପ୍ରାର୍ଥୀ ଘୋଷଣା କରିବାର ବାକି ରହିଛି।

## ଅସହ୍ୟ ହେଲାଣି ତାତି ...

ଆବଶ୍ୟକୀୟ ନିର୍ଦ୍ଦେଶନାମା ଜାରି କରାଯାଇଛି। ଏଥି ସହିତ ଓଡ଼ିଶା ସରକାରଙ୍କ ସମସ୍ତ ବିଭାଗ ତଥା ଓଡ଼ିଶାରେ ଥିବା ଭାରତ ସରକାରଙ୍କର ସମସ୍ତ ବିଭାଗ, ବେସରକାରୀ ନିଯୁକ୍ତିଦାତା, ସମସ୍ତ ବାଣିଜ୍ୟ ଓ ଶିଳ୍ପ ସଂସ୍ଥା, ଦୋକାନ ଓ ବ୍ୟବସାୟ ପ୍ରତିଷ୍ଠାନର ମାଲିକ ଏବଂ ଠିକାଦାରମାନଙ୍କୁ ଅନୁରୋଧ କରାଯାଇଛି ଯେ, ସେମାନଙ୍କର ଅଧୀନରେ କାର୍ଯ୍ୟରତ ଶ୍ରମିକମାନଙ୍କୁ ଚଳିତ ଏପ୍ରିଲ ମାସରୁ ଜୁନ ୧୫ ତାରିଖ ପର୍ଯ୍ୟନ୍ତ ପ୍ରଚଣ୍ଡ ରୌଦ୍ରତାପରୁ ରକ୍ଷା କରିବା ନିମନ୍ତେ ପ୍ରତ୍ୟେହ ମଧ୍ୟାହ୍ନ ୧୧ଟାରୁ ଅପରାହ୍ନ ୩.୩୦ ପର୍ଯ୍ୟନ୍ତ କାର୍ଯ୍ୟରେ ନ ଲଗାଇବାକୁ ବିଧିବଦ୍ଧ ବ୍ୟବସ୍ଥା କରିବେ ଓ ଆବଶ୍ୟକ ସ୍ଥଳେ କାର୍ଯ୍ୟ ନିର୍ଘଣ୍ଟର ସମୟ ପରିବର୍ତ୍ତନ କରିବେ। ଯଦି କୌଣସି କାର୍ଯ୍ୟ ଜରୁରୀ ବୋଲି ମନେହୁଏ କିମ୍ବା ଅତ୍ୟାବଶ୍ୟକୀୟ ସେବା ସହ ଜଡିତ ଯେଉଁଥିରେ କି ଶ୍ରମିକମାନଙ୍କୁ ବିଶ୍ରାମ ଦିଆଯାଇ ପାରିବ ନାହିଁ, ତେବେ ନିଯୁକ୍ତିଦାତାମାନେ ଶ୍ରମିକମାନଙ୍କୁ ସମ୍ଭାବ୍ୟ ପ୍ରଚଣ୍ଡ ରୌଦ୍ରତାପରୁ ରକ୍ଷା କରିବା ପାଇଁ ସତର୍କମୂଳକ ପଦକ୍ଷେପ ନେବେ। ଯେପରିକି ଶୀତଳ ପାନୀୟ ଜଳର ସୁବ୍ୟବସ୍ଥା, ଛାୟା ପ୍ରଦାନ ନିମନ୍ତେ ଉପଯୁକ୍ତ ବ୍ୟବସ୍ଥା, ସ୍ୱାସ୍ଥ୍ୟ ସେବା ପାଇଁ ଡାକ୍ତରୀ ଚିକିତ୍ସାର ବ୍ୟବସ୍ଥା ଓ ପ୍ରତ୍ୟେକ ଶ୍ରମିକ ପାଇଁ ଓଆରଏସ ପ୍ୟାକେଟ ବ୍ୟବସ୍ଥା କରିବେ।

## ମଣିଷକୁ ସଂକ୍ରମିତ ...

କୌଣସି ପ୍ରକାରର ଲକ୍ଷଣ ନାହିଁ। ଏବେ ସେ ସୁସ୍ଥ ହେବା ପ୍ରକ୍ରିୟାରେ ରହିଥିବା ସିଡିସି କହିଛି। ରିପୋର୍ଟ ପଜିଟିଭ ଆସିବା ପରେ ବ୍ୟକ୍ତି ଜଣଙ୍କୁ ଏକାନ୍ତବାସରେ ରଖାଯାଇଥିଲା। ଏହାପରେ ବାର୍ଡ ଫ୍ଲୁ ପାଇଁ ଆଣ୍ଟିଭାଇରାଲ ଔଷଧ ପ୍ରଦାନ କରାଯାଇଥିଲା। କେବଳ ଟେକ୍ସାସ ନୁହେଁ, ବାର୍ଡ ଫ୍ଲୁ ଏବେ ଆମେରିକାର ଅନ୍ୟ ରାଜ୍ୟରେ ଥିବା ଗାଈଗୁଡ଼ିକୁ ସଂକ୍ରମିତ କରିବାରେ ଲାଗିଛି। ବାର୍ଡ ଫ୍ଲୁ ଭୂତାଣୁ ମଣିଷ ଶରୀରରୁ ଠାବ ହୋଇଥିବାରୁ ଏହାର ଗବେଷଣା କରୁଥିବା ବୈଜ୍ଞାନିକ, ଡାକ୍ତର ଓ ସରକାରୀ ଏଜେନ୍ସିର ଅଧିକାରୀମାନେ ସାମ୍ବାଦିକ ସମ୍ମିଳନୀ କରିଛନ୍ତି। ସେମାନେ ଏଭିଆନ ଇନଫ୍ଲୁଏଞ୍ଜା ବା ବାର୍ଡ ଫ୍ଲୁ ପ୍ରତି ସତର୍କ ରହିବାକୁ ପରାମର୍ଶ ଦେଇଛନ୍ତି। ଡାକ୍ତର ସୁରେଶ କୁଚିପୁଡି କହିଛନ୍ତି, ଏହି ଭାଇରସ ମହାମାରୀ ସ୍ଥିତି ସୃଷ୍ଟି କରିବାର ଉଦାହରଣ ରହିଛି। ବର୍ଷ ବର୍ଷ ପୁରଣା କିମ୍ବା ସମ୍ଭବତଃ ଦଶନ୍ଧି ତଳେ ଏଥିଯୋଗୁ ମହାମାରୀ ସୃଷ୍ଟି ହୋଇଥିଲା। ବର୍ତ୍ତମାନ ଅତ୍ୟନ୍ତ ବିପଦଜନକ ଭାବେ ଭାଇରସ ଯୋଗୁ ଆଉ ଏକ ମହାମାରୀର ଅତି ନିକଟରେ ପହଞ୍ଚି ଯିବାର ଆଶଙ୍କା ରହିଛି। ଫାର୍ମାସ୍ୟୁଟିକାଲ ଇଣ୍ଡଷ୍ଟ୍ରିର କନସଲଟାଣ୍ଟ ତଥା କାନାଡା ଭିତ୍ତିକ ବାୟୋନିଗାରାର ପ୍ରତିଷ୍ଠାତା ଜନ ଫୁଲଟନ ମଧ୍ୟ ବାର୍ଡ ଫ୍ଲୁକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି। ସେ କହିଛନ୍ତି, ଯାହା ସ୍ଥିତି ଏହା କୋଭିଡ ଠାରୁ ୧୦୦ ଗୁଣା ଅଧିକ ଭୟଙ୍କର ସ୍ଥିତି ସୃଷ୍ଟି କରିବ। ଏହା ବିଭାଜନ ହେବ ଓ ମୃତ୍ୟୁହାରକୁ ବୃଦ୍ଧି କରିବ। ଥରେ ଏହା ବିଭାଜିତ ହୋଇ ମଣିଷମାନଙ୍କୁ ସଂକ୍ରମଣ କଲେ ଯାଇ ମୃତ୍ୟୁହାର ହ୍ରାସ ପାଇବ ବୋଲି ଆମେ ଆଶା କରିପାରିବା। ପ୍ରଥମଥର ପାଇଁ ବାର୍ଡ ଫ୍ଲୁରେ କୌଣସି ବ୍ୟକ୍ତି ସଂକ୍ରମିତ ହୋଇ ନାହାନ୍ତି। ୨୦୦୩ ଜାନୁଆରୀ ୧ରୁ ୨୦୨୪ ଫେବୃଆରୀ ୨୬ ମଧ୍ୟରେ ପୂରା ବିଶ୍ୱର ୨୩ଟି ଦେଶରେ ୮୮୭ ଜଣ ବାର୍ଡ ଫ୍ଲୁ ଭାଇରସରେ ସଂକ୍ରମିତ ହୋଇଛନ୍ତି। ଏହି ୮୮୭ କେସ ମଧ୍ୟରୁ ୪୬୨ ଘାତକ ଥିଲା। ଗାଈମାନଙ୍କ ଠାରୁ ମଣିଷଙ୍କ ପାଖକୁ ବାର୍ଡ ଫ୍ଲୁ ଆସିବା ବିରଳ ଘଟଣା। ସେହିପରି ଜଣେ ମଣିଷ ଠାରୁ ଆଉ ଜଣେ ମଣିଷ ସଂକ୍ରମିତ ହେବା ଆହୁରି ବିରଳ ଘଟଣା। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ କହିଛି ଯେ ଯେତେବେଳେ ଏଭିଆନ ଇନଫ୍ଲୁଏଞ୍ଜା ଭୂତାଣୁ କୁକୁଡ଼ାମାନଙ୍କ ମଧ୍ୟରେ ରହିଛି, ସେତେବେଳେ ସଂକ୍ରମିତ କୁକୁଡ଼ା କିମ୍ବା ଦୂଷିତ ପରିବେଶର ସଂସ୍ପର୍ଶରେ ଆସିବା ଦ୍ୱାରା ସ୍ପୋରାଡିକ ସଂକ୍ରମଣ ଓ ମଣିଷଙ୍କ କ୍ଷେତ୍ରରେ ଛୋଟ ଛୋଟ କ୍ଲଷ୍ଟର ହେବାର ଆଶଙ୍କା ରହିଛି। ବିଶେଷଜ୍ଞ ମାନେ ତଥାପି ବିଶ୍ୱାସ କରନ୍ତି ଯେ ଏଭିଆନ ଇନଫ୍ଲୁଏଞ୍ଜା ବିଷୟରେ ଜ୍ଞାନର ଅଭାବ ରହିଛି। ଏହାଦ୍ୱାରା ନୂଆ ସଂକ୍ରାମକ ସ୍ଥିତି ବା ମହାମାରୀ ଭଳି ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି। ଏହାର ମୃତ୍ୟୁହାର ଅଧିକ ହୋଇପାରେ କାରଣ ଏହାକୁ ରୋକିବା ପାଇଁ ଏଯାଏ କୌଣସି ନିର୍ଦ୍ଦିଷ୍ଟ ସୂତ୍ର ବାହାରି ନାହିଁ। ବିଶ୍ୱରେ ବନ୍ୟ ପକ୍ଷୀମାନଙ୍କ ମଧ୍ୟରେ ବାର୍ଡ ଫ୍ଲୁ ବ୍ୟାପିଛି। ଏହି ଜୀବାଣୁ ଦ୍ୱାରା କୁକୁଡ଼ା ଓ ସ୍ତନ୍ୟପାୟୀ ପ୍ରାଣୀ ଆକ୍ରାନ୍ତ ହୋଇଥିଲେ। ଏହି ରୋଗ ଇନଫ୍ଲୁଏଞ୍ଜା ଏ ଦ୍ୱାରା ହୋଇଥାଏ ପକ୍ଷୀମାନଙ୍କ କ୍ଷେତ୍ରରେ। ଏହାର ଲକ୍ଷଣ ଗୁଡ଼ିକ ହେଲା ଡାଇରିଆ, ନିଶ୍ୱାସ ନେବାରେ ଅସୁବିଧା, ମୁଣ୍ଡ ଫୁଲିଯିବା ଓ ହଠାତ ମୃତ୍ୟୁ ଘଟିବା। ସିଡିସି ଅନୁଯାୟୀ, ମଣିଷମାନଙ୍କଠାରେ ମଧ୍ୟ ଲକ୍ଷଣ ସାମାନ ଓ ସାମାନ୍ୟ ଆକ୍ରାନ୍ତଙ୍କ କାଶ, ମୁଣ୍ଡବିନ୍ଧା, ଗଳା ଯନ୍ତ୍ରଣା ଓ ଜ୍ୱର ଭଳି ଲକ୍ଷଣ ଦେଖାଯାଏ। ସ୍ଥିତି ଅଧିକ ଜଟିଳ ହେଲେ ନିମୋନିଆ ପରି ଗୁରୁତର ଅବସ୍ଥା ଯୋଗୁ ଡାକ୍ତରଖାନାରେ ଭର୍ତ୍ତି ହେବାକୁ ପଡ଼ିଥାଏ। ମଣିଷଙ୍କ କ୍ଷେତ୍ରରେ ଆଉ କିଛି ଲକ୍ଷଣ ହେଲେ ଶ୍ୱାସକ୍ରିୟାରେ କଷ୍ଟ, ଥଣ୍ଡା ଲାଗି ରହିବା, ଥକାପଣ, ମାଂସପେଶୀ ଯନ୍ତ୍ରଣା ଇତ୍ୟାଦି ବାର୍ଡ ଫ୍ଲୁ ପାଇଁ ନିର୍ଦ୍ଦିଷ୍ଟ ଚିକିତ୍ସା ନାହିଁ। ସଂକ୍ରମିତଙ୍କୁ କେବଳ ଆଣ୍ଟିଭାଇରାଲ ଔଷଧ ଦିଆଯାଏ।

## ଲଗାତାର ସପ୍ତମ...

ପଲିସି କମିଟି ବୈଠକରେ ୫ ଜଣ ସଦସ୍ୟ ମତ ରଖିଥିଲେ। ବିଶ୍ୱରେ ଅର୍ଥନୈତିକ ଅନିଶ୍ଚିତତା ସତ୍ତ୍ୱେ□ ଦେଶର ଅର୍ଥନୀତି ସୁଦୃଢ଼ ରହିଛି, ଆମର ମୂଳଦୁଆ ଦୃଢ଼ ରହିଛି। ଆଗାମୀ ୨୦୨୫ ଆର୍ଥିକ ବର୍ଷରେ ଜିଡିପି ଅଭିବୃଦ୍ଧି ୭% ହେବ ବୋଲି ଆକଳନ କରାଯାଇଛି। ଗ୍ରାମାଞ୍ଚଳରେ ଲୋକମାନଙ୍କର ବିଭିନ୍ନ ଚାହିଦା ବୃଦ୍ଧି ପାଇଛି। ୨୦୨୪-୨୫ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୟମାସିକ ପାଇଁ ଜିଡିପି ଅଭିବୃଦ୍ଧି ୬.୮ ରୁ ୬.୯%କୁ ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି। ବ୍ୟାଙ୍କ ଏବଂ କର୍ପୋରେଟ୍ସର ଭଲ ସନ୍ତୁଳନ ହେତୁ ଆଗାମୀ ସମୟରେ ଘରୋଇ କ୍ଷେତ୍ରର ପୁଞ୍ଜି ବିନିଯୋଗ ବୃଦ୍ଧି ପାଇବ ବୋଲି ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ଶ୍ରୀ ଦାଶ କହିଛନ୍ତି।

## ଅନ୍ୟ ରାଜନୈତିକ ...

କ୍ଷେତ୍ରରେ ହୋଇଥିବା ବିକାଶ ମୂଳକ କାର୍ଯ୍ୟକ୍ରମ ଏବଂ ସବୁବର୍ଗର ବିଶେଷକରି ଯୁବକ, ମହିଳା ଛାତ୍ରଛାତ୍ରୀ, କୃଷକ, ଶ୍ରମିକ, ଅନୁସୂଚିତ ଜାତି, ଜନଜାତି ଓ ସଂଖ୍ୟାଲଘୁ ଆଦି ସବୁ ସମ୍ପ୍ରଦାୟର ଉନ୍ନତି ପାଇଁ ନୂଆ ନୂଆ ଯୋଜନା କାର୍ଯ୍ୟକାରୀ କରି ସାଢେ ୪ କୋଟି ଲୋକଙ୍କର ଆସ୍ଥା ବିଶ୍ୱାସ ଓ ଭରଷା ଜିତିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ନବୀନଙ୍କ ନେତୃତ୍ୱାଧୀନ ରାଜ୍ୟ ବିଜେଡ଼ି ସରକାର କେବଳ ଏହି କାରଣ ପାଇଁ ଆଗାମୀ ନିର୍ବାଚନରେ ଓଡ଼ିଶା ଲୋକଙ୍କ ଆଶୀର୍ବାଦ ଓ ସମର୍ଥନ ପାଇବେ। ଷଷ୍ଠ ଥର ପାଇଁ ନବୀନ ଓଡ଼ିଶାର ମୁଖ୍ୟମନ୍ତ୍ରୀ ହୋଇ କିର୍ତ୍ତୀମାନର ରେକର୍ଡ କରିବେ ବୋଲି ସେମାନେ କହିଛନ୍ତି। ଆଗାମୀ ବିଧାନସଭା ନିର୍ବାଚନ ପାଇଁ ଶୁକ୍ରବାର ବିଜେଡ଼ିର ତୃତୀୟ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଘୋଷଣା ପରେ କେବଳ ପ୍ରାର୍ଥୀ ନୁହଁନ୍ତି ସେମାନଙ୍କ ସମର୍ଥକମାନେ ମଧ୍ୟ ଦଳର ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀଙ୍କ ପ୍ରତି କୃତଜ୍ଞତା ପ୍ରକଟ କରିଛନ୍ତି। ଏଥିସହ ସେମାନେ କହିଛନ୍ତି ନବୀନଙ୍କ ନେତୃତ୍ୱରେ ଏପର୍ଯ୍ୟନ୍ତ ଓଡ଼ିଶାର ବିକାଶ କାର୍ଯ୍ୟକ୍ରମ ଯେତିକି ହୋଇଛି ଆଗାମୀ ଦିନରେ ତାହା ଅଧିକ ତ୍ୱରାନ୍ୱିତ ହେବ ବୋଲି ବିଶ୍ୱାସ ରହିଛି। କାରଣ ନବୀନ ସର୍ବଦା ଜନସେବାକୁ ମୂଳମନ୍ତ୍ର କରି ଓଡ଼ିଶାର ପ୍ରତ୍ୟେକ ଲୋକଙ୍କ ଉନ୍ନତି ପାଇଁ ଅନବରତ କାମ କରିଚାଲିଛନ୍ତି। ନବୀନଙ୍କର ଏହି ବିକାଶ ବାର୍ତ୍ତାକୁ ଘରେ ଘରେ ଲୋକଙ୍କ ପାଖରେ ପହଞ୍ଚାଇବାକୁ ଏବେ ପ୍ରାର୍ଥୀମାନେ ସେମାନଙ୍କ ପ୍ରଚାରରେ ପ୍ରାଥମିକତା ଦେଇଛନ୍ତି। ୨୦୩୬ ସୁଦ୍ଧା ଓଡ଼ିଶାର ସାମଗ୍ରିକ ବିକାଶ ପାଇଁ ଯେଉଁ ନକ୍ସା ପ୍ରସ୍ତୁତ କରାଯାଇଛି ତାହାର ସଫଳ ରୂପାୟନ ଦିଗରେ ନବୀନଙ୍କ ଆନ୍ତରିକ ଉଦ୍ୟମରେ ସାମିଲ ହୋଇ ସହଯୋଗ କରିବାକୁ ପ୍ରାର୍ଥୀମାନେ ରାଜ୍ୟବାସୀଙ୍କ ସମର୍ଥନ ଲୋଡ଼ିଛନ୍ତି।

# ଆତ୍ମସମର୍ପଣ କରିଥିବା ନକ୍ସଲକୁ ହତ୍ୟା କଲେ ନକ୍ସଲ



**ମାଲକାନଗିରି, ନ୍ୟୁଜ୍‌ବ୍ୟୁରୋ**

ମାଲକାନଗିରି ଜିଲ୍ଲାର ନାରାୟଣପୁର ଜିଲ୍ଲାରେ ପୁଣି ନକ୍ସଲ ଜଣେ ଆତ୍ମସମର୍ପଣ କରିଥିବା ନକ୍ସଲକୁ ଅତି ନିର୍ମମ ଭାବେ ହତ୍ୟା କରି ଅଞ୍ଚଳରେ କୋକୁଆ ଭୟ ସୃଷ୍ଟି କରିଛନ୍ତି। ନାରାୟଣପୁର ଜିଲ୍ଲା ଅନ୍ତର୍ଗତ ଛୋଟେଡଙ୍ଗର ବ୍ଲକର ଚମେଲି ପଞ୍ଚାୟତର ତୁର୍ସମେଟା ଗ୍ରାମର ଗୋସୁ କୋର୍ରାମ ଅରଫ ଅଜିତ ୨୦୧୨ ମସିହାରେ ମାଓ ସଂଗଠନରେ ଜଡିତହୋଇ କାମ କରୁଥିଲା। ୨୦୨୧ରୁ ସେ ଘରକୁ ଫେରିଯିବାକୁ ମନ ବଳାଇଥିଲା। ତେବେ ୨୦୨୩ରେ ପାର୍ଟି ତାଙ୍କୁ ଘରେ ରହି ବାକି ଜୀବନ କାଟିବାକୁ କହିଥିଲେ। ସେ ଏଭଳି ନକରି ଅର୍ଥ ଲୋଭରେ ନାରାୟଣପୁର ଏସ୍‌ପି ପୁରସ୍କାର ଶର୍ମା ଏବଂ ପୁଲିସ ଆଇଆଇସି ବିଜୟ କୁମାରଙ୍କ ନିକଟରେ ଆତ୍ମସମର୍ପଣ କଲା। ପରେ ପୁଲିସ ତରଫରୁ ଅଜିତକୁ ଡିଆରଡି ଯବାନଙ୍କ ସହ ମିଶି ନକ୍ସଲ ଅପରେସନରେ ସାମିଲ ହେଲା। ନକ୍ସଲଙ୍କ ସମସ୍ତ ଗତିବିଧି ସଂପର୍କରେ ସେ ଲଗାତାର ସୂଚନା ଦେଉଥିଲା। ପୁଲିସର ଇନଫର୍ମର ବନିଯାଇଥିଲା। ନକ୍ସଲ ଏ ସଂପର୍କରେ ଜାଣିବା ପରେ ତାକୁ ଏଥିରୁ ନିବୃତ ରହିବାକୁ ତାଗିଦ କରିଥିଲେ। ଗତ ମାର୍ଚ୍ଚ ୧୭ ତାରିଖ ଦିନ ନିଜ ଗ୍ରାମକୁ ପୁଲିସ ପଠାଇ ନକ୍ସଲଙ୍କ ଗତିବିଧି ସଂପର୍କରେ ସୂଚନା ଦେବାକୁ କହିଥିଲେ। ଏ ସଂପର୍କରେ ମାଓ ସଂଗଠନ ଅବଗତ ହେବା ପରେ ତାକୁ କାବୁ କରାଯାଇଥିଲା। ପରେ ଜଙ୍ଗଲରେ ପ୍ରଜାକୋର୍ଟରେ ଅଜିତ ନିଜର ଭୁଲ ସ୍ୱୀକାର କରିଥିଲେ। ସମସ୍ତ ଜନସାଧାରଣଙ୍କ ସାମ୍ନାରେ ତାକୁ ନିର୍ଦ୍ଧୁମ ମାଡ଼ ମାରିବା ପରେ ହତ୍ୟା କରାଯିବା ନେଇ ନିଷ୍ପତ୍ତି ହୋଇଥିଲା। ପିଏଲଜିଏ ସଦସ୍ୟମାନେ ଅଜିତକୁ ହତ୍ୟା କରି ଗାଁ ରାସ୍ତାରେ ଫିଙ୍ଗି ଦେଇଥିଲେ। ଏହି ହତ୍ୟା ପାଇଁ ନାରାୟଣପୁର ଏସ୍‌ପି ଓ ପୁଲିସ ଆଇଆଇସି ଦାୟୀ ବୋଲି ଛାଡ଼ିଯାଇଥିବା ପୋଷ୍ଟରରେ ଉଲ୍ଲେଖ କରିଛନ୍ତି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଶବକୁ ଜବତ କରିବା ପରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି।

**ପୂର୍ବ ତଟ ରେଳପଥ**

ଫାଇଲ୍ ନଂ. DRM/Engg/KUR/23-24/E-Tender/149, ତା.28.03.2024ରିଖ

(1) ଟେଣ୍ଡର ବିଜ୍ଞପ୍ତି ସଂ. e-tender-hq-kur-469-2023, ତା.27.03.2024ରିଖ

**ବିବରଣୀ :** ପୁରୀ ଠାରେ ରଥଯାତ୍ରା(Car Festival) -2024 ସମ୍ବନ୍ଧୀୟ ପ୍ରସ୍ତାବିତ ଅସ୍ଥାୟୀ ସେଡ୍ ଏବଂ ଅନ୍ୟ ବିବିଧ କାର୍ଯ୍ୟ ସମୂହ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (₹):** 192.77 ଲକ୍ଷ, EMD (₹) : 2,46,400.00।

(2) ଟେଣ୍ଡର ବିଜ୍ଞପ୍ତି ସଂ. e-Tender-BRIDGE KUR-444-23, ତା.07.03.2024ରିଖ

**ବିବରଣୀ :** ମିଶନ 3000 MT ସମ୍ବନ୍ଧୀୟ ବରିଷ୍ଠ ମଣ୍ଡଳ ଯନ୍ତ୍ରୀ (ପୋଲ)/ଖୋର୍ଦ୍ଧା ରୋଡ଼ ଅଧିନସ୍ଥ ସିନିୟର ସେକ୍ସନ ଇଂଜିନିୟର(ପୋଲ)/ଦକ୍ଷିଣ ପରିସୀମାରେ 60 ବର୍ଷରୁ ଅଧିକ ଏବଂ BGML ବୋଝେଇ ମାନକ ପ୍ଲେଟ୍ ଗର୍ଡ଼ର ଥିବା ମେଜର (Major) ପୋଲଗୁଡ଼ିକର ରିଗର୍ଡରିଙ୍ଗ୍।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) :** 1694.41 ଲକ୍ଷ, EMD (₹) : 9,97,200.00।

ଶେଷ ହେବା ଅବଧି : 03(ତିନି) ମାସ (କ୍ରମ ସଂ.1 ପାଇଁ) ଏବଂ 24(ଚବିଶି) ମାସ (କ୍ରମ ସଂ.2 ପାଇଁ)।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.19.04.2024 ରିଖ 1500 ଘଟିକାରେ (ଉଭୟ ଟେଣ୍ଡର ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ(ଇଂଜିନିୟରିଙ୍ଗ), ଖୋର୍ଦ୍ଧା ରୋଡ଼

PR-01/P/24-25

# ବନ୍ଧକଟା ପଞ୍ଚାୟତରେ ପାନୀୟ ଜଳ ଅଭାବ

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ ବ୍ଲକ୍ ଅନ୍ତର୍ଗତ ବନ୍ଧକଟା ଗ୍ରାମ ପଞ୍ଚାୟତରେ ପାନୀୟ ଜଳ ସମସ୍ୟା ଦେଖା ଦେଇଥିବାର ନେଇ କେତେକ ଗ୍ରାମବାସୀ ଗ୍ରାମୀଣ ଜଳ ଯୋଗାଣ ନିର୍ବାହୀ ଯନ୍ତ୍ରୀଙ୍କ ଅଭିଯୋଗ କରିଛନ୍ତି। ବନ୍ଧକଟା ପଞ୍ଚାୟତର ବୈକୁଣ୍ଠପୁର (ତେଲିଆକଣ) ଗ୍ରାମରେ ପ୍ରାୟ ୨ ହଜାର ଲୋକବାସ କରୁଥିବା ବେଳେ ପ୍ରବଳ ଗ୍ରୀଷ୍ମରେ ପାନୀୟ ଜଳ ସମସ୍ୟା ଦେଖା ଦେଇଛି। ଏହି ଗ୍ରାମର କେତେକ ଖଳ ପ୍ରକୃତିର ଲୋକ ଜଳ ଯୋଗାଣ ପାଇପ୍‌କୁ କାଟି ନିଜ ବିଲରେ ସଂଯୋଗ କରି ଚାଷ କରୁଥିବା ଗାଡି ଧୋଉଥିବା ଆଦି ଅଭିଯୋଗ ହୋଇଛି। ଏହି ଗ୍ରାମରେ ୫ ବର୍ଷ ତଳେ ଖୋଳା ଯାଇଥିବା ବୋରୱେଲରୁ ମିଳୁଥିବା ପାଣି ଗ୍ରାମବାସୀଙ୍କ ପାଇଁ ପର୍ଯ୍ୟାପ୍ତ ହେଉନାହିଁ। ଏହା ସହ ଆଖପାଖରେ ଥିବା ୨/୩ଟି ନଳକୂପ ଖରାପ ହୋଇ ଯାଇଥିବାରୁ ଲୋକେ ପିଇବା ପାଣି ପାଇଁ ହନ୍ତସନ୍ତ ହେଉଛନ୍ତି। ତୁରନ୍ତ ଏହି ସମସ୍ୟାର ସମାଧାନ କରିବା ପାଇଁ ଗ୍ରାମବାସୀ ମାନେ ଗ୍ରାମୀଣ ପାନୀୟ ଜଳ ଯୋଗାଣ ବିଭାଗର ସହକାରୀ ଯନ୍ତ୍ରୀଙ୍କୁ ଦାବିପତ୍ର ଦେବା ସହ ତୁରନ୍ତ ବିକଳ୍ପ ବ୍ୟବସ୍ଥା କରିବା ପାଇଁ ସରପଞ୍ଚ ଗୌତମ ମଲିକ, ମନୋରନ ସାହୁ, ପ୍ରଶାନ୍ତ କୁମାର ମୁଦୁଲି, ରଞ୍ଜନ କୁମାର ସାହୁ, ସତ୍ୟେନ୍ଦ୍ର ମହାପାତ୍ର ପ୍ରମୁଖ ଦାବି କରିଛନ୍ତି।

**କଟକ ଉନ୍ନୟନ କର୍ତ୍ତୃପକ୍ଷ**
CDA
CAD-26
ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ-୧୨

**ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡ଼ାନାସୀ, କଟକ (ମର୍କତ ନଗର) ସେକ୍ଟର-10ରେ ପ୍ଲଟ୍ ନଂ-10-2F/678 ଟିକୁ ଶ୍ରୀମତୀ ସବିତା ସାମନ୍ତରାୟ, ସ୍ୱାମୀ- ବିଜୟ କୁମାର ସାମନ୍ତରାୟ, ସା- ଶେଖ ବଜାର, ପୋ-ତୁଳସୀପୁର, ଥା-ଲାଲବାଗ, ଜିଲ୍ଲା-କଟକ-753008ଙ୍କୁ ଆବଣ୍ଟନ କରାଯାଇଥିଲା। ଆବଣ୍ଟନଗ୍ରାହୀ ଶ୍ରୀମତୀ ସବିତା ସାମନ୍ତରାୟ ଉକ୍ତ ପ୍ଲଟ୍ ସହିତ ଗୃହଟିକୁ ରକ୍ତଗତ ସମ୍ପର୍କ ଆଧାରରେ ତାଙ୍କ କନ୍ୟା ଶ୍ରୀମତୀ ସୁଶ୍ରୀ ସାମନ୍ତରାୟ, ପିତା- ବିଜୟ କୁମାର ସାମନ୍ତରାୟ, ସ୍ୱାମୀ- ବିସ୍ମୟ କୁମାର ଜେଠୀ, ସା-ଶେଖ ବଜାର, ଭୋଲାମିଆଁ ଲେନ୍, ପୋ-ତୁଳସୀପୁର, ଥା-ଲାଲବାଗ, ଜିଲ୍ଲା-କଟକ-753008 ଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।

ଉକ୍ତ ପ୍ଲଟ୍ ସହିତ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର(15) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟ୍‌ର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ।

OIPR-13037/11/0007/2425 ସ୍ୱା/- ସଚିବ

ଭୁବନେଶ୍ୱର
୦୬ ଅପ୍ରେଲ
ଶନିବାର, ୨୦୨୪

RNI Regd. No. : 52640/94
Postal Regd. No. : BN/60/22-24

# ସମ୍ବଲପୁରରେ ସିଇଓଙ୍କ ବୈଠକ : ୪ ଲୋକସଭା ଓ ୨୮ ବିଧାନସଭା ସିଟ୍‌ର ନିର୍ବାଚନ ପ୍ରସ୍ତୁତି ସମୀକ୍ଷା

**ସମ୍ବଲପୁର,୫।୪ :ନ୍ୟୁଜ୍‌ବ୍ୟୁରୋ**

ସମ୍ବଲପୁର ଗସ୍ତରେ ଆସିଛନ୍ତି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ଧଳ । ସେ ସମ୍ବଲପୁର ଗସ୍ତରେ ଆସି ସମ୍ବଲପୁର, ବରଗଡ଼, ସୁନ୍ଦରଗଡ଼ ଓ ଢେଙ୍କାନାଳ ଲୋକସଭା ଓ ଏହା ମଧ୍ୟରେ ଥିବା ୨୮ଟି ବିଧାନସଭା ସିଟ୍‌ର ନିର୍ବାଚନ ପ୍ରସ୍ତୁତି ନେଇ ସମୀକ୍ଷା କରିଛନ୍ତି। ଏହି ସମୀକ୍ଷାରେ ରାଜ୍ୟ ଅତିରିକ୍ତ ଡିଜି(ଲ ଆଣ୍ଡ ଅର୍ଡର), ରାଜ୍ୟ ପୋଲିସ ନୋଡାଲ ଅଫିସର ଭର୍ଚ୍ୟୁଆଲ ମୋଡ୍‌ରେ ରହିଥିବା ବେଳେ ସମ୍ବଲପୁର ଆଇଜି, ରାଉରକେଲା ଡିଆଇଜି, ତାଳଚେର ଡିଆଇଜି, ସବୁ ଜିଲ୍ଲାର ଜିଲ୍ଲାପାଳ, ଏସପି, ୨୮ଟି ବିଧାନସଭା ସିଟ୍‌ର ରିଟର୍ଣ୍ଣିଙ୍ଗ ଅଫିସର ସାମିଲ ହୋଇ ଥିଲେ। ଏଥିରେ ସମ୍ବଲପୁର, ଦେବଗଡ, ଅନୁଗୁଳ, ବରଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼ ଓ ଢେଙ୍କାନାଳ ଜିଲ୍ଲାର ୨୮ଟି ବିଧାନସଭା କ୍ଷେତ୍ରର ନିର୍ବାଚନ ପରିଚାଳନା ଓ ଆଇନ ଶୃଙ୍ଖଳା ପରିସ୍ଥିତି ନେଇ ଆଲୋଚନା ହୋଇଛି।




୨୦୨୪ ସାଧାରଣ ନିର୍ବାଚନକୁ କିପରି ଅବାଧ ଓ ନିରପେକ୍ଷ କରାଯିବ ସେନେଇ ତଥା ଆଦର୍ଶ ଆଚରଣ ବିଧି ପାଳନ ନେଇ ସମସ୍ତ ଜିଲ୍ଲାର ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ସେ ନିର୍ଦ୍ଦେଶ ଦେଇଛନ୍ତି ନିର୍ବାଚନ ଅଧିକାରୀ। ଏହା ସହ ନିର୍ବାଚନ ସମୟରେ ହିଟ୍‌ୱେଭ୍‌କୁ ଆଖି ଆଗରେ ସମସ୍ତ ଜିଲ୍ଲା ପ୍ରଶାସନ ଭୋଟରଙ୍କ ସୁବିଧା ପାଇଁ ପର୍ଯ୍ୟାପ୍ତ ପାନୀୟ ଜଳ ଓ ଅନୁସଙ୍ଗିକ ବ୍ୟବସ୍ଥା କରିବା ନେଇ ସିଇଓ ନିର୍ଦ୍ଦେଶ ଦେଇଥିବା ସୂଚନା ଦେଇଛନ୍ତି। ପୋଲିଂ ପର୍ସନାଲ ଓ ମୋବାଇଲ ପାର୍ଟି ଯେମିତି କୌଣସି ଅସୁବିଧାର ସମ୍ମୁଖୀନ ନ ହେବେ ସେନେଇ ପ୍ରାଥମିକତା ଦିଆ ଯାଇଥିବା କହିଛନ୍ତି ମୁଖ୍ୟ ନିର୍ବାଚନ ଅଧିକାରୀ। ଦିବ୍ୟାଙ୍ଗ ଭୋଟର ଓ ବରିଷ୍ଠ ନାଗରିକଙ୍କୁ ଘରୁ ପୋଲିଂ ଷ୍ଟେସନକୁ ଆଣି ଘରକୁ ପହଞ୍ଚାଇବା ପର୍ଯ୍ୟନ୍ତ ଗାଡ଼ିର ବ୍ୟବସ୍ଥା ହେବ ବୋଲି ସୂଚନା ଦିଆଯାଇଛି। କେତେକ ଭୋଟର ପୋଷ୍ଟାଲ ବାଲାଟର ସୁବିଧା ନେଇ ପାରିବେ ଓ ତାହା ସୁନିଶ୍ଚିତ କରିବା ପାଇଁ କୁହାଯାଇଛି । ଆଚରଣ ବିଧି ଉଲ୍ଲଘଂନ ଯେମିତି ନହେବେ ସେନେଇ ଜିଲ୍ଲାପାଳମାନଙ୍କୁ ଧ୍ୟାନ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି । ମାଓ କାର୍ଯ୍ୟକଳାପ ୨୦୧୯ ଅପେକ୍ଷା ହ୍ରାସ ପାଇ ଥିବା ବେଳେ ଏଥର ମଧ୍ୟ ମାଓ କାର୍ଯ୍ୟକଳାପ ଉପରେ ତୀକ୍ଷଣ ନଜର ରଖାଯିବ। ଯେମିତି କଳାଟଙ୍କା ବ୍ୟବହାର ନହୁଏ ସେନେଇ ଧ୍ୟାନ ଦିଆଯିବ। ସ୍ୱଚ୍ଛ ଓ ଅବାଧ ନିର୍ବାଚନ ଉପରେ ଫୋକସ ଦିଆଯାଇଛି। ୬୦ରୁ ୭୦% ବୁଥରେ ୱେବ କାଷ୍ଟିଂ କରାଯିବ ବୋଲି ସିଇଓ କହିଛନ୍ତି ।

# ମହାପ୍ରଭୁଙ୍କୁ ଦର୍ଶନ କଲେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ



**ପୁରୀ,୫।୪ :ନ୍ୟୁଜ୍‌ବ୍ୟୁରୋ**

ପୁରୀ ଯାଇ ମହାପ୍ରଭୁଙ୍କୁ ଦର୍ଶନ କଲେ ୫-ଟି ଓ ନବୀନ ଓଡ଼ିଶାର ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ। ଭୋରରୁ ଶ୍ରୀମନ୍ଦିରରେ ପହଞ୍ଚି ଶ୍ରୀଜୀଉଙ୍କୁ ଦର୍ଶନ କରିଛନ୍ତି ପାଣ୍ଡିଆନ। ମହାପ୍ରଭୁଙ୍କୁ ଦର୍ଶନ କରିବା ପରେ ସେ ଭିତର ବେଢା ପରିକ୍ରମା କରିଥିଲେ। ଉତ୍ତରଦ୍ୱାର ଦେଇ ଶ୍ରୀମନ୍ଦିରରୁ ବାହାରିବା ପରେ ତାଙ୍କୁ ଜନସାଧାରଣମାନେ ଅଭିବାଦନ ଜଣାଇଥିଲେ। ପରେ ୫-ଟି ଅଧ୍ୟକ୍ଷ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିଥିବା ନେଇ ସୂଚନା ମିଳିଛି।



ଭୁବନେଶ୍ୱର : ନବୀନ ନିବାସରେ ବିଜୁ ଜନତା ଦଳର ସମର୍ଥକଙ୍କ ଭିଡ଼। (ଫଟୋ : ସମ୍ବାଦକଳିକା)

# ବାରବାଟୀ ଦୁର୍ଗ ଖନନ : ମିଳିଲା ୩ଟି ମନ୍ଦିରର ଭଗ୍ନାବଶେଷ, ହାସଲ ହେଲା ନୌବାଣିଜ୍ୟ କାରବାରର ବ୍ୟାପକ ତଥ୍ୟ

**କଟକ,୫।୪ :ନ୍ୟୁଜ୍‌ବ୍ୟୁରୋ**

ବାରବାଟୀ ଦୁର୍ଗ ଖନନରୁ ଏବେ ନୂଆ ନୂଆ ତଥ୍ୟ ସାମ୍ନାକୁ ଆସୁଛି। ଗତ ୬ ମାସ ଧରି ଏହି ଖନନ ଚାଲିଥିବାବେଳେ ଇତିମଧ୍ୟରେ ଦୁର୍ଗ ଭିତରୁ ତିନିଟି ନୂଆ ମନ୍ଦିରର ଭଗ୍ନାବଶେଷ ମିଳିଛି । ସେଥିରୁ ଗୋଟିଏ ମନ୍ଦିର ନବମ ଶତାବ୍ଦୀର ଅନ୍ୟ ଦୁଇଟି ମନ୍ଦିର ଦ୍ୱାଦଶ ଶତାବ୍ଦୀ ଓ ଏହାର ପରବର୍ତ୍ତୀ ସମୟର ବୋଲି ଅନୁମାନ କରାଯାଉଛି । କେବଳ ସେତିକି ନୁହେଁ ଖନନରୁ କଟକର ନୌବାଣିଜ୍ୟ କାରବାରର ବ୍ୟାପକତା ସଂପର୍କରେ ମଧ୍ୟ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସାମ୍ନାକୁ ଆସିଛି । ଖନନ ପ୍ରକ୍ରିୟାରୁ ବିଭିନ୍ନ ଦେଶର ବହୁ ସାମଗ୍ରୀ ମିଳିଛି। ଏଥିରୁ ପ୍ରମାଣିତ ହେଉଛି, ନୌବାଣିଜ୍ୟ କାରବାରରେ ବେଶ୍ ଆଗୁଆ ଥିଲା କଟକ। କେବଳ ବାଲି, ଜାଭା, ସୁମାତ୍ରା, ଇଣ୍ଡୋନେସିଆ ଭଳି ଦେଶ ସହ ନୁହେଁ ବରଂ ଚୀନ୍, ଭିଏତ୍‌ନାମ, ଆରବ ଦେଶ ସମେତ ଦକ୍ଷିଣ-ପୂର୍ବ ଏସିଆର ବହୁ ଦେଶ ସହ ନୌବାଣିଜ୍ୟ କାରବାର କରୁଥିଲା। ଏହି ସହର ଦେଢ଼ ହଜାର ବର୍ଷ ତଳେ କଟକ ଆର୍ଥିକ, ସାଂସ୍କୃତିକ ଓ ସାମାଜିକ ଦୃଷ୍ଟିରୁ ବେଶ୍ ସମୃଦ୍ଧ ଥିଲା ବୋଲି ଦୁର୍ଗ ଖନନରୁ ଅନେକ ପ୍ରମାଣ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା (ଏଏସ୍‌ଆଇ)ର ହସ୍ତଗତ ହୋଇଛି। ଗତ ୬ ମାସ ଧରି ଚାଲିଥିବା ଖନନରୁ ଅନେକ ନୂଆ ସାମଗ୍ରୀ ହାସଲ ହୋଇଥିବା ଏଏସ୍‌ଆଇର ମୁଖ୍ୟ ଅଧୀକ୍ଷଣ ପ୍ରତ୍ନ ବିତ୍ ଡକ୍ଟର ଡି. ଗଡ଼ନାୟକ ସୂଚନା କହିଛନ୍ତି। ସେ କହିଛନ୍ତି, ଦୁର୍ଗ ଖନନରୁ ନବମ ଶତାବ୍ଦୀର ଚଇନା ପାତ୍ର, ଆରବ ଦେଶର ବିଭିନ୍ନ ସାମଗ୍ରୀ ଆଦି ପ୍ରାପ୍ତ ହୋଇଛି। ସେହିପରି ଚୀନ୍ ଭାଷାର କେତେକ ଲେଖା ମଧ୍ୟ ମିଳିଛି। ଏତଦ୍‌ବ୍ୟତୀତ ବାରବାଟୀ ଦୁର୍ଗ ମଧ୍ୟରେ ତିନୋଟି ମନ୍ଦିର ଥିବାର ପ୍ରମାଣ ମିଳିଛି। ଗୋଟେ ମନ୍ଦିର ନବମ ଶତାବ୍ଦୀ ଅର୍ଥାତ ସୋମବଂଶୀ ରାଜାଙ୍କ ସମୟର ହୋଇଥିଲାବେଳେ ଅନ୍ୟ ଏକ ମନ୍ଦିର ୧୨ତମ ଶତାବ୍ଦୀ ଅର୍ଥାତ ଗଙ୍ଗବଂଶୀଙ୍କ ସମୟର ଏବଂ ଅନ୍ୟ ଏକ ମନ୍ଦିର ସୂର୍ଯ୍ୟବଂଶୀ ରାଜାଙ୍କ ସମୟର। ମନ୍ଦିର ତିଆରିରେ ବ୍ୟବହୃତ ବଉଳମାଳିଆ ପଥର, ବାଲିପଥର ଆଦି ମିଳିଛି। ମନ୍ଦିର ସମ୍ମୁଖରେ ଲାଗିଥିବା ଗୌରୀ-ଶଙ୍କର ମୂର୍ତ୍ତି ମଧ୍ୟ ମିଳିଛି। ଦୁର୍ଗରେ ଥିବା ନବତଳ ପ୍ରସାଦ ସଂପର୍କରେ କିଛି ସାମଗ୍ରୀ ଖନନରୁ ମିଳିଛି। ଅବୁଲ ଫଜଲଙ୍କ ଦ୍ୱାରା ଲିଖିତ ଆଇନ-ଆକବରୀ ପୁସ୍ତକରେ ଏହି ବହୁତଳ ପ୍ରାସାଦ ସମ୍ପର୍କରେ ମଧ୍ୟ ଉଲ୍ଲେଖ ହୋଇଛି । ଏହି ନଅ ମହଲା ପ୍ରାସାଦରେ ବିଭିନ୍ନ ମହଲା ବିଭିନ୍ନ ଉଦ୍ଦେଶ୍ୟରେ ବ୍ୟବହୃତ ହେଉଥିଲା। ଖନନ ସ୍ଥାନରୁ ଶଙ୍ଖ, ବହୁ ପରିମାଣର କଉଡ଼ି ଆଦି ମିଳିଛି। ତେବେ ଏହି ଖନନ କାର୍ଯ୍ୟ ଜାରି ରହିବ ବୋଲି ଶ୍ରୀ ଗଡ଼ନାୟକ କହିଛନ୍ତି। ପାଣି ଭର୍ତ୍ତି ହୋଇଯାଉଥିବାରୁ ଖନନରେ ସାମାନ୍ୟ ସମସ୍ୟା ଦେଖାଯାଉଛି। କିନ୍ତୁ ଯେତିକି ଯେତିକି ତଳକୁ ଖୋଳାଯାଉଛି ସେତିକି ସେତିକି ପୁରୁଣା କୀର୍ତ୍ତିରାଜି ମିଳିବାରେ ଲାଗିଛି ବୋଲି ସେ କହିଛନ୍ତି। ଉଲ୍ଲେଖଯୋଗ୍ୟ, ବିଭିନ୍ନ ସମୟରେ ଏଏସ୍‌ଆଇ ଦ୍ୱାରା ବାରବାଟୀ ଦୁର୍ଗ ଖନନ କରାଯାଉଛି। ପ୍ରଥମେ ୧୯୭୯ ମସିହାରେ ଖନନ ଆରମ୍ଭ ହୋଇଥିଲା। କିଛିବର୍ଷ ଚାଲିବା ପରେ ବନ୍ଦ ହୋଇଯାଇଥିଲା । ପୁନର୍ବାର ୧୯୯୫ରୁ ୯୬ ଗୋଟେ ବର୍ଷ ପର୍ଯ୍ୟନ୍ତ ଖନନ ଚାଲିଲା। ପରେ ୨୦୦୩ରୁ ୨୦୦୬ ଏବଂ ୨୦୦୬ରୁ ୨୦୦୮ ପର୍ଯ୍ୟନ୍ତ ଦୁର୍ଗ ଖନନ କରାଯାଇଥିଲା। ଲମ୍ବା ବ୍ୟବଧାନ ପରେ ଗତବର୍ଷ ଅକ୍ଟୋବରରୁ ପୁଣି ଥରେ ଖନନ ଆରମ୍ଭ ହୋଇଛି।



# ହାଇକୋର୍ଟରେ ବ୍ଲାକ୍‌ରୋଜ୍ ମାମଲା

# ଏପ୍ରିଲ ୧୬କୁ ଘୁଞ୍ଚିଲା ପରବର୍ତ୍ତୀ ଶୁଣାଣି

**କଟକ,୫।୪ :ନ୍ୟୁଜ୍‌ବ୍ୟୁରୋ**

ବହୁଚର୍ଚ୍ଚିତ ବ୍ଲାକ୍‌ରୋଜ୍ ଜାହାଜ ବୁଡ଼ି ଘଟଣାର ସିବିଆଇ ତଦନ୍ତ ପ୍ରସଙ୍ଗ ସମ୍ପର୍କିତ ମାମଲା ହାଇକୋର୍ଟରେ ଶୁଣାଣି ହୋଇଛି । ମୁଖ୍ୟ ବିଚାରପତିଙ୍କ ଖଣ୍ଡପୀଠରେ ଦାୟର ହୋଇଥିବା ମାମଲାର ଶୁଣାଣି କରି ଆସନ୍ତା ଏପ୍ରିଲ ୧୬ ତାରିଖରେ ଏହାର ପରବର୍ତ୍ତୀ ଶୁଣାଣି ପାଇଁ ଦିନ ଧାର୍ଯ୍ୟ କରିଛନ୍ତି କୋର୍ଟ। ତେବେ ଏହି ମାମଲାରେ ପୂର୍ବରୁ ସିବିଆଇ ପକ୍ଷରୁ ହାଇକୋର୍ଟରେ ସତ୍ୟପାଠ ଦାଖଲ କରାଯାଇଥିଲା। ଘଟଣାର ତଦନ୍ତ ଅନୁମତି ପାଇଁ ଦୁଇ ଦୁଇ ଥର ରାଜ୍ୟ ସରକାରଙ୍କୁ ଅନୁରୋଧ କରାଯାଇଥିବା ନେଇ କୋର୍ଟଙ୍କୁ ଅବଗତ କରିଥିଲା ସିବିଆଇ। ପୁଣି ଏମ୍‌ଭି ବ୍ଲାକ୍‌ରୋଜ୍ ଜାହାଜ ବୁଡ଼ି ପ୍ରସଙ୍ଗ ହାଇକୋର୍ଟରେ ପହଞ୍ଚିଛି। ମୁଖ୍ୟ ବିଚାରପତି ଜଷ୍ଟିସ୍ ଚକ୍ରଧାରୀ ଶରଣ ସିଂହ ଓ ଜଷ୍ଟିସ୍ ଏମ୍. ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠରେ ଏ ସମ୍ପର୍କିତ ଜନସ୍ୱାର୍ଥ ମାମଲାର ଶୁଣାଣି ହୋଇଥିଲା। ମାର୍ଚ୍ଚ ୪ର ନିର୍ଦ୍ଦେଶ ଅନୁସାରେ ନିଜ ସମ୍ପର୍କରେ ଆବେଦନକାରୀଙ୍କ ପକ୍ଷରୁ ଏକ ତଥ୍ୟ ସମ୍ବଳିତ ଅତିରିକ୍ତ ସତ୍ୟପାଠ ଦାଖଲ କରାଯାଇଥିଲା। ସତ୍ୟପାଠର କପି କେନ୍ଦ୍ର, ରାଜ୍ୟ ସରକାର ଓ ଅନ୍ୟ ପ୍ରତିପକ୍ଷଙ୍କୁ ପ୍ରଦାନ ପାଇଁ ଆବେଦନକାରୀଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ।

ସୂଚନାଯୋଗ୍ୟ ଯେ, ୨୦୦୯ ସେପ୍ଟେମ୍ବର ୯ରେ ପାରାଦ୍ୱୀପ ଉପକୂଳରେ ଏମଭି ବ୍ଲାକ୍‌ରୋଜ୍ ଜାହାଜ ବୁଡ଼ି ଯାଇଥିଲା। ଏହି ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ କରି ଚାର୍ଜସିଟ୍ ଦାଖଲ କରିଥିଲା। ବେଆଇନ ଆଇରନ ଓର ଓ ଖଣିଜ ଦ୍ରବ୍ୟ ପରିବହନ ବେଳେ ଏହି ଜାହାଜ ବୁଡ଼ି ଯାଇଥିବା ଅଭିଯୋଗ ହୋଇଥିଲା। ଏହି କାରବାରର ଚେର ବିଦେଶ ପର୍ଯ୍ୟନ୍ତ ଲମ୍ବିଥିବା କୁହାଯାଇଥିଲା। କେନ୍ଦ୍ର ଜାହାଜ ଚଳାଚଳ ବିଭାଗ ଏହାର ସିବିଆଇ ତଦନ୍ତ ସପକ୍ଷରେ ମତ ଦେଇଥିଲା। କିନ୍ତୁ ରାଜ୍ୟ ସରକାର ସିବିଆଇକୁ ତଦନ୍ତ ପାଇଁ ଦାୟିତ୍ୱ ଦେଇନଥିଲେ। ବ୍ଲାକ୍‌ରୋଜ୍ ବୁଡ଼ି ଘଟଣାର ତଦନ୍ତ ପାଇଁ ସିବିଆଇକୁ ନିର୍ଦ୍ଦେଶ ଦିଆଯାଉ ବୋଲି ଆବେଦନକାରୀ କୋର୍ଟରେ ପ୍ରାର୍ଥନା କରିଥିଲେ। ସୂଚନା ଅଧିକାର କର୍ମୀ ପ୍ରଦୀପ କୁମାର ପ୍ରଧାନ ପକ୍ଷରୁ ଏହି ଜନସ୍ୱାର୍ଥ ମାମଲା ଦାୟର ହୋଇଥିଲା।



# ସପ୍ତାହରେ ଟଙ୍କା ଡବଲ କରାଇଦେବାକୁ କହି ୮୫ ଲକ୍ଷ ଠକେଇ

**ଭୁବନେଶ୍ୱର,୫।୪ :ନ୍ୟୁଜ୍‌ବ୍ୟୁରୋ**

ଲୋଭରୁ କ୍ଷତି। ବିନା ପରିଶ୍ରମରେ ଲକ୍ଷପତି ହେବା ବୋକାମୀ। ସାଇବର ଠକମାନେ ଆଜିକାଲି ଲୋକଙ୍କୁ କମ୍ ପରିଶ୍ରମରେ ଲକ୍ଷପତି ହେବାର ଲୋଭ ଦେଖାଇ ଠକୁଛନ୍ତି। ପୁଲିସ ପକ୍ଷରୁ ଓ ଗଣମାଧ୍ୟମରେ ସଚେତନମୂଳକ ଖବର ମଧ୍ୟ ପ୍ରକାଶିତ ହେଉଛି । କିନ୍ତୁ ଲୋକେ ଠକାମୀରୁ ବର୍ତ୍ତିପାରୁ ନାହାନ୍ତି। ସପ୍ତାହରେ ଟଙ୍କା ଡବଲ କରେଇଦେବାକୁ କହି ୮୫ ଲକ୍ଷ ଟଙ୍କା ଠକେଇ ହୋଇଥିବା ନେଇ ସାଇବର ଥାନାରେ ଅଭିଯୋଗ ହୋଇଛି। ସାଇବର ଥାନା ଏସ୍‌ପି ଅଞ୍ଜନା ଟୁଡୁ କହିଛନ୍ତି, ପୁରୀର ଅଭିଯୋଗକାରୀ ବିଶ୍ୱଜିତ ମହାନ୍ତି ସାଇବର ଥାନାରେ ଠକ ପ୍ରକାଶ ଚନ୍ଦ୍ର ସ୍ୱାଇଁଙ୍କ ବିରୋଧରେ ଅଭିଯୋଗ କରିଥିଲେ। ପୁଲିସ ଠକ ପ୍ରକାଶ ଚନ୍ଦ୍ର ସ୍ୱାଇଁକୁ ଗିରଫ କରିଛି। ଜୁମ୍‌ରେ ଟ୍ରେଡ଼ିଂ ଆପ୍‌ରେ କେମିତି ଟଙ୍କା ନିବେଶ କରିବେ ସେନେଇ ଟ୍ରେନିଂ ନେଇଥିଲା ଠକ। ୮୫ଲକ୍ଷ ଟଙ୍କା ଠକେଇ ନେଇ ସାଇବର ଥାନାରେ ଅଭିଯୋଗ ହୋଇଥିଲା। ଗିଫ୍ଟ କାର୍ଡ କମ୍ପାନିରେ ଚାକିରି କରୁଥିଲା ଠକ। ଠକେଇ ଟଙ୍କାକୁ ଟ୍ରେଡ଼ିଂରେ ଲଗାଇଥିଲା। ଟ୍ରେଡ଼ିଂରେ କ୍ଷତି ହେବା ପରେ ଲୋକଙ୍କୁ ଆଉ ଟଙ୍କା ଦେଇ ପାରିନଥିଲା ଠକ ପ୍ରକାଶ। ଅଭିଯୁକ୍ତ ପ୍ରକାଶ ଠାରୁ ମୋବାଇଲ ଜବତ କରିଛି ପୁଲିସ।

# ଲୁଟ୍ ଟଙ୍କା ଉଦ୍ଧାର : ୪ ଲୁଟେରା ଗିରଫ

**ଭୁବନେଶ୍ୱର,୫।୪ :ନ୍ୟୁଜ୍‌ବ୍ୟୁରୋ**

ବ୍ୟବସାୟୀଙ୍କଠାରୁ ଲୁଟ୍ ଘଟଣାର ପର୍ଦ୍ଦାଫାସ କରିଛି ଭୁବନେଶ୍ୱର କମିଶନରେଟ୍ ପୁଲିସ୍। ଏହି ଅଭିଯୋଗରେ ପୁଲିସ୍ ୪ ଜଣଙ୍କୁ ଗିରଫ କରିଛି। ଲୁଟ୍ ହୋଇଥିବା ଟଙ୍କା ଭିତରୁ ୯ ଲକ୍ଷ ୬୯ ହଜାର ଟଙ୍କା ଜବତ କରିଛି ପୁଲିସ। ଭୁବନେଶ୍ୱରର ଶାସ୍ତ୍ରୀନଗର ଉଦୟଭାନୁ ବିଶ୍ୱାଳଙ୍କର ଖୁଚୁରା ଟଙ୍କା କାରବାର ବ୍ୟବସାୟ ରହିଛି। ସେ ବଡ଼ ନୋଟ୍ ବଦଳରେ ଖୁଚୁରା ଦେଇ କମିଶନ ପାଆନ୍ତି। ତେଣୁ ଉଦୟଭାନୁ, ତାଙ୍କ ଦୁଇ ସହଯୋଗୀ ଶମ୍ଭୁନାଥ ସାହୁ ଓ ଧର୍ମେନ୍ଦ୍ର ରେଡ୍ଡୀ ଗତ ୩୧ ତାରିଖ ରାତିରେ ଛତ୍ରପୁରରୁ ଟଙ୍କା ଧରି ରାତିରେ ଭୁବନେଶ୍ୱର ଫେରୁଥିଲେ। ତେବେ ପିତାପଲ୍ଲୀ ଛକରେ ସୋମନାଥ ଜେନା, ଦୀପ୍ତି ରଞ୍ଜନ ବଳିଆରସିଂ, ଆଶିଷ କୁମାର ଦାସ ଓ ସ୍ମୃତି ରଞ୍ଜନ ସିଂ ନିଜକୁ ପୁଲିସ୍ ଅଫିସର ବୋଲି ପରିଚୟ ଦେଇ ସେମାନଙ୍କୁ ଅଟକାଇଥିଲେ। ପରେ ସେମାନେ ଟଙ୍କା ବ୍ୟାଗ୍ ଧରି ଚମ୍ପଟ୍ ମାରିଥିଲେ। ଏନେଇ ଇନ୍‌ଫୋ ଭ୍ୟାଲି ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତିକରି ପୁଲିସ୍ ଘଟଣାର ତଦନ୍ତ ପାଇଁ ୪ ଜଣିଆ ଟିମ୍ ଗଠନ କରିଥିଲା। ୪ ଅଭିଯୁକ୍ତ ସୋମନାଥ ଜେନା, ଦୀପ୍ତି ରଞ୍ଜନ ବଳିଆରସିଂ, ଆଶିଷ କୁମାର ଦାସ ଓ ସ୍ମୃତି ରଞ୍ଜନ ସିଂଙ୍କୁ ଗିରଫ କରିବାରେ ସଫଳ ହୋଇଛି। ସେମାନଙ୍କଠାରୁ ୯ ଲକ୍ଷ ୬୯ ହଜାର ଟଙ୍କା, ୩ଟି ବାଇକ୍ ଓ ମୋବାଇଲ ଜବତ କରିଛି ପୁଲିସ୍। ଏହି ଲୁଟ୍‌ର ମାଷ୍ଟର ମାଇଣ୍ଡ ହେଉଛନ୍ତି ସୋମନାଥ ଜେନା। ତାଙ୍କ ନାଁରେ ହତ୍ୟା ଓ ଲୁଟ୍ ମାମଲା ରହିଛି। ସେ ହତ୍ୟା ମାମଲାରେ ଜେଲ୍ ଯାଇଥିଲେ। ବେଲ୍‌ରେ ଆସି ଲୁଟ୍ କରିଥିଲେ।

# ସବୁ ଡ୍ରେନ୍‌ରେ ସ୍ଲାବ୍ ପକାଇବାକୁ ୨ରୁ ୩ ବର୍ଷ ଲାଗିବ : ସିଏମ୍‌ସି କମିଶନର

**କଟକ,୫।୪ :ନ୍ୟୁଜ୍‌ବ୍ୟୁରୋ**

ମୁକୁଳା ଡ୍ରେନ୍‌ରେ ପଡ଼ି ଯୁବକଙ୍କ ମୃତ୍ୟୁ ଘଟଣାରେ ସିଏମ୍‌ସି କମିଶନର ବିଜୟ କୁମାର ଦାଶ ପ୍ରତିକ୍ରିୟା ରଖିଛନ୍ତି। ମୁକୁଳା ଡ୍ରେନ୍ ସମସ୍ୟାକୁ ନେଇ କମିଶନର କହିଛନ୍ତି ଯେ, ଆକ୍ସନ ପ୍ଲାନ ତିଆରି ହୋଇଛି। ସବୁ ଡ୍ରେନ୍‌ରେ ସଙ୍ଗେ ସଙ୍ଗେ ସ୍ଲାବ୍ ପକାଇବା ସମ୍ଭବପର ନୁହେଁ। ଏହାର ସ୍ଥାୟୀ ସମାଧାନ ପାଇଁ ୨ ରୁ ୩ ବର୍ଷ ସମୟ ଲାଗିବ। କାରଣ କଟକ ସହରର ୫୯ଟି ୱାର୍ଡରେ ଅନେକ ବଡ଼ ଓ ଛୋଟ ଡ୍ରେନ ରହିଛି। କିଛି ସ୍ଥାନରେ ସ୍ଲାବ୍ ପଡ଼ିଥିବା ବେଳେ ଆଉ କିଛି ସ୍ଥାନରେ ଖୋଲା ଅଛି। ସବୁଠି ସ୍ଲାବ୍ ପଡ଼ିବା ପାଇଁ ନିର୍ଦ୍ଦେଶ ରହିଛି। ବଡ଼ ବଡ଼ ଡ୍ରେନ୍‌ରେ ବ୍ୟାରିକେଡ୍ କରି ବନ୍ଦ କରାଯିବ। ଏହି କାର୍ଯ୍ୟ ତ୍ୱରିତ ଢଙ୍ଗରେ ଜାରି ରହିଛି। ଗୁରୁବାର କଟକର ନୂଆବଜାର ମହିମା ନଗର ସ୍ଥିତ ମଙ୍ଗଳା ମନ୍ଦିର ନିକଟରେ ଥିବା ଡ୍ରେନ୍‌ରେ ପଡ଼ି ଜଣେ ଯୁବକଙ୍କର ମୃତ୍ୟୁ ହୋଇଥିଲା। ମୃତ ଯୁବକଙ୍କ ଘର ପଶ୍ଚିମବଙ୍ଗ ମୁର୍ସିଦାବାଦ ଅଞ୍ଚଳରେ। ସେ କଟକରେ ରହି ରାଜମିସ୍ତ୍ରୀ ଭାବେ କାର୍ଯ୍ୟ କରୁଥିଲେ। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ବୁଧବାର ରାତିରେ ଯୁବକ ଜଣକ ସେହି ଡ୍ରେନ୍ ପାଖରେ ଥିବା ଏକ ଦୋକାନ ବାରଣ୍ଡାରେ ବସିଥିବା ବେଳେ ଗୁରୁବାର ସକାଳେ ଡ୍ରେନ ଭିତରେ ତାଙ୍କର ମୃତଦେହ ଭାସୁଥିବାର ଦେଖିବାକୁ ମିଳିଥିଲା। ଏନେଇ ଲୋକେ ପୋଲିସ ଓ ଆମ୍ବୁଲାନ୍ସକୁ ଖବର ଦେବା ପରେ ଆମ୍ବୁଲାନ୍ସରେ ମୃତଦେହକୁ ହସ୍ପିଟାଲ ପଠାଯାଇଥିଲା। ତେବେ ମାସେ ହେଲା ଠିକାଦାର ଡ୍ରେନ୍‌ର ସ୍ଲାବ୍ ଖୋଲି ମୁକୁଳା ଛାଡ଼ି ଦେଇ ଛୁ' ହୋଇଯାଇଛି, ଯେଉଁ କାରଣରୁ ଯୁବକ ଜଣକ ଏହି ମୁକୁଳା ଡ୍ରେନ୍‌ରେ ପଡ଼ି ପ୍ରାଣ ହରାଇଥିବା ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି। ଡ୍ରେନ୍ ଉପରେ ସ୍ଲାବ। ପକାଇବାକୁ ବାରମ୍ବାର ଅଭିଯୋଗ କରିବା ପରେ ମଧ୍ୟ ପ୍ରଶାସନ କୌଣସି ପଦକ୍ଷେପ ନେଉନଥିବା ଅଭିଯୋଗ ହୋଇଛି। ଯୁବକଙ୍କ ମୃତ୍ୟୁ ଖବର ଜଣାପଡିବା ପରେ ସିଏମ୍‌ସି କର୍ତ୍ତୃପକ୍ଷ ତୁରନ୍ତ ସେହି ଡ୍ରେନ୍‌ରେ ସ୍ଲାବ ପକାଇଛନ୍ତି। ତେବେ ସହରର ସବୁ ମୁକୁଳା ଡ୍ରେନ୍‌ରେ ସ୍ଲାବ୍ ପକାଇବାକୁ ଆହୁରି ୨ରୁ ୩ ବର୍ଷ ଲାଗିବ ବୋଲି ସିଏମ୍‌ସି କମିଶନର କହିଥିବା ବେଳେ ଏହାରି ଭିତରେ ଆଉ କେତେ ଯେ ଧନ ଜୀବନ ହାନି ହେବ ତାହା ସମୟ କହିବ।

# ବିବାହ ଭୋଜି ଚୁଲିରେ ପଡ଼ିଗଲା ଶିଶୁ

**କୋକସରା,୫।୪ :ନ୍ୟୁଜ୍‌ବ୍ୟୁରୋ**

କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ୍ ଆମପାଣି ପଞ୍ଚାୟତ କନ୍ଦାଗଡ଼ ଗାଁରେ ଘଟିଯାଇଛି ଅଭାବନୀୟ ଘଟଣା। ଦୁର୍ଯୋଧନ ମାଝୀଙ୍କ ୩ ବର୍ଷର ଶିଶୁପୁତ୍ର ମୋଟୁ ମାଝୀ ଶୁକ୍ରବାର ନିଆଁରେ ପୋଡ଼ି ଆହତ ହୋଇଛନ୍ତି। ଗାଁରେ ଏକ ବିବାହ ଭୋଜି ହେଉଥିବା ବେଳେ ଭୋଜି ସରିବା ପରେ ରାନ୍ଧିବା ସ୍ଥାନରେ ଥିବା ଚୁଲିର ନିଆଁରେ ଶିଶୁଟି ଅସାବଧାନତାରେ ପଡ଼ି ଯାଇଥିଲା। ଗୁରୁତର ଅବସ୍ଥାରେ ପରିବାର ଲୋକେ ଶିଶୁକୁ କୋକସରା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ।




## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

**ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।**

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

# ଜଳବାୟୁ ପରିବର୍ତ୍ତନ ପ୍ରଭାବ : ମାସେ ବିଳମ୍ବରେ ଅଲିଭ ରିଡ୍‌ଲେ ସାମୁହିକ ଅଣ୍ଡାଦାନ ପ୍ରକ୍ରିୟା ଆରମ୍ଭ

**କେନ୍ଦ୍ରାପଡ଼ା,୫।୪ :ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡ଼ା ଉପକୂଳର ଗହୀର ମଥା, ବିରଳ ଅଲିଭ ରିଡ୍‌ଲେ କଇଁଛଙ୍କ ଅନ୍ତୁଡ଼ିଶାଳରେ ଗଣ ଅଣ୍ଡାଦାନ ପ୍ରକ୍ରିୟା ଆରମ୍ଭ ହୋଇଛି। ପ୍ରଥମ ଦିନରେ ପ୍ରାୟ ୮୦ ହଜାର କଇଁଛ ଗଣ ଅଣ୍ଡାଦାନ ପ୍ରକ୍ରିୟାରେ ସାମିଲ ହୋଇଥିବା ବନ ବିଭାଗ ସୂତ୍ରରୁ ଜଣାପଡ଼ିଛି। ଅଲିଭ ରିଡ୍‌ଲେ ମା' କଇଁଛମାନେ କୂଳଠାରୁ ୧ କିମି ଭିତରେ ଦୀର୍ଘ ୨ମାସ ହେଲା ଭିଡ଼ ଜମାଇ ଥିଲେ ମଧ୍ୟ ପାଗ ଅନୁକୂଳ ହେଉ ନ ଥିବାରୁ ଗଣ ଅଣ୍ଡାଦାନ ପ୍ରକ୍ରିୟାରେ ସାମିଲ ହେଉ ନ ଥିଲେ। ବୁଧବାରଠାରୁ ପାଗ ଶୃଙ୍ଖଳା ସାଙ୍ଗକୁ ଦକ୍ଷିଣା ପବନ ବୋହିବାରୁ ଗୋଟିଏ ଦିନରେ ୮୦ ହଜାର ମା' ଅଲିଭ ରିଡ୍‌ଲେ ଗଣ ଅଣ୍ଡାଦାନ କରିଛନ୍ତି।

ବୁଧବାର ସନ୍ଧ୍ୟାରୁ ହଠାତ୍ ଦଳ ଦଳ ହୋଇ ମା' କଇଁଛମାନେ ଗହୀରମଥାର ନାସୀ-୨ ବାଲୁକା ଶଯ୍ୟାକୁ ଉଠି ଗଣ ଅଣ୍ଡାଦାନ ପ୍ରକ୍ରିୟାରେ ସାମିଲ ହୋଇଥିଲେ। ଭୋର ଯାଏ ଏହି ପ୍ରକ୍ରିୟା ଜାରି ରହିଥିଲା। ପ୍ରଥମଦିନରେ ଏହି ସଂଖ୍ୟା ଭଲ ଥିବାରୁ ଓ ମା' କଇଁଛମାନେ କୂଳରେ ଥିବାରୁ ଚଳିତବର୍ଷ ରେକର୍ଡ ସଂଖ୍ୟକ ଗଣ ଅଣ୍ଡାଦାନ ହେବା ନେଇ ଆଶା ପ୍ରକାଶ ପାଇଛି। ମା' କଇଁଛ ମାନେ ବେଳାଭୂମି ବାଲିରେ ପଛପଟ ଗୋଡରେ ୧ ଫୁଟରୁ ଦେଢ଼ ଫୁଟ୍ ଗଭୀର ଗାତ ଖୋଳିଥାନ୍ତି। ଗାତ ଖୋଳିବା ପରେ ମା' କଇଁଛ ପ୍ରାୟ ୧୦୦ଟି ଉପରେ ଅଣ୍ଡା ଦେଇଥାଏ। ପ୍ରତ୍ୟେକ ଅଣ୍ଡାର ଆକାର ଗୋଟିଏ ପିଙ୍ଗ ପିଙ୍ଗ ବଲ ପରି। ଅଣ୍ଡାର ଖୋଳପା ନମନୀୟ ହୋଇଥିବାରୁ ଅଣ୍ଡା ଗାଳିବା ସମୟରେ ତାହା ଫାଟି ନ ଥାଏ। ଅଣ୍ଡା ଦେଇ ସାରିବା ପରେ ମା' କଇଁଛ ତା'ର ଗାତକୁ ବାଲି ଘୋଡ଼ାଇ ଲୁଚାଇ ପକାଇ ପୁଣି ସମୁଦ୍ରକୁ ଫେରିଯାଏ। ସୂର୍ଯ୍ୟଙ୍କ ଉତ୍ତାପରେ ଉଷ୍ମୁମ ହୋଇ ଅଣ୍ଡାଗୁଡ଼ିକରୁ ୪୫ ରୁ ୬୦ ଦିନ ମଧ୍ୟରେ କଇଁଛ ଶାବକ ବାହାରିଥାନ୍ତି। ବିରଳ ଅଲିଭରିଡ୍‌ଲେ କଇଁଛଙ୍କ ଗଣ ଅଣ୍ଡାଦାନ ପ୍ରକ୍ରିୟା ଆରମ୍ଭ ହୋଇଥିବାରୁ ଏମାନଙ୍କ ସୁରକ୍ଷା ପାଇଁ ବନ ବିଭାଗ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ଅଣ୍ଡାଦାନ ସ୍ଥଳକୁ ବାଡ଼ ବୁଜାଯିବା ସହ ବନ କର୍ମଚାରୀମାନେ ଅଣ୍ଡାଦାନ ସ୍ଥଳକୁ ଜଗି ରହିଛନ୍ତି। ରାଜନଗର ଓ ଭଦ୍ରକ ଡିଭିଜନ ପକ୍ଷରୁ ଅଲିଭରିଡ୍‌ଲେଙ୍କ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ରାଜନଗର ଡିଏଫ୍‌ଓ ସୁଦର୍ଶନ ଗୋପୀନାଥ ଯାଦବ, ଗହୀରମଥା ରେଞ୍ଜ ଅଫିସର ପ୍ରଦୋଷ କୁମାର ମହାରଣା ପ୍ରମୁଖ ଅଣ୍ଡାଦାନ ସ୍ଥଳରେ ସୁରକ୍ଷା ବ୍ୟବସ୍ଥା ଅନୁଧ୍ୟାନ କରୁଛନ୍ତି। ଚଳିତବର୍ଷ ଶତାଧିକ ଅଲିଭ ରିଡ୍‌ଲେଙ୍କ ମୃତ୍ୟୁ ଉଦ୍‌ବେଗ ସୃଷ୍ଟି କରିଥିଲା। କଇଁଛଙ୍କ ମୃତ୍ୟୁ ସାଙ୍ଗକୁ ଠିକ୍ ସମୟରେ ପ୍ରତିକୂଳ ପାଗ ଯୋଗୁ ଗଣ ଅଣ୍ଡାଦାନ ପ୍ରକ୍ରିୟାରେ ବିଳମ୍ବ ହୋଇଥିଲା। କୂଳରେ କଇଁଛ ଥିବାରୁ ଚଳିତବର୍ଷ ରେକର୍ଡ ସଂଖ୍ୟକ ଗଣଅଣ୍ଡାଦାନ ହେବା ନେଇ ଆଶା ପ୍ରକାଶ ପାଇଛି। ବନ ବିଭାଗ ରିପୋର୍ଟ ମୁତାବକ, ୨୦୧୯-୨୦ରେ ୪ ଲକ୍ଷ ୭ହଜାର ୨୦୪ଟି କଇଁଛ, ୨୦୨୦-୨୧ରେ ୩ ଲକ୍ଷ ୪୯ ହଜାର ୬୪୯, ୨୦୨୧-୨୨ରେ ୫ ଲକ୍ଷ ୧ହଜାର ୧୫୭ଟି କଇଁଛ, ଗତବର୍ଷ ୨୦୨୨-୨୩ରେ ୫ ଲକ୍ଷ ୧୨ ହଜାର ୧୩୫ କଇଁଛ ଗଣଅଣ୍ଡାଦାନ ପ୍ରକ୍ରିୟାରେ ସାମିଲ ହୋଇଥିଲେ।



## ପ୍ରକାଶ ଅପେକ୍ଷାରେ...

## 'କଥାକଳିକା'ର ଏପ୍ରିଲ ସଂଖ୍ୟା, ୨୦୨୪




### ଏଥର ସଂଖ୍ୟାରେ...

**ସ୍ମରଣୀୟ କଥା :** ସଚ୍ଚିଦା ନନ୍ଦ କର,
**ସମକାଳର କଥା :** ଶୈଳେନ୍ଦ୍ର କୁମାର ଜେନା, ମନୋଜ ମହାନ୍ତି, ଭାଗିରଥୀ ବେହେରା, ସୁନୀତା କର, ନଗେନ୍ଦ୍ର କୁମାର ପ୍ରଧାନ, ସୁନନ୍ଦା ମହାନ୍ତି।
**ଅନ୍ୟଭାଷାର କଥା :** ଦେବସ୍ମିତା ବେହେରା।
**ଯୁବ ମାନସର କଥା :** ପଦ୍ମାଳୟା ପାଢ଼ୀ, ଶିବମ୍ ପଟ୍ଟନାୟକ, ସତ୍ୟ ରଂଜନ ସାହୁ, ଅଶୋକ କୁମାର ମିଶ୍ର, ପ୍ରକାଶ କୁମାର ସାହୁ, ମନୋରମା ସାହୁ ଏବଂ 'କଥାକଳିକା' ୧୦ମ ବାର୍ଷିକ ଜନ୍ମ ଉତ୍ସବ ସମାଚାର।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

**ଯୋଗାଯୋଗ କରନ୍ତୁ**
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ - (୦୬୭୪)
୨୫୪୧୪୪୮, ୨୫୪୫୦୪୬,
ଫାକ୍ସ : ୨୫୪୫୬୭୮
E-mail: kathakalika@gmail.com

ପୃଷ୍ଠା-୬୮ ଏ ସଂଖ୍ୟାର ମୂଲ୍ୟ ୩୦ ଟଙ୍କା ମାତ୍ର ।
'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ ।
କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/- (୨ଟି ବିଶେଷ ସଂଖ୍ୟା ସହ)